CMYK

* Vol.- 46, Issue No. 17
* Friday, 17 April 2026
* ଶୁକ୍ରବାର, ୧୭ ଏପ୍ରିଲ ୨୦୨୬
* Bhubaneswar
* Price: Rs. 2.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

* https://www.facebook.com/dinalipilive
* www.youtube.com/@dinalipilive
* https://www.dinalipi.com
* https://www.dinalipiepaper.com
* https://www.dinalipi.in
* twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

## ସଂସଦରେ ମହାବିତର୍କ

# ମୁଁ ସମ୍ବିଧାନ ନିର୍ମାତାଙ୍କ ନିକଟରେ ଋଣୀ: ମୋଦି



ନୂଆଦିଲ୍ଲୀ,୧୬।୪: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଲୋକସଭାରେ ନାରୀ ଶକ୍ତି ବନ୍ଦନ ବିଲ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଛନ୍ତି। ସେ କହିଛନ୍ତି, ଯେବେଠାରୁ ଆମ ଦେଶରେ ମହିଳା ସଂରକ୍ଷଣ ଉପରେ ଆଲୋଚନା ଆରମ୍ଭ ହୋଇଛି ଏବଂ ସେବେଠାରୁ ପ୍ରତ୍ୟେକ ନିର୍ବାଚନରେ ଦେଶର ମହିଳାମାନେ ଏହି ଅଧିକାରକୁ ବିରୋଧ କରିଥିବା କାହାକୁ କ୍ଷମା କରିନାହାଁନ୍ତି। ସେମାନଙ୍କର ଅବସ୍ଥା ଆହୁରି ଖରାପ କରିଛନ୍ତି। ୨୦୨୪ ନିର୍ବାଚନରେ ଏହା ହୋଇ ନ ଥିଲା। କାରଣ ସମସ୍ତେ ସର୍ବସମ୍ମତିକ୍ରମେ ଏହାକୁ ପାସ କରିଥିଲେ। କେହି ରାଜନୈତିକ ଲାଭ ପାଇ ନ ଥିଲେ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଏହା ଭାରତର ସଂସଦୀୟ ଗଣତନ୍ତ୍ରର ଇତିହାସରେ ସମାନ ମୁହୂର୍ତ୍ତ। ଯଦି ୨୫-୩୦ ବର୍ଷ ପୂର୍ବରୁ ଆବଶ୍ୟକତା ଅନୁଭବ କରାଯାଇଥାନ୍ତା, ତେବେ ଏହାକୁ କାର୍ଯ୍ୟକାରୀ କରାଯାଇ ପାରିଥାନ୍ତା ଏବଂ ପରିପକ୍ୱତା ଅଣାଯାଇ ପାରିଥାନ୍ତା, ଏବଂ ଉନ୍ନତି କରାଯାଇ ପାରିଥାନ୍ତା। ଆମର ଗଣତନ୍ତ୍ର ହଜାର ହଜାର ବର୍ଷ ଧରି ବିକାଶର ଯାତ୍ରା ହୋଇଆସିଛି। ଏହି ବିକାଶରେ ନୂତନ ପରିମାଣ ଯୋଡ଼ିବାର ଶୁଭ ସୁଯୋଗ ଗୃହର ସମସ୍ତ ସଦସ୍ୟଙ୍କୁ ମିଳିଛି। ଆମେ ସମସ୍ତେ ଭାଗ୍ୟବାନ। ନୀତି ନିର୍ଦ୍ଧାରଣର ଅଂଶ ହେବା ଆମ ପାଇଁ ସୌଭାଗ୍ୟ। ଏକାଠି ଆମେ ଭାରତୀୟମାନେ ଦେଶକୁ ଏକ ନୂତନ ଦିଗଦର୍ଶନ ଦେବାକୁ ଯାଉଛୁ। ପ୍ରଧାନମନ୍ତ୍ରୀ ମୋଦି ଆହୁରି କହିଛନ୍ତି, ୨୧ ଶତାବ୍ଦୀରେ ଭାରତ ଏକ ନୂତନ ଆତ୍ମବିଶ୍ୱାସ ସହିତ ଆଗକୁ ବଢୁଛି। ଆମେ ବିଶ୍ୱସ୍ତରୀୟ ଗ୍ରହଣୀୟତା ମଧ ଅନୁଭବ କରୁଛୁ। ଆମେ ଏହି ସମୟକୁ ଭାରତର ବିକାଶ ପାଇଁ ସଂକଳ୍ପ ସହିତ ଯୋଡ଼ିଛୁ। ବିକଶିତ ଭାରତ କେବଳ ଉତ୍କୃଷ୍ଟ ରେଳପଥ ଏବଂ ରାସ୍ତା କିମ୍ବା ଆର୍ଥିକ ପ୍ରଗତି ଚିତ୍ର ନୁହେଁ। ଆମେ ଏକ ବିକଶିତ ଭାରତ ଚାହୁଁ ଯାହାର ନୀତି ନିର୍ଦ୍ଧାରଣରେ 'ସବ୍‌କା ସାଥ୍, ସବକା ବିକାଶ' ମନ୍ତ୍ର ଅନ୍ତର୍ଭୁକ୍ତ। ଦେଶର ଜନସଂଖ୍ୟାର ୫୦ ପ୍ରତିଶତ ନୀତି ନିର୍ଦ୍ଧାରଣର ଅଂଶ ହେବା ଉଚିତ। ମୋଦି କହିଛନ୍ତି, ମୁଁ ଏକ ଅତ୍ୟନ୍ତ ପଛୁଆ ସମ୍ପ୍ରଦାୟରୁ ଆସିଛି। ଏହା ସମ୍ବିଧାନର ଶକ୍ତି ଯେ ଦେଶ ଏତେ ପଛୁଆ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ଏତେ ବଡ଼ ଦାୟିତ୍ୱ ଦେଇଛି। ମୁଁ ଦେଶ ଏବଂ ସମ୍ବିଧାନ ନିର୍ମାତାଙ୍କ ନିକଟରେ ଋଣୀ। ଆମର ଝିଅମାନେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରୁଛନ୍ତି। ଆମେ କାହିଁକି ସେମାନଙ୍କ ଅଂଶଗ୍ରହଣକୁ ରୋକିବା ପାଇଁ ଆମର ଶକ୍ତି ନଷ୍ଟ କରୁଛୁ ? ଏହାକୁ ରାଜନୀତିର ମାପରେ ଓଜନ କରନ୍ତୁ ନାହିଁ। ଏହା ଜାତୀୟ ସ୍ୱାର୍ଥ ପାଇଁ ଏକ ନିଷ୍ପତ୍ତି। ଆଜି ଏକତ୍ର ବସିବା, ଗୋଟିଏ ଦିଗରେ ଚିନ୍ତା କରିବା ଏବଂ ଏକ ବିକଶିତ ଭାରତ ନିର୍ମାଣରେ ମହିଳା ଶକ୍ତିର ଅଂଶଗ୍ରହଣକୁ ସ୍ୱୀକାର କରିବାର ସୁଯୋଗ। ମହିଳା ଶକ୍ତି ଆମର ନିଷ୍ପତ୍ତିକୁ ଦେଖିବ ଏବଂ ନିଷ୍ପତ୍ତି ଅପେକ୍ଷା ଅଧିକ, ସେମାନେ ଆମର ଉଦ୍ଦେଶ୍ୟକୁ ଦେଖିବେ। ମହିଳା ଶକ୍ତି ଆମର ତ୍ରୁଟିପୂର୍ଣ୍ଣ ଉଦ୍ଦେଶ୍ୟକୁ କେବେ କ୍ଷମା କରିବ ନାହିଁ। ଆମେ ଏହି ଭ୍ରମରେ ନାହୁଁ ଯେ, ଆମେ ମହିଳା ଶକ୍ତିକୁ କିଛି ଦେଉଛୁ। ଏହା ସେମାନଙ୍କର ଅଧିକାର। ଆମେ ଏହାକୁ ଦଶନ୍ଧି ଧରି ଅଟକାଇ ରଖିଛୁ। ଆଜି ଏହାର ପ୍ରାୟଶ୍ଚିତ କରିବାର ସୁଯୋଗ।

# ଦକ୍ଷିଣ ରାଜ୍ୟଗୁଡ଼ିକୁ ନେଇ ରାଜନୈତିକ ଦ୍ୱନ୍ଦ୍ୱ ଦୂରକଲେ ଶାହ

ନୂଆଦିଲ୍ଲୀ,୧୬।୪: ନୂତନ ସୀମା ନିର୍ଦ୍ଧାରଣ ପରେ ଦକ୍ଷିଣ ରାଜ୍ୟଗୁଡିକ ସଂସଦରେ ପ୍ରତିନିଧିତ୍ୱ ହରାଇବେ ବୋଲି ଆଶଙ୍କା କରି ଦେଉଥିବା ବୟାନକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜି ଲୋକସଭାରେ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ସେମାନଙ୍କର ଅଂଶ ହ୍ରାସ ପାଇବ ନାହିଁ ବରଂ ବୃଦ୍ଧି ପାଇବ ଏବଂ ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ସମସ୍ତ ନିର୍ବାଚନ ବର୍ତ୍ତମାନର ବ୍ୟବସ୍ଥାରେ ଅନୁଷ୍ଠିତ ହେବ। ଲୋକସଭାରେ ମହିଳା ସଂରକ୍ଷଣ ଆଇନ ସହ ଜଡିତ ସମ୍ବିଧାନ ସଂଶୋଧନ ବିଲ୍-୨୦୨୬, ସୀମା ନିର୍ଦ୍ଧାରଣ ବିଲ୍-୨୦୨୬ ଏବଂ 'କେନ୍ଦ୍ର ଆଇନ (ସଂଶୋଧନ) ବିଲ୍, ୨୦୨୬ ଉପରେ ଆଲୋଚନାରେ କିଛି ବିରୋଧୀ ସଦସ୍ୟଙ୍କ ବିଭିନ୍ନ ଆଶଙ୍କା ଏବଂ ଆପତ୍ତିକୁ ପ୍ରତ୍ୟାଖ୍ୟାନ କରି ଶାହ ଏହା କହିଛନ୍ତି। ବିରୋଧୀଙ୍କ ରାଜନୈତିକ ଦ୍ୱନ୍ଦ୍ୱକୁ ଦୂର କରି ଶାହ କହିଛନ୍ତି ଯେ କର୍ଣ୍ଣାଟକରେ ବର୍ତ୍ତମାନ ୨୮ଟି ଲୋକସଭା ଆସନ ଅଛି, ଯାହା ମୋଟ ୫୪୩ ଆସନର ୫.୧୫ ପ୍ରତିଶତ, କିନ୍ତୁ ଏହି ବିଲ୍ ପାରିତ ହେବା ପରେ କର୍ଣ୍ଣାଟକର ଆସନ ସଂଖ୍ୟା ୪୨ ହେବ। ଆନ୍ଧ୍ରପ୍ରଦେଶରେ ବର୍ତ୍ତମାନ ୨୫ଟି ଲୋକସଭା ଆସନ ଅଛି ଏବଂ ଏହାର ପ୍ରତିନିଧିତ୍ୱ ୪.୬ ପ୍ରତିଶତ ରହିଛି, ଯାହା ସୀମା ନିର୍ଦ୍ଧାରଣ ପରେ ୩୮କୁ ବୃଦ୍ଧି ପାଇବ। ସେ କହିଛନ୍ତି ଯେ ତେଲେଙ୍ଗାନାରେ ବର୍ତ୍ତମାନ ଆସନ ସଂଖ୍ୟା ୧୭ ରହିଛି, ଯାହା ପରେ ୨୬ ହେବ। ଶାହ କହିଛନ୍ତି, ମୁଁ ତାମିଲନାଡୁବାସୀଙ୍କୁ ଆଶ୍ୱାସନା ଦେବାକୁ ଚାହୁଁଛି ଯେ ସେମାନଙ୍କ ପ୍ରତିନିଧିତ୍ୱରେ କୌଣସି ହ୍ରାସ ହେବ ନାହିଁ ଏବଂ ରାଜ୍ୟର କୌଣସି କ୍ଷତି ହେବ ନାହିଁ। ବର୍ତ୍ତମାନ ରାଜ୍ୟରେ ୩୯ ଜଣ ସଦସ୍ୟ (୭.୧୮ ପ୍ରତିଶତ) ଅଛନ୍ତି, ଯାହା ସୀମା ପୁନଃନିର୍ଦ୍ଧାରଣ ପରେ ୫୯ (୭.୨୩ ପ୍ରତିଶତ)କୁ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ଶାହା କହିଛନ୍ତି ଯେ ଲୋକସଭାରେ କେରଳର ବର୍ତ୍ତମାନର ପ୍ରତିନିଧିତ୍ୱ ୩.୬୮ ପ୍ରତିଶତ ରହିଛି, ଯାହା ୩.୬୭ ପ୍ରତିଶତ (୩୦ଟି ଆସନ) ହେବ। ତେବେ ସଂସଦର ଅନୁମୋଦନ ଏବଂ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ହିଁ ସୀମା ନିର୍ଦ୍ଧାରଣ ଆୟୋଗ ରିପୋର୍ଟ କାର୍ଯ୍ୟକାରୀ ହେବ। ୨୦୨୯ ପୂର୍ବରୁ ଏହାର କାର୍ଯ୍ୟାନ୍ୱୟନର ପ୍ରଶ୍ନ ଉଠୁନାହିଁ । ସେପର୍ଯ୍ୟନ୍ତ ସମସ୍ତ ନିର୍ବାଚନ ପୁରୁଣା ବ୍ୟବସ୍ଥାରେ ଅନୁଷ୍ଠିତ ହେବ ବୋଲି ଶାହ କହିଛନ୍ତି। ସମାଜବାଦୀ ପାର୍ଟି ସଭାପତି ଅଖିଳେଶ ଯାଦବଙ୍କୁ ସମାଲୋଚନା କରି ଶାହ କହିଛନ୍ତି ଯେ ୨୦୨୭ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନକୁ ନେଇ ତାଙ୍କୁ ଭୟ କରିବାର ଆବଶ୍ୟକତା ନାହିଁ। ଯେଉଁମାନେ ଆମ ଉପରେ ୧୩୦ କୋଟି ଲୋକଙ୍କୁ ପ୍ରଭାବିତ କରୁଥିବା ଅଭିଯୋଗ କରୁଛନ୍ତି, ସେମାନେ ଆମର ଶକ୍ତିକୁ ଅଧିକ ଆକଳନ କରୁଛନ୍ତି।



# ଜିଲ୍ଲାପାଳମାନଙ୍କ ରିପୋର୍ଟ ଆଧାରରେ ହେବ ସ୍କୁଲ ଛୁଟି: ଗଣଶିକ୍ଷା ମନ୍ତ୍ରୀ



ଭୁବନେଶ୍ୱର,୧୬।୪: ଏବେଠୁ ଡ଼ରାଇଲାଣି ଗରମ। ଅଧିକାଂଶ ସ୍ଥାନରେ ପାରଦ ୪୦ ଛୁଇଁଲାଣି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନଙ୍କ ରିପୋର୍ଟ ଆଧାରରେ ହେବ ସ୍କୁଲ ଛୁଟି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇଛନ୍ତି । ଯେଉଁ ଜିଲ୍ଲାଗୁଡିକରେ ଅସହ୍ୟ ଗରମ ହେଉଛି, ସେହିସବୁ ଜିଲ୍ଲାଗୁଡିକର ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ସ୍କୁଲ ଛୁଟି ହେବା ନେଇ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ପ୍ରଥମେ ପିଲାମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ । ପଶ୍ଚିମ ଓଡିଶାରେ କିଛି ଜିଲ୍ଲାରେ ଅତ୍ୟଧିକ ଗରମ ନେଇ ସୂଚନା ରହିଛି । ତାହାକୁ ମଧ ବିଚାରକୁ ନେଇଛି ବିଭାଗ । ସେହି ଜିଲ୍ଲାଗୁଡିକର ଜିଲ୍ଲାପାଳମାନେ ରିପୋର୍ଟ ଦେଲେ ବିଭାଗ ନିଷ୍ପତ୍ତି ନେବ । ଏସଆରସି ହିଟ ୱେଭକୁ ନେଇ ବୈଠକ ଡାକି ସମୀକ୍ଷା କରିବା ପରେ ହିଁ ଖରା ଛୁଟି ପାଇଁ ନିଷ୍ପତ୍ତି ନିଆଯିବ । ତେଣୁ ଏସଆରସିଙ୍କ ମିଟିଂ ପରେ ହିଁ ସ୍କୁଲ ଛୁଟି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ।

# ଭୋଟ୍‌କୁ ବାଧ୍ୟତାମୂଳକ କରିବା ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୬।୪: ସୁପ୍ରିମକୋର୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ଆବେଦନର ଶୁଣାଣି ହୋଇଛି। ଆବେଦନରେ ଦାବି କରାଯାଇଥିଲା ଯେ, ଭୋଟ୍‌କୁ ବାଧ୍ୟତାମୂଳକ କରାଯାଉ। ଯେଉଁମାନେ ଜାଣିଶୁଣି



ଭୋଟ୍ ଦେଉ ନାହାନ୍ତି ସେମାନଙ୍କ ଉପରେ ଦଣ୍ଡ ବ୍ୟବସ୍ଥା ଲାଗୁ କରାଯାଉ। ଏପରି ବ୍ୟକ୍ତିମାନଙ୍କୁ ସରକାରୀ ସୁବିଧାରୁ ବଞ୍ଚିତ କରାଯିବା ଉଚିତ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିବାକୁ ମନାକରି କହିଛନ୍ତି ଯେ, କାହାକୁ ଭୋଟ୍ ଦେବାକୁ ବାଧ୍ୟ କରାଯାଇପାରିବ ନାହିଁ। ଗଣତନ୍ତ୍ରରେ ଭୋଟ୍‌ର ନିଜସ୍ୱ ଗୁରୁତ୍ୱ ଅଛି। ଲୋକଙ୍କୁ ଏହା ବିଷୟରେ ସଚେତନ କରାଯାଇପାରିବ, କିନ୍ତୁ ଆଇନଗତ ଭାବରେ ସେମାନଙ୍କୁ ଏପରି କରିବାକୁ ବାଧ୍ୟ କରାଯାଇପାରିବ ନାହିଁ। ଆବେଦନକାରୀଙ୍କ ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ଯୁକ୍ତି ଦେଇଥିଲେ ଯେ, କୋର୍ଟ ନିର୍ବାଚନ କମିସନଙ୍କୁ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇପାରିବେ ଏବଂ ଭୋଟ୍ ଦେବାରୁ ନିବୃତ୍ତ ରହୁଥିବା ଲୋକଙ୍କ ପାଇଁ ସରକାରୀ ସୁବିଧାକୁ ସୀମିତ କରିପାରିବେ। ପ୍ରଧାନ ବିଚାରପତି ଆବେଦନକାରୀଙ୍କ ପରାମର୍ଶର ବ୍ୟବହାରିକତା ଉପରେ ପ୍ରଶ୍ନ ଉଠାଇ କହିଥିଲେ, ଯଦି ଜଣେ ଗରିବ ବ୍ୟକ୍ତି ଚାକିରି ଯୋଗୁଁ ଭୋଟ ଦେଇପାରୁନାହାନ୍ତି ତେବେ ଆମେ କ'ଣ କରିପାରିବୁ ? ଆମେ କ'ଣ ତାଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେବା ଉଚିତ ? ଗଣତନ୍ତ୍ରରେ, ସମସ୍ତେ ଭୋଟ୍ ଦେବା ଆଶା କରାଯାଏ। ଏହି ଅଧିକାରକୁ ଉତ୍ସାହିତ କରିବା ପାଇଁ ସଚେତନତା ଅଭିଯାନ ଚଳାଇହେବ, କିନ୍ତୁ ଆମେ ଲୋକଙ୍କୁ ଏହା କରିବାକୁ କିପରି ବାଧ୍ୟ କରିପାରିବା ? ଜଣେ ଭୋଟ୍ ଦେବେ କି ନାହିଁ ତାହା ବ୍ୟକ୍ତିଗତ ପସନ୍ଦର ବିଷୟ।

# ୮୫୨୦ ବୋତଲ ବେଆଇନ କଫ୍ ସିରପ୍ ଜବତ

ଭୁବନେଶ୍ୱର,୧୬।୪: ରାଜଧାନୀ ଭୁବନେଶ୍ୱରରେ ବଡ଼ ଧରଣର ଚଢ଼ାଉରେ ବିପୁଳ ବେଆଇନ କଫ ସିରପ୍ ଜବତ ହୋଇଛି। ସୂଚନାନୁସାରେ, ଡ୍ରଗ୍ସ କଣ୍ଟ୍ରୋଲ୍ ବିଭାଗ ଓ ଏସ୍‌ଟିଏଫ୍‌ର ମିଳିତ ଟିମ୍ ଡି-କ୍ୟାଥେଲନ ନିକଟରେ ଚଢ଼ାଉ କରିଛି। ଭିଆରଏଲ୍ ଲଜିଷ୍ଟିକ୍ ନାମକ ଏକ ପରିବହନ ସଂସ୍ଥାର ଗାଡ଼ିରୁ ୭୧ ପେଟିରେ ୮୫୨୦ ବୋତଲ ରେସକ୍ରୋନ-ଟି କଫ ସିରଫ ଜବତ ହୋଇଛି । ଏସବୁ କୋଡ଼ିନ କଫ ସିରପ୍ ଅହମଦାବାଦରୁ ଭୁବନେଶ୍ୱର ଆସୁଥିଲା। ଭୁବନେଶ୍ୱରରୁ ରାଜ୍ୟର ବିଭିନ୍ନ ସ୍ଥାନ ବିଶେଷତଃ ବାଲେଶ୍ୱରକୁ ଏହାର ବଡ଼ ଭାଗ ଯାଇଥାନ୍ତା।

# କିଭ୍‌ରେ ତାଣ୍ଡବ ରଚିଲା ରୁଷ

## ୭୦୦ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼: ୧୬ମୃତ



କିଭ୍,୧୬।୪: ରୁଷ ୟୁକ୍ରେନର ରାଜଧାନୀ କିଭ୍‌ରେ ଏକ ବଡ଼ ଧରଣର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ କରିଛି। ଏଥିରେ ୟୁକ୍ରେନର ରାଜଧାନୀ କିଭ୍ ଥରି ଉଠିଥିଲା। ରୁଷିଆ ରାତିସାରା ଶହ ଶହ ଡ୍ରୋନ୍ ଏବଂ ଡଜନ ଡଜନ କ୍ଷେପଣାସ୍ତ୍ର ସାହାଯ୍ୟରେ ୟୁକ୍ରେନର ସାଧାରଣ ଅଞ୍ଚଳ ଉପରେ ଏହି ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ୧୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୮୦ରୁ ଅଧିକ ଆହତ ହୋଇଛନ୍ତି। ଗତ ଦୁଇ ସପ୍ତାହ ମଧ୍ୟରେ ଏହା ରୁଷର ସବୁଠାରୁ ବଡ଼ ଆକ୍ରମଣ। ୟୁକ୍ରେନର ବୈଦେଶିକ ମନ୍ତ୍ରୀ ଆଣ୍ଡ୍ରି ସିବିହା ଗୁରୁବାର ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି, ରୁଷ ପ୍ରାୟ ୭୦୦ ଡ୍ରୋନ୍ ଏବଂବାଲିଷ୍ଟିକ୍ ତଥା କ୍ରୁଜ୍ କ୍ଷେପଣାସ୍ତ୍ରରେ ଆକ୍ରମଣ କରିଛି। ଏହି ଆକ୍ରମଣଗୁଡ଼ିକ ମୁଖ୍ୟତଃ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିଛି। କିଭ୍‌ରେ ଜଣେ ୧୨ ବର୍ଷର ଶିଶୁ ସମେତ ଚାରି ଜଣଙ୍କର ମୃତ୍ୟୁ ହୋଇଛି। ଏହି ଆକ୍ରମଣରେ ୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଦକ୍ଷିଣ ବନ୍ଦର ସହର ଓଡେସାରେ ନଅ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୨୩ଜଣ ଆହତ ହୋଇଛନ୍ତି। କେନ୍ଦ୍ରୀୟ ୟୁକ୍ରେନର ଡିନିପ୍ରୋ ଅଞ୍ଚଳରେ ତିନି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ବହୁ ଲୋକ ଆହତ ହୋଇଛନ୍ତି। ଦକ୍ଷିଣ ଜାପୋରିଝିଆରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ଏପରି ଆକ୍ରମଣକୁ ସାଧାରଣ ବୋଲି ବିବେଚନା କରାଯାଇପାରିବ ନାହିଁ। ଏଗୁଡ଼ିକ ଯୁଦ୍ଧ ଅପରାଧ, ଏଗୁଡ଼ିକୁ ବନ୍ଦ କରାଯିବା ଉଚିତ। ଏଥିପାଇଁ ଦାୟୀ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ୟୁକ୍ରେନୀୟ ବାୟୁସେନା ରିପୋର୍ଟ କରିଛି, ଆମର ବାୟୁ ପ୍ରତିରକ୍ଷା ପ୍ରଣାଳୀ ୭୦୩ ଆକ୍ରମଣକାରୀ ଡ୍ରୋନ୍ ମଧ୍ୟରୁ ୬୬୭କୁ ଗୁଳି କରି ଖସାଇ ଦେଇଛି। ସେଥିରେ ୬୩୬ଟି ଶାହେଦ୍ ଡ୍ରୋନ୍ ଏବଂ ଅନ୍ୟାନ୍ୟ ଡ୍ରୋନ୍ ରହିଛି। ବାୟୁସେନା ଅନୁଯାୟୀ, ୨୦ ଆକ୍ରମଣକାରୀ ଡ୍ରୋନ୍ ଏବଂ ୧୨ କ୍ଷେପଣାସ୍ତ୍ର ୨୬ ଅଞ୍ଚଳରେ ଆକ୍ରମଣ କରିବାରେ ସଫଳ ହୋଇଛନ୍ତି।

# ଅମାନିଆ ଗାଡ଼ି ଚାଳକଙ୍କ ବିରୋଧରେ ପୁଣି କାର୍ଯ୍ୟାନୁଷ୍ଠାନ: ୨୦ ଯାଏ ଚାଲିବ ଗାଡ଼ି ଯାଞ୍ଚ୍

କଟକ,୧୬।୪: ଟ୍ରାଫିକ୍ ଉଲ୍ଲଂଘନକାରୀ ତଥା ଅମାନିଆ ଗାଡ଼ି ଚାଳକଙ୍କ ବିରୋଧରେ ପୁଣି ଆରମ୍ଭ ହୋଇଛି ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ ଅଭିଯାନ । ଏହି ଅଭିଯାନ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ସମୟରେ ବ୍ୟାପକ ଭାବେ ଗାଡ଼ି ଯାଞ୍ଚ୍ କରାଯିବା ସହ ବିନା ଡ୍ରାଇଭିଂ ତଥା ଅବୈଧ ଲାଇସେନ୍ସଧାରୀଙ୍କ ବିରୋଧରେ ବିଶେଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଘୋଷଣା କରାଯାଇଛି । ଏହି ମର୍ମରେ ରାଜ୍ୟର ସମସ୍ତ ଆରଟିଓଙ୍କୁ ମଧ ଚିଠି ଲେଖାଯାଇଛି । ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ବିଶେଷ ଭାବରେ ଟ୍ରାକ୍ଟର, ହାଇୱା, ଡମ୍ଫର ଓ ଟିପ୍ପରଗୁଡ଼ିକୁ ଯାଞ୍ଚ କରାଯିବ । ପୂର୍ବରୁ ମାର୍ଚ୍ଚ ୨୧ ତାରିଖରୁ ଏପ୍ରିଲ ୧୦ ଯାଏଁ ରାଜ୍ୟବ୍ୟାପୀ ସଡ଼କ ସୁରକ୍ଷା ବିଶେଷ ଅଭିଯାନ କରାଯାଇଥିଲା । ଏହି ସମୟରେ ଅନେକ ସଂଖ୍ୟାରେ ଗାଡ଼ି ଚାଳକ ଡ୍ରାଇଭିଂ ଲାଇସେନ୍ସ ବିନା ଗାଡ଼ି ଚଳାଉଥିବା ଦେଖିବାକୁ ମିଳିଥିଲା । ଏଥିସହ ଅନେକ ହାଲୁକା ଯାନ ଲାଇସେନ୍ସରେ ଭାରୀଯାନ ମଧ ଚଳାଉଥିଲେ । ଏଭଳି ଲାଇସେନ୍ସଧାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ସଡ଼କ ଦୁର୍ଘଟଣା ପାଇଁ ଏମାନେ ମୁଖ୍ୟ କାରଣ ସାଜିଥିଲେ । ଏହାକୁ ଦୃଷ୍ଟିରେ ରଖି ପୁଣି ଥରେ ଟ୍ରାଫିକ୍ ଧରପଗଡ଼ ଅଭିଯାନ ଆରମ୍ଭ ହୋଇଥିବା ଏସ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି ।

# ରାଜ୍ୟରେ କାର୍ଯ୍ୟକାରୀ ହେବ ମରିନ୍ ସ୍ପେସିଆଲ୍ ପ୍ଲାନ୍

ଭୁବନେଶ୍ୱର,୧୬।୪: ରାଜ୍ୟରେ ଉପକୂଳ ଅର୍ଥନୀତି ତଥା ସାମୁଦ୍ରିକ ପର୍ଯ୍ୟାବରଣରେ ସନ୍ତୁଳନ ରକ୍ଷା କରିବା ପାଇଁ ମରିନ୍ ସ୍ପେସିଆଲ୍ ପ୍ଲାନ୍ (ସାମୁଦ୍ରିକ ସ୍ୱତନ୍ତ୍ର ଯୋଜନା/ ଏମ୍‌ଏସ୍‌ପି) କାର୍ଯ୍ୟକାରୀ ହେବ। ଏଥିପାଇଁ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ, କେନ୍ଦ୍ର ସରକାରଙ୍କ ପୃଥ୍ୱୀ ବିଜ୍ଞାନ ମଧ୍ୟରେ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି।



ଗୁରୁବାର ଲୋକସଭା ଭବନରେ ଅନୁଷ୍ଠିତ ଏହି ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଅତିରିକ୍ତ ଶାସନ ସଚିବ ପୂଜା ମିଶ୍ର ଓ ଜାତୀୟ ଉପକୂଳ ଗବେଷଣା କେନ୍ଦ୍ର ନିର୍ଦ୍ଦେଶକ ଡ. ଆରଏସ୍ କନ୍‌କରା ଏହି ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲେ। ପ୍ରସ୍ତାବିତ ଯୋଜନା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମରିନ୍ ଯୋଜନା କାର୍ଯ୍ୟକାରୀ ହେଲେ, ରାଜ୍ୟର ନୀଳ ଅର୍ଥନୀତି (ବ୍ଲୁ ଇକୋନୋମି)ର ଅଗ୍ରଗତି ଘଟିବ। ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ମଧ ହୋଇପାରିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାକୁ ଦୃଢ ସମର୍ଥନ ଦେଇଆସିଛନ୍ତି। ଓଡିଶାର ବିକାଶ ପ୍ରତି ତାଙ୍କର ଫୋକସ ଯୋଗୁ ଦ୍ୱିତୀୟ ପର୍ଯ୍ୟାୟରେ ଓଡିଶା ପ୍ରଥମ ରାଜ୍ୟ ଭାବେ ଏହାକୁ କାର୍ଯ୍ୟକାରୀ ହେଉଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ପୃଥ୍ୱୀ-ବିଜ୍ଞାନ ମନ୍ତ୍ରାଳୟକୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ପ୍ରମୁଖ ଶାସନ ସଚିବ, କେନ୍ଦ୍ର ସରକାରଙ୍କ ପୃଥ୍ୱୀ-ବିଜ୍ଞାନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଗଣ, ନରୱେ ସରକାରଙ୍କ ଅଧିକାରୀଗଣ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସମସ୍ତ ରତ୍ନ ଅଳଙ୍କାରର ହେବ ଥ୍ରୀଡି ସ୍କାନିଙ୍ଗ

ପୁରୀ,୧୬।୪: ଗୁରୁବାର ଭିତର ରତ୍ନଭଣ୍ଡାର ରତ୍ନ ଅଳଙ୍କାର ଗଣତି ମଣତି ଦ୍ୱିତୀୟ ଦିବସ ଥିଲା। ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ ଶେଷ ପରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ପ୍ରତିକ୍ରିୟା ଦେଇ କହିଛନ୍ତି ମାର୍ଚ୍ଚ ୨୫ରେ ପ୍ରଥମେ ଚଳନ୍ତି ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ କରାଯାଇଥିଲା। ପରେ ଏପ୍ରିଲ ୮ରୁ ୧୧ ଚାରିଦିନ ଧରି ବାହାର ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ କରାଯାଇ ଶେଷ ହୋଇଥିଲା। ଗତ ୧୩ ତାରିଖରୁ ତୃତୀୟ ପର୍ଯ୍ୟାୟରେ ଭିତର ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ ଆରମ୍ଭ ପରେ ଆଜି ସପ୍ତମ ଦିବସରେ ଏହା ପହଞ୍ଚିଛି। ଭିତର ରତ୍ନଭଣ୍ଡାର ଗଣତି ମଣତିର ଦ୍ୱିତୀୟ ଦିବସରେ ଦୀର୍ଘ ୭ ଘଣ୍ଟା ଧରି ଗଣତି ମଣତି କରାଯାଇଛି। ୧୨ଟା ୨୫ରେ ଭିତର ରତ୍ନଭଣ୍ଡାରର ତାଲା ଖୋଲି ଗଣତି ମଣତି ଆରମ୍ଭ କରାଯାଇଥିବା ବେଳେ ୭ଟା ୧୫ରେ ଏହା ଶେଷ ହୋଇଥିଲା। ୧୯୭୮ ତାଲିକା ଅନୁସାରେ ସମସ୍ତ ଅଳଙ୍କାରର ଗଣତି ଓ ମେଳକ କରାଯାଇଛି। ୧୯୭୮ ତାଲିକାରେ କ୍ରମିକ ସଂଖ୍ୟା ସୂଚିତ ଥିବାରୁ ଗଣତି ମଣତି ପାଇଁ ସହଜ ହେଉଛି। ତେବେ ଏହି କାର୍ଯ୍ୟ ବେଶ୍ କଷ୍ଟସାଧ। ଆଜି ଗଣତି ବେଳେ ଅଳଙ୍କାରର କୌଣସି ଅମେଳକ ହୋଇନାହିଁ। ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଏବଂ ନିର୍ଭୁଲ ଭାବରେ ସମସ୍ତ କାର୍ଯ୍ୟ କରାଯାଉଛି। ୧୯୭୮ ତାଲିକା ମେଳ କଲାବେଳେ ସମ୍ପୂର୍ଣ୍ଣ ନିର୍ଭୁଲ ଭାବରେ ଗଣତି ପାଇଁ ସକ୍ଷମ ହୋଇଥିଲେ ଟିମ୍। ଗଣତି ମଣତି ସରିବା ପରେ ପୂର୍ଣ୍ଣାଙ୍ଗ ତାଲିକା ପ୍ରସ୍ତୁତ ପରେ ସ୍ପଷ୍ଟ ସୂଚନା ଦିଆଯିବ। ଏହା ଏକ ସମୟ ସାପେକ୍ଷ ପ୍ରକ୍ରିୟା। କେତେ ପ୍ରତିଶତ ସରିଛି ତାହା କହିବା ସମ୍ଭବ ନୁହେଁ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ଚଳନ୍ତି ଭଣ୍ଡାର ଏବଂ ବାହାର ଭଣ୍ଡାର ଗଣତି ମଣତି ବେଳେ ସମ୍ପୂର୍ଣ୍ଣ ନିର୍ଭୁଲ ଭାବରେ ସମସ୍ତ କାର୍ଯ୍ୟ କରାଯାଇଛି। ସମସ୍ତ ରତ୍ନ ଅଳଙ୍କାରର ଗଣତି ମଣତି ସହିତ ଓଜନ ମାପ, ଫଟୋଗ୍ରାଫି, ଭିଡିଓଗ୍ରାଫି କରାଯାଉଛି। ସମସ୍ତ ରତ୍ନ ଅଳଙ୍କାରର ଥ୍ରୀଡି ସ୍କାନିଙ୍ଗ ମଧ କରାଯାଉଛି। ଶତ ପ୍ରତିଶତ ସଠିକ୍ ଭାବେ ଗଣତି ମଣତି କରାଯାଉଛି। ବାହାର ଚନ୍ଦନ ଯାତ୍ରା ପାଇଁ ଗଣତି ମଣତି କାର୍ଯ୍ୟ ବନ୍ଦ ରହିବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

CMYK





# ଭଗବାନ ଶିବ ଶ୍ମଶାନରେ ବାସ କରିବାର କାରଣ

## ଶ୍ମଶାନରେ ବାସ କରିବାର କାରଣ:

ଶିବଙ୍କୁ ସାଧାରଣତଃ ପରିବାରର ଦେବତା ବୋଲି କୁହାଯାଏ। ସେଥିପାଇଁ ଅଧିକାଂଶ ଗୃହସ୍ଥ ଲୋକେ ଶିବ ପରିବାରର ମୂର୍ତ୍ତି କିମ୍ବା ଚିତ୍ରକୁ ସେମାନଙ୍କ ପୂଜା ସ୍ଥାନରେ ରଖନ୍ତି। ସେ ସାଂସାରିକ ହୋଇ ମଧ୍ୟ ଶ୍ମଶାନରେ ରହିବାର କାରଣ ହେଉଛି ସମଗ୍ର ସଂସାର ବା ପରିବାର ହେଉଛି ମୋହ-ମାୟାର ପ୍ରତୀକ। ଅନ୍ୟପକ୍ଷରେ ଶ୍ମଶାନ ହେଉଛି ବୈରାଗ୍ୟ(ତ୍ୟାଗ)ର ପ୍ରତୀକ ବୋଲି କୁହାଯାଏ। ଏ ଧାଁଧପଡ ଜୀବନ ଭିତରେ ଶ୍ମଶାନ ହେଉଛି ଅନ୍ତିମ ଲକ୍ଷ। ଏଭଳି ଚିନ୍ତାକୁ ସନାତନ ଧର୍ମରେ କ୍ଷଣିକ ବୈରାଗ୍ୟ ବୋଲି କୁହାଯାଏ।

## ଶ୍ମଶାନ ଶାନ୍ତିର ପ୍ରତୀକ:

ଭଗବାନ ଶିବ ଶ୍ମଶାନରେ ବାସ କରିବା ସୂଚାଏ ଯେ ପ୍ରତ୍ୟେକ ବ୍ୟକ୍ତି ସଂସାରରେ ରହି ନିଜର ସମସ୍ତ କର୍ତ୍ତବ୍ୟକୁ ପୂରା ନିଷ୍ଠାର ସହିତ ପାଳନ କରିବା ଉଚିତ। ସରଳ ଭାଷାରେ କହିବାକୁ ଗଲେ ଶିବଙ୍କର ଏହି ରୂପ ଶିକ୍ଷା ଦିଏ ଯେ ଜୀବନରେ ସବୁକିଛି କରିବା ବେଳେ ମନ ଏବଂ ଆତ୍ମାରେ ବୈରାଗ୍ୟକୁ ଧାରଣ କରିବା ଉଚିତ। ଏହା ଦ୍ୱାରା ଜୀବନରେ ଶାନ୍ତି ପ୍ରାପ୍ତ ହୁଏ।

## ଧାର୍ମିକ ବିଶ୍ୱାସ:

ଶିବ ଶ୍ମଶାନରେ ବାସ କରିବାକୁ ନେଇ ଏକ ଧାର୍ମିକ ବିଶ୍ୱାସ ମଧ୍ୟ ରହିଛି। ସନାତନ ଧର୍ମରେ ଶିବଙ୍କୁ ବ୍ରହ୍ମାଣ୍ଡର ସଂହାରକ ଭାବରେ ବିବେଚନା କରାଯାଏ। ବିଶ୍ୱାସ ଅନୁଯାୟୀ, ଏହି ଜଗତ ସୃଷ୍ଟି ହୁଏ ଏବଂ ନଷ୍ଟ ମଧ୍ୟ ହୁଏ। ସାଧାରଣତଃ ଶ୍ମଶାନ ହେଉଛି ଜୀବନର ଅନ୍ତିମ ସ୍ଥାନ। ଏଠି ସବୁକିଛି ଭସ୍ମ ହୋଇଥାଏ। ସେଥିପାଇଁ ଶିବଙ୍କ ବାସସ୍ଥାନ ଏପରି ଏକ ସ୍ଥାନ, ଯେଉଁଠାରେ ମାନବ ଶରୀର, ସେହି ଶରୀର ସହିତ ଜଡିତ ସମସ୍ତ ସମ୍ପର୍କ, ପ୍ରତ୍ୟେକ ମୋହ ଏବଂ ସମସ୍ତ ପ୍ରକାରର ବନ୍ଧନ ସମାପ୍ତ ହୁଏ। ଶେଷରେ ଆତ୍ମା ଶିବମୟ ହୋଇଯାଏ। ଏସବୁ କାରଣରୁ ଶିବ ଶ୍ମଶାନରେ ବାସ କରନ୍ତି ବୋଲି ବିଶ୍ୱାସ କରାଯାଏ।

> ସନାତନ ଧର୍ମରେ ଶିବଙ୍କୁ ବ୍ରହ୍ମାଣ୍ଡର ସଂହାରକ ଭାବରେ ବିବେଚନା କରାଯାଏ। ବିଶ୍ୱାସ ଅନୁଯାୟୀ, ଏହି ଜଗତ ସୃଷ୍ଟି ହୁଏ ଏବଂ ନଷ୍ଟ ମଧ୍ୟ ହୁଏ। ସାଧାରଣତଃ ଶ୍ମଶାନ ହେଉଛି ଜୀବନର ଅନ୍ତିମ ସ୍ଥାନ। ଏଠି ସବୁକିଛି ଭସ୍ମ ହୋଇଥାଏ।

## ପାଉଁଶ ବା ଭସ୍ମ ଧାରଣର ବାର୍ତ୍ତା:

ଅଘୋରୀ, ସନ୍ନ୍ୟାସୀ ଏବଂ ଅନେକ ସାଧୁ ସେମାନଙ୍କ ଶରୀରରେ ପାଉଁଶ ବା ଭସ୍ମ ଲଗାନ୍ତି। ବାସ୍ତବରେ ଭସ୍ମ ଆମ ଶରୀରରେ ଥିବା ଲୋମମୂଳକୁ ବନ୍ଦ କରିଦିଏ। ଶରୀରରେ ଭସ୍ମ ଲଗାଇଲେ ଗ୍ରୀଷ୍ମରେ ଗରମ ଏବଂ ଶୀତରେ ଥଣ୍ଡା ଅନୁଭବ ହୁଏ ନାହିଁ। ଏହିପରି ଭସ୍ମ ଧାରଣ କରି ଶିବ ମଧ୍ୟ ଏହି ବାର୍ତ୍ତା ଦିଅନ୍ତି ଯେ ସବୁଠାରୁ ଭଲ ଗୁଣ ହେଉଛି ପରିସ୍ଥିତି ଅନୁଯାୟୀ ନିଜକୁ ଗଢିବା।

# ବାରୁଣୀ ସ୍ନାନ

ବୈତରଣୀ ତୀର୍ଥର ପରିଚୟ ଯେପରି ବ୍ୟାପକ ସେହପରି ତା'ର ପ୍ରସିଦ୍ଧି ଅତ୍ୟନ୍ତ ପ୍ରାଚୀନ। ଧର୍ମପ୍ରାଣ ହନ୍ଦୁଜାତି ନିକଟରେ ବୈତରଣୀ ନଦୀ ଅତୁଳନୀୟ ସମ୍ମାନର ଅଧିକାରିଣୀ। ପାପନାଶିନୀ ଗଙ୍ଗାଙ୍କ ପରି ବୈତରଣୀ ସର୍ବଜନ ପୂଜ୍ୟା। ବୈତରଣୀର ପବିତ୍ର ଜଳରେ ସ୍ନାନ କରିବା ନିମନ୍ତେ ଧର୍ମପ୍ରାଣ ହିନ୍ଦୁମାନଙ୍କ ଆଗ୍ରହ ଓ ତୀର୍ଥାଟନର ଅନ୍ତ ନାହିଁ। ବାରୁଣୀ ଯୋଗରେ ସ୍ନାନ କରିସାରିବା ପରେ ଧର୍ମପ୍ରାଣ ବ୍ୟକ୍ତିମାନେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ପିଣ୍ଡଦାନ କରିବା ସଙ୍ଗେ ସଙ୍ଗେ ଗୋଦାନ ମଧ୍ୟ କରିଥାନ୍ତି। ସ୍ନାନ ପରେ ନଦୀର ଉତ୍ତର ପାର୍ଶ୍ୱରେ ଅବସ୍ଥିତ ଶ୍ରୀ ଯଜ୍ଞବରାହ ମନ୍ଦିରରେ ଦେବଦର୍ଶନ କରି ଶ୍ରୀ ଆଖଣ୍ଡଲେଶ୍ୱର ମନ୍ଦିର ସପ୍ତମାତୃକା, ଗଣେଶ ମନ୍ଦିର, ଶ୍ରୀଜଗନ୍ନାଥ ମନ୍ଦିର, ଶ୍ରୀ ବିରଜା ମନ୍ଦିର ଏବଂ ନାଭିଗୟା ଆଦି ମନ୍ଦିରକୁ ଯାଇ ଦେବଦର୍ଶନ କରିଥାନ୍ତି। ବୈତରଣୀର ଉତ୍ତର ପାର୍ଶ୍ୱ ଅତ୍ୟନ୍ତ ପବିତ୍ର ହୋଇଥିବାରୁ ପ୍ରତିବର୍ଷ ବାରୁଣୀ ଉପଲକ୍ଷେ ଏକ ବିରାଟ ମେଳା ଦୀର୍ଘ ବାର ଦିନ ଧରି ଅନୁଷ୍ଠିତ ହୁଏ ଏବଂ ମେଳା ଦେଖିବା ପରେ ଧର୍ମପ୍ରାଣ ଲୋକମାନେ ସେହି ପବିତ୍ର ସ୍ଥାନରେ ସମୟ ବିତାନ୍ତି।

# IIII ଅଗ୍ନିଦେବ IIII



ମରୁତ ଦେବ ମିତ୍ରଙ୍କ ପାଇଁ ଆତ୍ମୋତ୍ସର୍ଗ କରିବାରେ ତତ୍ପର ଥାଆନ୍ତି ତଥା ମିତ୍ରପ୍ରବଣ ଅଟନ୍ତି। ସେହିପରି ବିଶ୍ୱଦେବ ଦାନଶୀଳ ତଥା ପ୍ରକାଶିତ କରିବାବାଲା ଅଟନ୍ତି। ଇନ୍ଦ୍ରଦେବ ଐଶ୍ୱର୍ଯ୍ୟଶାଳୀ ଏବଂ ଦେବତାଙ୍କ ଅଧିପତି ଅଟନ୍ତି। ସେହିପରି ବୃହସ୍ପତି ବିରାଟ ବିଚାରର ଅଧିପତି ଏବଂ ବିତରକ ଅଟନ୍ତି। ବରୁଣ ଦେବ ଶୁଭ ତଥା ସତ୍ୟ ଗ୍ରହଣ କରି ଅସତ୍ୟ, ଅଶୁଭକୁ ତ୍ୟାଗ କରିବା ସହ ଅନ୍ୟମାନଙ୍କୁ ଏହି ବ୍ୟବହାର କରାଇଥାନ୍ତି। ଅଗ୍ନିଦେବତା, ସୂର୍ଯ୍ୟ ଦେବତା, ଚନ୍ଦ୍ରମା ଦେବତା, ବସବୋ ଦେବତା, ରୁଦ୍ର ଦେବତା, ଆଦିତ୍ୟ ଦେବତା, ମରୁତ ଦେବତା, ବିଶ୍ୱେଦେବା ଦେବତା, ବୃହସ୍ପତି ଦେବତା, ବରୁଣ ଦେବତା। ଅଗ୍ନିଦେବ ନିଜେ ଅଗ୍ରସର ହୋଇ ଅନ୍ୟକୁ ମଧ୍ୟ ଅଗ୍ରସର କରାଇଥାନ୍ତି । ସୂର୍ଯ୍ୟ ଦେବତା ଉତ୍ପାଦନ କରିବାବାଲା ଅଟନ୍ତି ତଥା ଉତ୍ପାଦନ ପାଇଁ ସମସ୍ତଙ୍କୁ ପ୍ରେରଣା ଦେଇଥାନ୍ତି। ଚନ୍ଦ୍ର ଦେବତାଙ୍କ ଆହ୍ଲାଦମୟ ଅଟନ୍ତି ଏବଂ ଅନ୍ୟକୁ ଆହ୍ଲାଦ ବିତରଣ କରିଥାନ୍ତି । ସେହିପରି ବାସବ ଦେବତା ସର୍ବଦା ସ୍ଥିରତା ଅବଲମ୍ବନ କରିଥାନ୍ତି। ରୁଦ୍ର ଦେବତା ଉପଦେଶ, ସୁଖ, କର୍ମାନୁସାରେ ଦଣ୍ଡ ପ୍ରଦାନ କରି କନ୍ଦାଇଥାନ୍ତି।

# ଦେହରେ ଟାଟୁ କରୁଥିଲେ ସାବଧାନ





ଦେହରେ ଟାଟୁ କରୁଥିଲେ ସାବଧାନ। ଟାଟୁରୁ ହୋଇପାରେ ଲିମ୍ଫୋମା ବ୍ଲଡ କ୍ୟାନସର ବା ରକ୍ତ କର୍କଟ। ସ୍ୱିଡେନରେ କରାଯାଇଥିବା ଏକ ଅଧ୍ୟୟନ ସାମ୍ନାକୁ ଆସିଛି ଏଭଳି ସାଂଘାତିକ ତଥ୍ୟ। ୧୦ ବର୍ଷ ଧରି ଚାଲିଥିବା ଏହି ଗବେଷଣା ମୁତାବକ, ୨୧ ପ୍ରତିଶତ ଲୋକଙ୍କ କ୍ଷେତ୍ରରେ ଟାଟୁ ଯୋଗୁଁ ବ୍ଲଡ କ୍ୟାନସର ହେବାର ଆଶଙ୍କା ରହୁଛି। ମିଳିଥିବା ତଥ୍ୟ ମୁତାବକ, ଟାଟୁରେ ବ୍ୟବହାର କରାଯାଉଥିବା ସ୍ୟାହି ଓ ରଙ୍ଗରେ ଥିବା କେମିକାଲ ଶରୀର ପାଇଁ କ୍ଷତିକାରକ। ଏହି କେମିକାଲ ସିଧାସଳଖ ଚର୍ମ ଦେଇ ଦେହ ଭିତରକୁ ପଶି ରୋଗ ପ୍ରତିରୋଧକ ପ୍ରକ୍ରିୟା ଉପରେ ପ୍ରଭାବ ପକାଏ। ଆମେ ଜାଣିଛେ, ଶରୀର ଭିତରେ କୌଣସି ବାହ୍ୟ ପଦାର୍ଥ ବା ଫରେନ୍ ବଡି ପ୍ରବେଶ କଲେ ଇମ୍ୟୁନିଟି ବା ରୋଗପ୍ରତିରୋଧକ ସିଷ୍ଟମ ତାକୁ ବାହାର କରିଦେବା ପାଇଁ ଚେଷ୍ଟା କରେ। ଚର୍ମ ଦେଇ ଆସିଥିବା ଏହି କେମିକାଲ ଗୁଡିକୁ ଇମ୍ୟୁନୋ ସିଷ୍ଟମ୍ ଲିମ୍ଫ ନଡ୍‌କୁ ପଠାଇଦିଏ। ଯାହାକି ସେଇଠାରେ ହିଁ ସଂରକ୍ଷିତ ହୋଇ ରହିଯାଏ। ତେବେ ଗବେଷଣାକାରୀଙ୍କ ମତରେ ଏବେ ଏଦିଗରେ ଆହୁରି ଅଧ୍ୟୟନ ଜାରି ରହିଛି। ଯଦିଓ ଟାଟୁ ସହ କ୍ୟାନସରର ସଂପର୍କ ସିଧାସଳଖ ଭାବେ ପ୍ରମାଣିତ କରାଯାଇପାରିନି, ତେବେବି ପରୋକ୍ଷ ସଂପର୍କକୁ ମନା କରାଯାଇ ନ ପାରେ।

# ମହାନ ପିତାଙ୍କ ମହାନ ପୁତ୍ର

## ସାରସ୍ୱତ



ବ୍ରହ୍ମାଙ୍କ ପୁତ୍ର ଭୃଗୁ ନିଜ ତପଶକ୍ତି ବଳରେ ମହାନ ଋଷି ଦଧିଚିଙ୍କୁ ପ୍ରକଟ କରିଥିଲେ । ଋଷି ଦଧିଚି ପ୍ରକଟ ହେବା ମାତ୍ରେ କଠୋର ତପସ୍ୟା ଆରମ୍ଭ କରିଦେଲେ । ତାଙ୍କ ତପସ୍ୟାରେ ବ୍ୟତିବ୍ୟସ୍ତ ହୋଇ ଦେବରାଜ ଇନ୍ଦ୍ର ମହର୍ଷିଙ୍କୁ ପୁଷ୍ପ ଅର୍ପଣ କରି ପ୍ରଲୋଭିତ କରିବା ଲାଗି ପ୍ରୟାସ କରିଥିଲେ । ମାତ୍ର ଏଥିରେ ଇନ୍ଦ୍ର ବିଫଳ ହେଲେ । ଏହାପରେ ଦେବରାଜ 'ଅଳମ୍ବୁଜା' ନାମ୍ନୀ ଅପ୍‌ସରାଙ୍କୁ ମହର୍ଷି ଦଧିଚିଙ୍କ ତପସ୍ୟା ଭଙ୍ଗ କରିବା ନିମନ୍ତେ ପଠାଇଲେ । ଦଧିଚି ସରସ୍ୱତୀ ନଦୀରେ ତର୍ପଣ କରୁଥିବା ସମୟରେ 'ଅଳମ୍ବୁଜା'ଙ୍କୁ ଦେଖିଲେ । ତାଙ୍କର ରୂପ ଲାବଣ୍ୟରେ ଦଧିଚି ମୋହିତ ହୋଇପଡ଼ିଲେ । ଏହି ଘଟଣାକ୍ରମର ସାକ୍ଷୀ ଥିଲେ ସରସ୍ୱତୀ ନଦୀ । ସେ ଋଷିଙ୍କ ଅଂଶକୁ ନିଜ ଗର୍ଭରେ ଧାରଣ କଲେ । ଶେଷରେ ତାଙ୍କର 'ସାରସ୍ୱତ' ନାମରେ ପୁତ୍ର ଜାତ ହେଲା । ପୁତ୍ର ବଡ଼ ହେବା ପରେ ଦିନେ ସରସ୍ୱତୀ ଯାଇ ମହର୍ଷି ଦଧିଚିଙ୍କୁ ଭେଟି ସବୁ ସତକଥା କହିଲେ । ଋଷି ନିଜ ପୁତ୍ରକୁ କୋଳରେ ଧରିଲେ । ତାଙ୍କର ଏହି ପୁତ୍ର ଦିନେ ସଂସାର କଲ୍ୟାଣରେ ମହାନ ଯୋଗଦାନ ଦେବ ବୋଲି ମହର୍ଷି ବରଦାନ ଦେଲେ । କିଛିଦିନ ପରେ ଦେବତା ଏବଂ ଅସୁରଙ୍କ ମଧ୍ୟରେ ଭୟାନକ ଯୁଦ୍ଧ ଆରମ୍ଭ ହେଲା । ଦୁଷ୍ଟଙ୍କ ସଂହାର ପାଇଁ ଦେବରାଜ ଇନ୍ଦ୍ରଙ୍କୁ ଏକ ଶକ୍ତିଶାଳୀ ଅସ୍ତ୍ରର ଆବଶ୍ୟକତା ପଡ଼ିଲା । ତ୍ରିଦେବ କହିଲେ, କେବଳ ଋଷି ଦଧିଚିଙ୍କ ଅସ୍ଥିରେ ହିଁ ଏଭଳି ଶକ୍ତିଶାଳୀ ଅସ୍ତ୍ର ନିର୍ମାଣ କରାଯାଇପାରିବ । ଦେବରାଜ ତତ୍‌କ୍ଷଣାତ୍ ମହର୍ଷି ଦଧିଚିଙ୍କ ନିକଟକୁ ଗଲେ ଏବଂ ତାଙ୍କୁ ସବୁକଥା କହିଲେ । ତାଙ୍କ ତପସ୍ୟା ଭଙ୍ଗ କରିବାକୁ ଚେଷ୍ଟା କରିଥିବା ଜାଣି ମଧ୍ୟ ଉଦାର ହୃଦୟରେ ଅତି ପ୍ରସନ୍ନତାପୂର୍ବକ ମହର୍ଷି ଜଗତକଲ୍ୟାଣ ନିମନ୍ତେ ନିଜର ଅସ୍ଥି ଦେବରାଜ ଇନ୍ଦ୍ରଙ୍କୁ ଦେବା ଲାଗି ପ୍ରସ୍ତୁତ ହୋଇଗଲେ । ଏହାପରେ ସେ ଶରୀର ତ୍ୟାଗ କରି ପରମାତ୍ମାଙ୍କ ଠାରେ ଲୀନ ହୋଇଗଲେ । ଦଧିଚିଙ୍କ ଅସ୍ଥିରୁ 'ବଜ୍ର' ନିର୍ମାଣ ହେଲା । ଏହି ଅସ୍ତ୍ର ପ୍ରୟୋଗ କରି ଦେବରାଜ ଇନ୍ଦ୍ର ଅସୁରସେନାଙ୍କୁ ବିନାଶ କଲେ ଏବଂ ଜଗତରେ ଶାନ୍ତି ପ୍ରତିଷ୍ଠା ହେଲା । ତେବେ ବଜ୍ର ପ୍ରୟୋଗ ଯୋଗୁ ପୃଥିବୀରେ ଘୋର ଅକାଳ ପଡ଼ିଲା । ୧୨ ବର୍ଷ ପର୍ଯ୍ୟନ୍ତ ବର୍ଷା ହେଲା ନାହିଁ । ବର୍ଷା କରାଇବା ଲାଗି ଯଜ୍ଞ ଏବଂ ଅନୁଷ୍ଠାନର ଆବଶ୍ୟକତା ପଡ଼ିଲା । ମାତ୍ର ବ୍ରାହ୍ମଣମାନେ ବେଦ ମନ୍ତ୍ର ଭୁଲି ସାରିଥିବାରୁ ଯଜ୍ଞ କରିବା ସମ୍ଭବପର ହୋଇପାରିଲା ନାହିଁ । ଏହି ସମୟରେ ସାରସ୍ୱତଙ୍କ ସହାୟତା ଲୋଡ଼ାଗଲା । ସାରସ୍ୱତ ମହାଜ୍ଞାନୀ ଥିଲେ । ସେ ସମସ୍ତ ବେଦମନ୍ତ୍ର ମନେ ରଖିପାରିଥିଲେ ଏବଂ ଯଜ୍ଞ ପରମ୍ପରା ସମସ୍ତ ବିଧି ତାଙ୍କୁ ଜଣାଥିଲା । ସମସ୍ତ ବ୍ରାହ୍ମଣ କୁଳ ସାରସ୍ୱତଙ୍କୁ ନିଜ ଗୁରୁ ରୂପେ ସ୍ୱୀକାର କଲେ । ତାଙ୍କର ସହାୟତାକ୍ରମେ ଯଜ୍ଞ, ଅନୁଷ୍ଠାନ ଆଦି ସମ୍ପନ୍ନ କରାଯିବାରୁ ବର୍ଷା ହେଲା ଏବଂ ଅକାଳ ଦୂର ହେଲା ।

# ତପସ୍ୟା ଓ ସତ୍‌ସଙ୍ଗ



ଥରେ ମହର୍ଷି ବଶିଷ୍ଠ ଏବଂ ମହର୍ଷି ବିଶ୍ୱାମିତ୍ରଙ୍କ ମଧ୍ୟରେ ଚର୍ଚ୍ଚା ହେଉଥାଏ । ବଶିଷ୍ଠ କହିଲେ- ସତ୍‌ସଙ୍ଗରୁ ମିଳୁଥିବା ପୁଣ୍ୟ ବଳ ଶ୍ରେଷ୍ଠ । ବିଶ୍ୱାମିତ୍ର କହିଲେ ନା, ତପୋବଳ ଶ୍ରେଷ୍ଠ । ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ବିବାଦ ଉତ୍ପନ୍ନ ହେଲା । ବିବାଦ ଅଧିକ ବଢ଼ିବାରୁ ଦୁହେଁ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ନିକଟକୁ ଗଲେ । ମାତ୍ର ବ୍ରହ୍ମା ଏହି ବିବାଦର ସମାଧାନ କରିପାରିଲେ ନାହିଁ । ସେ ଦୁହିଁଙ୍କୁ ମହାଦେବଙ୍କ ପାଖକୁ ପଠାଇଦେଲେ । ମହାଦେବ ମଧ୍ୟ ଏହି ବିବାଦର ସମାଧାନ ନପାଇ ଭଗବାନ ବିଷ୍ଣୁଙ୍କ ନିକଟକୁ ପଠାଇଲେ । ବିଷ୍ଣୁ କହିଲେ, ମୁଁ ବି ଏହାର ଉତ୍ତର ଜାଣେ ନାହିଁ । ତୁମେ ମାନେ ପାତାଳଲୋକକୁ ଶେଷ ନାଗଙ୍କ ନିକଟକୁ ଯାଅ । ଦୁହେଁ ସେଠାକୁ ଗଲେ । ଶେଷନାଗଙ୍କୁ ପଚାରିଲେ- ତପୋବଳ ଏବଂ ସତସଙ୍ଗ୍ ଦ୍ୱାରା ପ୍ରାପ୍ତ ପୂଣ୍ୟ ମଧ୍ୟରେ କେଉଁଟି ଶ୍ରେଷ୍ଠ । ଦୁହିଁଙ୍କ ସମସ୍ୟାର ସମାଧାନ କରିବାକୁ ଯାଇ ଶେଷନାଗ କହିଲେ, ମୁଁ ଆପଣମାନଙ୍କ ପ୍ରଶ୍ନର ଉତ୍ତର ଦେଇପାରେ । ହେଲେ ଏହି ପୃଥିବୀର ଭାର ମୋ ଉପରେ ରହିଛି । କିଏ ଯଦି ପୃଥିବୀ ଭାରରୁ ମୋତେ ମୁକ୍ତ କରିଦିଏ, ତା'ହେଲେ ମୁଁ ଭଲ ଭାବେ ଚିନ୍ତା କରି ପ୍ରଶ୍ନର ଉତ୍ତର ଦେଇପାରିବି । ବିଶ୍ୱାମିତ୍ର କହିଲେ- ଏଇ କଥା ! ମୁଁ ମୋର ସହସ୍ର ବର୍ଷର ତପସ୍ୟାର ସମସ୍ତ ପୂଣ୍ୟ ବଳରେ ପୃଥିବୀକୁ ଆକାଶରେ ସ୍ଥିର ରହିବାକୁ କହୁଛି । ମାତ୍ର ବିଶ୍ୱାମିତ୍ରଙ୍କ କଥାର କୌଣସି ପ୍ରଭାବ ପଡ଼ିଲା ନାହିଁ । ଏହାପରେ ବଶିଷ୍ଠ କହିଲେ, ମୁଁ ମୋର ଗୋଟିଏ ଦିନର ସତ୍‌ସଙ୍ଗ ପୂଣ୍ୟ ବଳରେ ପୃଥିବୀମାତାଙ୍କୁ ଆକାଶରେ ସ୍ଥିର ରହିବା ଲାଗି ଅନୁରୋଧ କରୁଛି । ତାଙ୍କ ପାଟିରୁ ଏତିକି କଥା ବାହାରିଛି କି ନାହିଁ ପୃଥିବୀ ତତ୍‌କ୍ଷଣାତ୍ ସ୍ଥିର ହୋଇଗଲା । ଶେଷରେ ବିବାଦର ଅନ୍ତ ଘଟିଲା ।

# ଅଜ୍ଞାତବାସର କଥା

ସାଧାରଣତଃ କୁହାଯାଏ ଯେ ଯେତେବେଳେ ପାଣ୍ଡବମାନେ ୧୨ ବର୍ଷ ନିର୍ବାସନରେ ଯାଇଥିଲେ, ସେତେବେଳେ ଯୁଧିଷ୍ଠିର ବିବାହ କରିଥିଲେ। ଦେବିକାଙ୍କୁ ମାତା କୁନ୍ତୀଙ୍କ ପାଖରେ ଯୁଧିଷ୍ଠିର ଛାଡିଯାଇଥିଲେ। ସେଥିପାଇଁ ଅଜ୍ଞାତବାସ ସମୟରେ ତାଙ୍କ ପାଖରେ ସେ ନଥିଲେ । ସେମାନଙ୍କର ପୁଅର ନାମ କ'ଣ ଥିଲା ? ଦେବିକାଙ୍କର ଯୁଧିଷ୍ଠିରରୁ ଯୋଦ୍ଧେୟ ନାମକ ଏକ ପୁତ୍ର ଥିଲେ। ଯିଏ ମହାଭାରତ ଯୁଦ୍ଧରେ ଭାଗ ନେଇଥିଲେ ଏବଂ ତାଙ୍କୁ ହତ୍ୟା କରାଯାଇଥିଲା। କାରଣ ମହାଭାରତ ଯୁଦ୍ଧ ପରେ ପାଣ୍ଡବଙ୍କର କୌଣସି ପୁଅ ଜୀବିତ ରହିଲେ ନାହିଁ। କେବଳ ପରୀକ୍ଷିତ ଉତ୍ତରାଙ୍କ ଗର୍ଭରେ ବଢୁଥିଲେ । ଯାହାଙ୍କୁ ଯୁଧିଷ୍ଠିର ୩୬ ବର୍ଷ ଶାସନ କରିବା ପରେ ପରେ ରାଜଗାଦି ହସ୍ତାନ୍ତର କରିଥିଲେ। ତା'ପରେ ସେ ନିଜ ଭାଇ ଓ ସ୍ତ୍ରୀମାନଙ୍କ ସହିତ ହିମାଳୟ ଆଡକୁ ଶେଷ ଯାତ୍ରା ପାଇଁ ଚାଲିଗଲେ । ତେବେ ବିଷ୍ଣୁ ପୁରାଣରେ ଯୁଧିଷ୍ଠିରଙ୍କ ପୁଅର ନାମ ଦେବକ ଏବଂ ତାଙ୍କ ମାତାଙ୍କ ନାମ ଯୌଦେହି ବୋଲି ଉଲ୍ଲେଖ କରାଯାଇଛି। ସେ କେଉଁ ରାଜବଂଶର ଥିଲେ ? ମହାଭାରତରେ ଦେବିକାଙ୍କୁ ଉଲ୍ଲେଖ କରାଯାଇଛି।

# ଦେବଗୁରୁ ବୃହସ୍ପତି ଭୋଗିଲେ ଶନିଦଶା

ଶନିଙ୍କର ଗୋଟିଏ ଦିନ ଦୃଷ୍ଟି ପଡ଼ିବା କଥା ଜାଣି ବୃହସ୍ପତି ନିଜ କୋଷ୍ଠି ଗଣନା କଲେ। ଶନିଙ୍କ ଦୃଷ୍ଟି ପଡ଼ିବାର ଚାରିଦିନ ପୂର୍ବରୁ ଯୋଗାସନରେ ବସି ବ୍ରହ୍ମ ଉପାସନା କରୁଥିଲେ। ନାରାୟଣଙ୍କ ଉପାସନା ପାଇଁ ବୃହସ୍ପତି ବଣକୁ ଫୁଲ ତୋଳିବାକୁ ଗଲେ ଓ ବିଭିନ୍ନ ପ୍ରକାରର ସୁବାସିତ ଫୁଲ ତୋଳି ଚଙ୍ଗୁଡ଼ାରେ ରଖି ଆସୁଥିଲେ । ଏହି ସମୟରେ ରାଜା ବୀରବାହୁ ନିଜର ରାଣୀ ଓ ପୁତ୍ରଙ୍କୁ ଧରି ବହୁ ସୈନ୍ୟ ସାମନ୍ତଙ୍କ ସହ ବଣ ଭିତରକୁ ମୃଗୟା ପାଇଁ ଯାଇଥିଲେ। ରାଣୀ ହଠାତ୍ ଦେଖିଲେ ଯେ ତାଙ୍କ ପୁଅ ପାଖରେ ନାହିଁ। ସୈନ୍ୟସାମନ୍ତ ପାତ୍ରମନ୍ତ୍ରୀ ସମସ୍ତେ ପୁଅକୁ ବଣସାରା ଖୋଜିଲେ ମାତ୍ର ପାଇଲେ ନାହିଁ। ବାଟରେ ଦେଖିଲେ ଯେ ଗୁରୁ ବୃହସ୍ପତି ଫୁଲ ଚାଙ୍ଗୁଡି ଧରି ଯାଉଛନ୍ତି। ମାତ୍ର ଚାଙ୍ଗୁଡାରୁ ଝରଝର ହୋଇ ରକ୍ତ ଝରିଝରି ରାସ୍ତା ସାରା ଯାଉଛି। ଏହା ନିଜେ ବୃହସ୍ପତି ମଧ୍ୟ ଜାଣି ନାହାନ୍ତି। ଗୁରୁଙ୍କ ଚାଙ୍ଗୁଡାରୁ ରକ୍ତ ଝରୁଥିବାର ଦେଖି ସୈନ୍ୟମାନେ ତାଙ୍କୁ ଅଟକାଇ ଦେଖିବାରୁ ସେଥିରେ ରାଜାଙ୍କ ପୁଅର କଟାମୁଣ୍ଡ ଥିବାର ଦେଖିଲେ। ସୈନ୍ୟମାନେ ଗୁରୁଙ୍କୁ ଧରି ରାଜାଙ୍କ ନିକଟକୁ ନେଲେ। ଦେବଗୁରୁ ବୃହସ୍ପତି ଜାଣିଲେ ଯେ ଶନିଙ୍କ କଠୋର ଦୃଷ୍ଟି ପାଇଁ ସେ ଆଜି ହତ୍ୟାକାରୀ ଦୋଷରେ ରାଜଦରବାରରେ ଉପସ୍ଥିତ ହୋଇଛନ୍ତି। ସେଠାରେ ଗୁରୁ ଶନିଶ୍ଚରଙ୍କୁ ମନେ ପକାଇ ଶନିଙ୍କ ସ୍ତୁତି କଲେ। ବୃହସ୍ପତିଙ୍କ ସ୍ତବରେ ସନ୍ତୁଷ୍ଟ ହୋଇ ଶନିଶ୍ଚର ଶୂନ୍ୟବାଣୀ କଲେ ଯେ ହେ ଗୁରୁଦେବ ଏବେ ସ୍ଥିର ହୁଅନ୍ତୁ, ଆପଣଙ୍କ ଉପରେ କଠୋର ଦୃଷ୍ଟି ଶେଷ ହେଲା। ଯେତେଦିନ ଏ ପୃଥିବୀରେ ସୂର୍ଯ୍ୟ ଚନ୍ଦ୍ର ଆତଯାତ ହେଉଥିବେ ସେତେଦିନ ଯାଏଁ ଆପଣଙ୍କ ଉପରେ ଆଉ ମୋର ଦୃଷ୍ଟି ପଡ଼ିବ ନାହିଁ। ରାଜା ବୀରବାହୁଙ୍କୁ କହିଲେ ଯେ ହେ ରାଜା ଆଉ ମନ ଦୁଃଖ କରନାହିଁ, ମୋର ମାୟା ବଳରେ ତୁମ୍ଭର ପୁତ୍ର ଭଣ୍ଡାର ଘରେ ସୁରକ୍ଷିତ ଭାବେ ଶୋଇଛି ତାକୁ ସେଠାରୁ ଆଣ। ଏହିପରି ଭାବେ ଦେବଗୁରୁ ବୃହସ୍ପତି ଶନିଦଶାରୁ ରକ୍ଷା ପାଇଲେ।

ଧ୍ୟାନ



# ଠିକାଦାର ମନମାନି, ସରୁନି ପ୍ରକଳ୍ପ : ରାସ୍ତା କାମ ଅସମ୍ପୂର୍ଣ

ବାଲିପାଟଣା,(ନିପ୍ର):ଜନସାଧାରଣଙ୍କ ଆବଶ୍ୟକତାକୁ ଉପଲବ୍ଧି କରି ପ୍ରଶାସନ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ପରେ କାର୍ଯ୍ୟ ଆରମ୍ଭ ହୋଇଥାଏ । ଏହି ପ୍ରକଳ୍ପ କାର୍ଯ୍ୟ ସାରିବା ପାଇଁ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରାଯାଇଥାଏ କିନ୍ତୁ କୌଣସି କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସରିନଥାଏ । ଏଥିପାଇଁ ପ୍ରଶାସନିକ ତତ୍ପରତା ଠିକାଦାର ମନମାନି ବିଶେଷ ଭାବେ ଦାୟୀ ହୋଇଥିବାବେଳେ ଯେଉଁ ଉଦ୍ଦେଶ୍ୟ ନେଇ ପ୍ରକଳ୍ପ କାମ ଆରମ୍ଭ ହୋଇଥାଏ ତା ନ ହୋଇ ଜନତା ଅଯଥା ହଇରାଣ ହେଉଥିବା ଏଠାରେ ସାଧାରଣରେ ଅଭିଯୋଗ ହୋଇଛି ।
ପ୍ରାୟ ୪୩ କୋଟି ଟଙ୍କା ବ୍ୟୟରେ ବାଲକାଟୀ ଦୁଲାଦେବୀଙ୍କ ଠାରୁ ବାଲିପାଟଣା, ମଞ୍ଜରୀଦେବୀ କଲେଜ ଠାରୁ ବୁଢ଼ିପଡ଼ା, ପର୍ଯ୍ୟନ୍ତ ଛାଡି ଅବଶିଷ୍ଟ ୮ କିଲୋମିଟର ରାସ୍ତା କାମ ପାଇଁ ୨୦୨୩ ମସିହାର ଶିଳାନ୍ୟାସ କରାଯାଇ ଦୁଇବର୍ଷ ମଧ୍ୟରେ କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ ଥିବାବେଳେ ସରୁନି କାମ। ଏହି ରାସ୍ତାର ବିଶ୍ୱନାଥପୁର ଠାରେ ଏକ ନାଳ ବ୍ରିଜ ପାଇଁ ବିବାଦ ହୋଇ କାମ ବନ୍ଦ ଥିବାବେଳେ ମଧୁବନ ଛକରେ କେନାଲ ଉପରେ ବ୍ରିଜ ପାଇଁ ରାସ୍ତାର ଦୁଇପଟ ବ୍ରିଜ କାମ ସାରିଥିଲା ବେଳେ ବିଦ୍ୟୁତ ଖୁଣ୍ଟ ପାଇଁ କାମ ଅଟକିଛି । ସେହିପରି ବାଲିପାଟଣା ଛକ ପୂର୍ବରୁ ଟିଭିଏସ ସୋ ରୁମ ପାଖରେ ଏକ ନାଳ ଉପରେ ବ୍ରିଜ କାମ ଆରମ୍ଭ ହେଉନାହିଁ। ଏଠାରେ ଜନୈକଙ୍କ ବ୍ୟକ୍ତିଗତ ଜାଗା ଥିବାରୁ ପ୍ରକଳ୍ପ କାର୍ଯ୍ୟ ଆଗଉ ନଥିବା ଠିକାଦାର ସଂସ୍ଥାର ଜଣେ କର୍ମଚାରୀ ନାମ ଗୋପନ ସର୍ତ୍ତରେ କହିଛନ୍ତି । ଏହି ରାସ୍ତାକାମ ପାଇଁ ବିଦ୍ୟୁତ ଖୁଣ୍ଟ ଅପସାରଣ ମୁଖ୍ୟ ସମସ୍ୟା ହୋଇଥିବାବେଳେ ଏଥିରେ ନିଷ୍କ୍ରିୟତା ସହିତ ତହସିଲ ପ୍ରଶାସନ ଡ୍ରେନେଜ ବିଭାଗ ମଧ୍ୟ ଏଥିପାଇଁ ସକ୍ରିୟ ଭୂମିକା ନିଭାଇବା କଥା ତାହା ହେଉନାହିଁ ଯାହା ଫଳରେ ପ୍ରକଳ୍ପ କାର୍ଯ୍ୟ ଆଗଉ ନ ଥିବା ଏବଂ ଠିକାଦାର ପ୍ରକଳ୍ପ ପାଇଁ ଆସୁଥିବା ଅସୁବିଧାକୁ ସମାଧାନ ଦିଗରେ ଆଗଭର ହେଉନି କି କୌଣସି ବିବାଦରେ ପଶୁନାହିଁ। ଫଳରେ ରାସ୍ତା କାମ ଆଗଉନଥିବା ଆଲୋଚନା ହେଉଛି ।
ସେହିପରି ଉତ୍ତରା ଠାରୁ ବାଲକାଟୀ ଦୁଲାଦେବୀ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଏବଂ ବାଲିପାଟଣା ଅଠାନ୍ତର ନିମାପଡା ରାସ୍ତାର ଉନ୍ନତିକରଣ ପାଇଁ ୨୩ କୋଟି ଟଙ୍କା ମୋଟ ବ୍ୟୟ ଅଟକଳରେ ଟେଣ୍ଡର ହୋଇ ବାଲକାଟୀ ବଜାର ଉଚ୍ଛେଦ ହୋଇଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇନି । ବଜାରର ରାସ୍ତା ଚଉଡା ୧୦ ମିଟର ହେବାକୁ ଥିବାବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ୧ ମିଟରର ଡ୍ରେନ ହେବ ପୁରୁଣା ଡ୍ରେନ ଭଙ୍ଗାଯାଇଛି । ସେହିପରି ମଞ୍ଜରୀଦେବୀ କଲେଜ ଠାରୁ ବୁଢ଼ିପଡ଼ା ପର୍ଯ୍ୟନ୍ତ ରାସ୍ତା ମଧ୍ୟ ଆରମ୍ଭ ହେଉନି ଏଥିପାଇଁ ୭ କୋଟି ଟଙ୍କା ବେୟ ଅଟକଳ ଥିବାବେଳେ ବାଲିପାଟଣା ଅଠାନ୍ତର ନିମପଦ ରାସ୍ତା ସମ୍ପ୍ରସାରଣ ପାଇଁ ୧୬ କୋଟି ଏହିପରି ମୋଟ ୨୩ କୋଟି ଟଙ୍କା ମଞ୍ଜୁର ହୋଇଛି । ସେହିପରି ୨୦ କୋଟି ବେୟା ଅଟକଳରେ ନୂଆଗାଁ ଅଠାନ୍ତର ରାସ୍ତାକାମ ସରୁନି। ଜବର ଦାଖଲ ବନମାଳିପୁର ବଜାର ଉଚ୍ଛେଦ ହେଉନି ସମ୍ପୂର୍ଣ କି ସରୁନି ପ୍ରକଳ୍ପ ରାସ୍ତାକାମ। ଜୟଦେବ ନିର୍ବାଚନ ମଣ୍ଡଳି ସହିତ ନିଆଳି ନିମାପଡାର ଲୋକ ଭୁବନେଶ୍ୱର ସହିତ ବିଭିନ୍ନ ଅଂଚଳକୁ ଯାତାୟାତ ପାଇଁ ନିର୍ଭର କରୁଥିବା ଏହି ରାସ୍ତା କାମ ଶୀଘ୍ର ସାରିବାକୁ ପ୍ରଶାସନିକ ତତ୍ପରତା ସହିତ ଜଡିତ ବିଭାଗ ମଧ୍ୟରେ ସମନ୍ୱୟ ରଖି ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସାରିବାକୁ ସାଧାରଣରେ ଦାବି ହେଉଛି ।

# ଟାଙ୍ଗିଆ ଚୋଟରେ ଜଣେ ଗୁରୁତର

ଡାବୁଗାଁ,(ନିପ୍ର): ଡାବୁଗାଁ ବ୍ଲକ ଅଧୀନ ଚଚରଗୁଡା ପଂଚାୟତ ଅଧୀନ କକଡାଗୁଡା ଗ୍ରାମରେ ଦୁଇ ଦିନ ହେବ ଠାକୁରାଣୀ ଯାତ୍ରା ଚାଲିଛି । ଏହି ଅବସରରେ କାଲି ରାତି ଚିଚିବାଇ ଗ୍ରାମର ଡମ୍ବୁ ଜାନି ତାର ସାଙ୍ଗମାନଙ୍କ ସହ ରାତିରେ ଯାତ୍ରା ଦେଖିବାକୁ ଆସିଥିଲେ । ସେହି ଗ୍ରାମରେ ରାତ୍ରିରେ ରହିଲେ ସଖାଳେ କୌଣସି କାରଣରୁ କକଡାଗୁଡା ଗ୍ରାମର ପ୍ରଫୁଲ୍ଲ ଗୌଡ଼ ପିତା:- ରତନ ଗୌଡ଼ ସହ ପାଟିତୁଣ୍ଡ ହୋଇଥିଲା । ଏହି ସମୟରେ ପ୍ରଫୁଲ୍ଲ ଗୌଡ଼ ଏକ ଟାଙ୍ଗିଆ ସହିତ ଡମ୍ବୁ ଜାନିକୁ ଆକ୍ରମଣ କରି ରକ୍ତାକ୍ତ କରିଥିଲା ।ଏହାପରେ ସେହି ସ୍ଥାନରେ ଥିବା ଡମ୍ବୁର ସାଙ୍ଗମାନେ ଏବଂ ଚଚରାଗୁଡା ଗ୍ରାମର କିଛି ଯୁବକ ତାଙ୍କୁ ଡାବୁଗାଁ ମେଡିକାଲକୁ ଆଣିଥିଲେ । ଡମ୍ବୁ ଜାନିର ଅବସ୍ଥା ବହୁତ ଗୁରୁତର ଥିବାରୁ ତାଙ୍କୁ ଡାବୁଗାଁ ଡାକ୍ତର ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରିଛନ୍ତି । ଏହି ଘଟଣା ବିଷୟରେ ପରିବାର ଲକେ ପ୍ରଥମେ ୧୧୨ ନମ୍ବରରେ ଫୋନ କରିଥିଲେ ଏବଂ ପରେ ଡାବୁଗାଁ ଥାନାରେ ଯାଇ ଅଭିଯୋଗପତ୍ର ଦାଖଲ କରିଛନ୍ତି । ପୋଲିସର ତଦନ୍ତ ପରେ ପ୍ରକୃତ ଘଟଣାଟି ଜଣାପଡିବ ।

# ଦହିପଣା ବଣ୍ଟନ

କେନ୍ଦୁଝର,(ନିପ୍ର): ଓଡ଼ିଆ ନବବର୍ଷ ପଣା ସଂକ୍ରାନ୍ତି ଅବସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭରସା ପରିବାର ପକ୍ଷରୁ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଶ୍ରଦ୍ଧାଳୁମାନଙ୍କୁ ଦହିପଣା ବଣ୍ଟନ କରାଯାଇଥିଲା । ଶହସ୍ରାଧିକ ଶ୍ରଦ୍ଧାଳୁ ପଣା ପିଇ ସଙ୍ଗଠନକୁ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ବନପାଳ ଡି. ଧନରାଜ ଏବଂ ବିଜେପି ନେତ୍ରୀ କିରଣବାଳା ନାୟକ ମଧ୍ୟ ବଣ୍ଟନ କାର୍ଯ୍ୟରେ ଉପସ୍ଥିତ ରହି ସଂଗଠନର ସେବାକାର୍ଯ୍ୟକୁ ପ୍ରଶଂସା କରିବା ସହିତ ସଂଗଠନର ଦୀର୍ଘଜୀବୀ କାମନା କରିଥିଲେ । ଦହିପଣା ବଣ୍ଟନ କାର୍ଯ୍ୟକୁ ସଭାପତି ଲମ୍ବୋଦର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦକ ସୌମ୍ୟରଞ୍ଜନ ବେହେରା, ଜିଲ୍ଲା ସଭାନେତ୍ରୀ ବୈଶାଖୀ ମହାନ୍ତ, ସଂଯୋଜିକା ମମତାମୟୀ ପାତ୍ର, ଧରିତ୍ରୀ ଖଣ୍ଡା, କହ୍ନେଇ ଖୁଣ୍ଟିଆ, ସୁରେଶ ଖୁଣ୍ଟିଆ, ଶରତ ନାୟକ, ସଂଜୀବନୀ ସୁଦ୍ଧା ଜେନା, ହରିଶ କୁମାର ଜେନା , ରଞ୍ଜନ କୁମାର ମହାନ୍ତ, ସୌଭାଗ୍ୟ କୁମାର ବାରିକ,ଜିତେନ୍ଦ୍ର କୁମାର ସାହା, ଚନ୍ଦ୍ରହାସ୍ୟ ବେହେରା, ମୁକ୍ତାମଞ୍ଜରୀ ବେହେରା, ରୋଜାଲିନ ସା,ଜୟନ୍ତୀ ମହାନ୍ତ, ତାପସ ରଞ୍ଜନ ବେହେରା, ପ୍ରିୟଙ୍କା ନାଏକ ପ୍ରମୁଖ ଉପସ୍ଥିତ ରହି ବଣ୍ଟନ କାର୍ଯ୍ୟକୁ ସୁରୁଖୁରୁରେ କରିଥିଲେ । ଆଞ୍ଚଳିକ ବୁଦ୍ଧିଜୀବୀ ଭରସା ପରିବାରର ନିଃସ୍ୱାର୍ଥପର ସେବା କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି । ସଂଗଠନର ସେବା କାର୍ଯ୍ୟ ଭଲ ଲାଗୁଥିଲେ ସଂଗଠରେ ଯୋଡ଼ି ହେବା ପାଇଁ ଭରସା ପରିବାର ସଭାପତି ଲମ୍ବୋଦର ମହାନ୍ତଙ୍କ ଯୋଗାଯୋଗ କରିବା ପାଇଁ ନିବେଦନ କରିଛନ୍ତି ।

# ବାଲିପଦର ସ୍ନାତକ ମହାବିଦ୍ୟାଳୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା

ବୁଗୁଡ଼ା,(ନିପ୍ର): ସ୍ଥାନୀୟ ବାଲିପଦର ଆଞ୍ଚଳିକ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ଡିଗ୍ରୀ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପୀନାଥ ମହାନ୍ତି ପୌରହିତ୍ୟ କରିଥିବାବେଳେ, ଯୁକ୍ତଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କାନ୍ତ ଦାସ ମୁଖ୍ୟ ଅତିଥି, ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକ ଡ଼କ୍ଟର ଶିଶିର କାନ୍ତ ନାୟକ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ବିଦାୟ ଏକ ନୂତନ କର୍ମକୌଶଳ ଓ ଦାୟିତ୍ୱ ବୋଧତାର ଆହ୍ୱାନ ବୋଲି ମତବ୍ୟକ୍ତ କରିଥିଲେ । ଯାହା ବର୍ତ୍ତମାନର ବିଦାୟୀ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଭାବିତ କରିଥିଲା । ଅନ୍ୟ ତମ ଅତିଥି ଭାବେ ବରିଷ୍ଠ ଅଧ୍ୟାପକ ଅମୀୟ କୁମାର ସ୍ୱାଇଁ, ଡ଼କ୍ଟର ଏ .ଜିତେଶ ରାଓ ଦୋରା, ସଞ୍ଚାଳୀକା ମିନତୀ ଆଚାରୀ ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ଭବିଷ୍ୟତ ନିର୍ମାଣ ନିମନ୍ତେ ଉପଦେଶ ପ୍ରଦାନ କରିଥିଲେ । ଯୁକ୍ତତିନି ପ୍ରଥମବର୍ଷ ଓ ଦ୍ୱିତୀୟବର୍ଷ ଛାତ୍ରଛାତ୍ରୀଙ୍କ ମିଳିତ ସହଯୋଗରେ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

# ବାଇକ ଚୋରକୁ ବର୍ଷେ ଜେଲ

ଭୁବନେଶ୍ୱର(ନିପ୍ର): ଭରତପୁର ଥାନା ଅଞ୍ଚଳରେ ହୋଇଥିବା ଏକ ବାଇକ ଚୋରି ମାମଲାର ବିଚାରକରି ଗୁରୁବାର ଜେଏମଏଫସି-୫ କୋର୍ଟର ବିଚାରପତି ଇତିଶ୍ରୀ ମହାପାତ୍ର ଅଭିଯୁକ୍ତ ନରହରି ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏଥିସହ ବିଚାରପତି ତାଙ୍କ ରାୟରେ ଅଭିଯୁକ୍ତ ନରହରିକୁ ୧ ବର୍ଷ ସଶ୍ରମ କାରଦାଣ୍ଡ ସହ ୨ ହଜାର ଟଙ୍କା ଜରିମାନା ଅର୍ଥରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୩ ମାସର ସଶ୍ରମ କାରାଦଣ୍ଡ ଭୋଗିବାକୁ ଆଦେଶ ଦିଆଯାଇଛି । ସୂଚନାଥାଉ କି, ୨୦୨୫ ମସିହା ଜୁଲାଇ ୧୮ ତାରିଖ ସକାଳ ପ୍ରାୟ ୬ଟା୩୦ ସମୟରେ ଅଭିଯୁକ୍ତ ନରହରି ନାୟକ ସୁଯୋଗ ଦେଖି ଅଭିଯୋଗକାରୀଙ୍କ ଘର ସାମ୍ନାରେ ରଖାଯାଇଥିବା ବାଜାଜ ପଲସର ବାଇକର ହ୍ୟାଣ୍ଡେଲ ଲକ୍ ଭାଙ୍ଗି ଚୋରି କରି ନେଇଥିଲେ । ତାହାର ପୂର୍ବ ରାତିରେ ପ୍ରାୟ ୯ଟା୩୦ ରୁ ୧୧ଟା ସମୟ ମଧ୍ୟରେ ଗାଡ଼ିଟି ସେଠାରେ ପାର୍କ କରାଯାଇଥିଲା । ପରବର୍ତ୍ତୀ ସମୟରେ ଗାଡ଼ି ସମ୍ପର୍କରେ କୌଣସି ସନ୍ଧାନ ନ ମିଳିବାରୁ ଅଭିଯୋଗକାରୀ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ଭରତପୁର ଥାନା କେସ ନଂ-୩୯୫/୨୦୨୫, ବିଏନଏସ୍ ଧାରା-୩୦୩(୨) ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା ଏବଂ ସବ୍-ଇନ୍ସପେକ୍ଟର ପ୍ରଶାନ୍ତ ମହାରଣା ଏହାର ତଦନ୍ତ କରିଥିଲେ ।

# ୨୧ରେ ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତ

ରାଉରକେଲା,(ନିପ୍ର): ଚଳିତ ଏପ୍ରିଲ ୨୧ ତାରିଖରେ ଭାରତର ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତ । ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ରାଉରକେଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ସହ ପ୍ରସ୍ତୁତି ଜୋରସୋରରେ ଚାଲିଛି । ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିମାନବନ୍ଦର ପରିସରସ୍ଥ ପଡିଆରେ ଏକ ସାଧାରଣ ସଭାରେ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି । ତେଣୁ ରାଉରକେଲା ବିମାନବନ୍ଦର ପରିସରସ୍ଥ ପଡିଆକୁ ପ୍ରସ୍ତୁତ କରାଯାଉଛି । ରାଷ୍ଟ୍ରପତିଙ୍କ ଗସ୍ତ ଏବଂ ସଭାସ୍ଥଳ ପରିଦର୍ଶନ ପାଇଁ ସେଠାରେ ପହଞ୍ଚିଥିଲେ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜକିଶୋର ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୋଲିସ୍ ଅଧିକାରୀ ।

ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଏପ୍ରିଲ ୨୧ରେ ରାଉରକେଲା ଗସ୍ତ ନେଇ ଓଡ଼ିଶାର ପ୍ରମୁଖ ଶିଳ୍ପ ସହର ରାଉରକେଲା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ମାନଜନକ ଅବସର ଭାବରେ ବର୍ଣ୍ଣନା କରାଯାଉଛି । ତାଙ୍କ ଗସ୍ତ ସମୟରେ, ରାଷ୍ଟ୍ରପତି ପାନପୋଷ ଠାରେ ରାଉରକେଲା ୱାନ୍ ପରିସରରେ ନିର୍ମିତ ଆଦିବାସୀ ସଂଗ୍ରହାଳୟ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ, ଐତିହ୍ୟ ଏବଂ ପରମ୍ପରାକୁ ସଂରକ୍ଷଣ ପ୍ରଦର୍ଶନ କରିବା ସହ ଏହି ପ୍ରକଳ୍ପ ରାଉରକେଲା ପାଇଁ ଏକ ପର୍ଯ୍ୟଟନ ସ୍ଥଳ ଭାବରେ ପରିଗଣିତ ହେବାକୁ ଯାଉଛି । ରାଷ୍ଟ୍ରପତି ୨୦୨୬ ଏପ୍ରିଲ ୨୧ ତାରିଖରେ ରାଉରକେଲା ଗସ୍ତ ସମୟରେ ପ୍ରମୁଖ ସାର୍ବଜନୀନ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଉଦ୍ଘାଟନ ସହିତ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏପ୍ରିଲ ୨୧ ତାରିଖ ୧୧ଟା ୧୦ ସମୟରେ ରାଉରକେଲା ଠାରେ ପହଞ୍ଚି ସନ୍ଧ୍ୟା ୪ଟା ୦୫ ସମୟରେ ପ୍ରସ୍ଥାନ କରିବେ । ଗସ୍ତ ସମୟରେ, ରାଷ୍ଟ୍ରପତି କେତେକ ପ୍ରକଳ୍ପର ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରକଳ୍ପଗୁଡିକ ମଧ୍ୟରେ ପାନପୋଷ ହକି ଛକ ନିକଟସ୍ଥ ରାଉରକେଲା ୱାନ୍ ମଧ୍ୟରେ ଥିବା ସମନ୍ୱିତ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ କେନ୍ଦ୍ର ଏବଂ ଆଦିବାସୀ ସଂଗ୍ରହାଳୟ । ରାଉରକେଲା ଛେଣ୍ଡ ବିଏସ୍ଏନ୍ଏଲ୍ ଛକ ଠାରେ ଥିବା ବିଜ୍ଞାନ ପାର୍କ ଓ ପ୍ଲାନେଟୋରିୟମ୍ । କୋଏଲନଗର ଠାରେ ଥିବା ମନୋରଞ୍ଜନ ପାର୍କ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏଥିସହିତ ସୁନ୍ଦରଗଡ଼ ଜିଲ୍ଲାର ୧୦,୦୦୦ରୁ ଅଧିକ ସ୍କୁଲ ଓ କଲେଜ । ଏଥିସହିତ ଛାତ୍ରଛାତ୍ରୀ ଏବଂ ୩୫ରୁ ଅଧିକ ସାଂସ୍କୃତିକ ଗୋଷ୍ଠୀଙ୍କ ଅଂଶଗ୍ରହଣରେ ଏକ ସାଂସ୍କୃତିକ ସ୍ୱାଗତ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ମିଳିଛି । ସୁନ୍ଦରଗଡ ଜିଲ୍ଲାର ପରମ୍ପରା ଓ ସଂସ୍କୃତିକୁ ପ୍ରଦର୍ଶନ କରୁଥିବା ଏକ ପ୍ରଦର୍ଶନୀରେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବିଭିନ୍ନ ବିଭାଗ ଦ୍ୱାରା ୩୦ଟି ଷ୍ଟଲ୍ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ପ୍ରଦର୍ଶିତ ହେବ ବୋଲି ସୂଚନା ମିଳିଛି । ଉଦ୍ଘାଟିତ ହେବାକୁ ଥିବା ପ୍ରକଳ୍ପଗୁଡ଼ିକର ଅଟକଳ ମୂଲ୍ୟ ଅନୁସାରେ ରାଉରକେଲା ୱାନ୍ ପରିସରରେ ନିର୍ମିତ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର ୪୮ କୋଟି, ୪୦ କୋଟି ମୂଲ୍ୟ ବକ୍ରୟରେ ନିର୍ମିତ ଆଦିବାସୀ ସଂଗ୍ରହାଳୟ । କୋଏଲ ନଦୀକୂଳ ମନୋରଞ୍ଜନ ପାର୍କ ୪୨.୪୪ କୋଟି । ଛେଣ୍ଡ ଠାରେ ନିର୍ମିତ ବିଜ୍ଞାନ ପାର୍କ ଏବଂ ପ୍ଲାନେଟାରିୟମ୍ ୨୭ କୋଟି ଟଙ୍କାର ବୋଲି ସୂଚନା ଦିଆଯାଇଛି ।

# ରାୟଗଡା: ଶୁଭଶ୍ରୀ ଦାସ ୯୯.୪ପ୍ରତିଶତ ରଖି ଟପ୍ପର

ରାୟଗଡା, (ନି :ପ୍ର )ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ଦ୍ୱାରା ପରିଚାଳିତ ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ୍ (ଏବିପିଏସ୍), ରାୟଗଡା, ସିବିଏସଇ ଦ୍ୱାରା ଅନୁଷ୍ଠିତ ଦଶମ ବୋର୍ଡ ପରୀକ୍ଷା ୨୦୨୬ରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ତଥା ଉତ୍କୃଷ୍ଟ ଶୈକ୍ଷିକ ବାତାବରଣ ପ୍ରଦାନ କରିଥିବାରୁ ବିଦ୍ୟାଳୟର ଶିକ୍ଷାର୍ଥୀ ଦଶମ ପରୀକ୍ଷାରେ ଉତ୍କୃଷ୍ଟ କୃତିତ୍ୱ ଅର୍ଜନ କରିଛନ୍ତି ।
ଏବିପିଏସ ପକ୍ଷରୁ ଗତ ଦଶମ ସିବିଏସଇ ବୋର୍ଡ ପରୀକ୍ଷାରେ ମୋଟ ୩୯ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ । ଶତ ପ୍ରତିଶତ ବିଦ୍ୟାର୍ଥୀ ଦଶମ ପରୀକ୍ଷାରେ ଭଲ ଅଙ୍କ ରଖି ଉତ୍ତୀର୍ଣ୍ଣ ହୋଇଥିବାବେଳେ ଏମାନଙ୍କ ମଧ୍ୟରୁ ୧୪ ଜଣ ଶିକ୍ଷାର୍ଥୀ ୯୦% ଠାରୁ ଅଧିକ ଅଙ୍କ ଅର୍ଜନ କରିଛନ୍ତି । ଯାହା ସ୍କୁଲର ଉତ୍କୃଷ୍ଟ ଶିକ୍ଷାଗତ ପରିବେଶ ଦର୍ଶାଉଥିବା ବେଳେ ବିଦ୍ୟାଳୟ ତଥା ରାୟଗଡ଼ା ଜିଲ୍ଲାରେ ସର୍ବାଧିକ ଅଙ୍କ ରଖି ଟପ୍ପର ହୋଇଛନ୍ତି କୁମାରୀ ସୁଭାଶ୍ରୀ ଦାଶ । ସେ ୯୯.୪% ଅଙ୍କ ହାସଲ କରି ସ୍କୁଲ ପାଇଁ ଗୌରବ ଆଣିଛନ୍ତି ।
ଅନ୍ୟ ୧୪ ଜଣ ଛାତ୍ରଛାତ୍ରୀ ଡିଷ୍ଟିଙ୍କସନ୍ ଅର୍ଜନ କରିଥିବା ବେଳେ, ଏଥିମଧ୍ୟରୁ ୧୦ ଜଣ ପ୍ରଥମ ଶ୍ରେଣୀ ଏବଂ ୧ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ସମତୁଳିତ ଓ ନିରନ୍ତର ଶିକ୍ଷାଗତ ସଫଳତାକୁ ପ୍ରତିଫଳିତ କରିଛନ୍ତି ।
ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ରବି ନାରାୟଣ ମିଶ୍ର ଓ ମାନବ ସମ୍ବଳ ପ୍ରମୁଖ ନାରାୟଣ ମିତ୍ରା, ବିଦ୍ୟାଳୟର ପ୍ରତ୍ୟେକ ଶିକ୍ଷକଙ୍କ ଅକ୍ଳାନ୍ତ ପରିଶ୍ରମ, ନିଷ୍ଠାପୂର୍ଣ୍ଣ ପରାମର୍ଶ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସେମାନଙ୍କ ଅଟଳ ପ୍ରୟାସ ପ୍ରତି ହୃଦୟଙ୍ଗମ କୃତଜ୍ଞତା ଜଣାଇଛନ୍ତି ।
ବିଦ୍ୟାଳୟ ପ୍ରିନ୍ସିପାଲ ଅନିରୁଦ୍ଧ ତିୱାରୀ ଛାତ୍ରଛାତ୍ରୀ ଓ ଅଭିଭବକଙ୍କୁ ଅଭିନନ୍ଦନ ଜଣାଇବା ସହ ଏହି ସଫଳତାରେ ଅଭିଭାବକମାନଙ୍କ ଅବିରତ ସମର୍ଥନ ଓ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ଅବିରତ ପ୍ରୟାସକୁ ଧନ୍ୟବାଦ ଜଣାଇଛନ୍ତି ।

# ଜନକଲ୍ୟାଣ ସୋସାଇଟ୍ର ନୂଆ କର୍ମକର୍ତ୍ତା

ଜଟଣୀ,(ନିପ୍ର): ଜଟଣୀ ବ୍ଲକ ଅନ୍ତର୍ଗତ ଖୋଲାଦ୍ୱାର ଅଞ୍ଚଳର ଦି ଟ୍ରଷ୍ଟ ଟାଉନ୍ ଜନକଲ୍ୟାଣ ସୋସାଇଟ୍ ପକ୍ଷରୁ ନୂତନ କର୍ମକର୍ତ୍ତା ଗଠନ ସହବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । କୃଷ୍ଣଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ




ଏହି ବୈଠକରେ ସଭାପତି ଭାବେ କୃଷ୍ଣଚନ୍ଦ୍ର ବେହେରା, ସଂପାଦକ ଭାବେ ଅଜୟ କୁମାର ପଟ୍ଟନାୟକ, ଉପସଭାପତି କର୍ଣ୍ଣ ରାଉତରାୟ, ସହ ସଂପାଦକ କେ. କ୍ରିଷ୍ଣା ରାଓ, କୋଷାଧ୍ୟକ୍ଷ ଭାବେ ପୁରୁଷୋତ୍ତମ ବେହେରା ଓ କୁରେଶ କୁମାର ପଣ୍ଡା ମୁଖ୍ୟ ପରାମର୍ଶଦାତା ରୂପେ ମନୋନୀତ ହୋଇଥିଲେ । ଆସନ୍ତା ମେ ୧୮ ତାରିଖରେ ସଂଗଠନର ବାର୍ଷିକ ଉତ୍ସବ ପାଳନ ନିମନ୍ତେ ସ୍ଥିରୀକୃତ ହୋଇଥିଲା । ସଂଗଠନର ଉପଦେଷ୍ଟା ଭାବେ ନାଇଜର ପ୍ରଫେସର ଡ. ଶୁଭଙ୍କର ବେଦାନ୍ତ, ଆଇଆଇଟି ପ୍ରଫେସର ଚନ୍ଦ୍ରଶେଖର ଭାମିନିପତି, ଦିଲ୍ଲୀପ ଝା, ଶାରଳାଶ୍ରିତ ମହାନ୍ତି, ସୁନୀଲ କୁମାର ପ୍ରଧାନ, ଜି.ଲିଙ୍ଗାମୂର୍ତ୍ତି, ବିଭୂତିଭୂଷଣ ଦଳାଇ, ପ୍ରଗତିମୋହନ ଦାଶ, ବିଜୟ ବି ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଓଡିଶାର ଝିଅମାନଙ୍କ ପାଇଁ ନୂଆ ଆତ୍ମବିଶ୍ୱାସର ହସ୍ତାକ୍ଷର ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର(ନିପ୍ର): ଓଡିଶା ସରକାର ଏବେ ଝିଅମାନଙ୍କ ସୁରକ୍ଷାକୁ କେବଳ ଆଲୋଚ଼ନାର ବିଷୟ ଭାବେ ନୁହେଁ, ଶିକ୍ଷା ପ୍ରଣାଳୀର ମୂଳ ଅଂଶ ଭାବେ ଦେଖୁଛି । "ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ପ୍ରଶିକ୍ଷଣ" ଯୋଜନା ଅଧୀନରେ ରାଜ୍ୟର ୬୧୧୭ ସରକାରୀ ବିଦ୍ୟାଳୟ ଓ ଛାତ୍ରାବାସରେ ପଢୁଥିବା ଝିଅମାନେ ସଂଗୃଠିତ ଆତ୍ମରକ୍ଷା ପ୍ରଶିକ୍ଷଣ ପାଉଛନ୍ତି, ଯାହା ତାଙ୍କର ଦୈନିକ ଜୀବନର ଆତ୍ମବିଶ୍ୱାସକୁ ନୂଆ ଆକାର ଦେଉଛି । ଜିଲ୍ଲା ଦରଜାରେ ଦେଖାଯାଉଛି, ସାଧାରଣ କକ୍ଷାକ୍ଷେତ୍ର ଓ ସ୍କୁଲ୍ ଖତ ଏବେ କେବଳ ପାଠ ପୁନଃରାବୃତ୍ତିର ଜାଗା ନୁହେଁ । ଏଠାରେ ଝିଅମାନେ ନିଜ ଦେହକୁ କିପରି ସୁରକ୍ଷିତ ରଖୁ, ଅସୁରକ୍ଷିତ ପରିସ୍ଥିତିକୁ କିପରି ଚ଼ିହ୍ନଟ କରିବା ଓ ନିଜ ଭୟ ଓ ଅସୁବିଧାକୁ ସ୍ପଷ୍ଟ ଭାଷାରେ କିପରି କହିବା – ଏ ସବୁ ଶିଖୁଛନ୍ତି । ଅନେକ ଶିକ୍ଷକ ଓ ଅଭିଭାବକଙ୍କ କଥାରେ, ପ୍ରଶିକ୍ଷଣ ପରେ ଝିଅମାନଙ୍କ ସାକ୍ଷ୍ୟ, କଥାବାର୍ତ୍ତା ଓ ଆଚ଼ରଣରେ ଏକ ନିଜରପଡା ପରିବର୍ତ୍ତନ ଦେଖୁବାକୁ ମିଳୁଛି । ଏହି ପଦକ୍ଷେପ ପଛରେ ରହିଛି ରାଜ୍ୟ ସରକାରଙ୍କ ଏକ ସ୍ପଷ୍ଟ ଦୃଷ୍ଟିଭଙ୍ଗୀ । ଶିକ୍ଷା ଓ ଗଣମାଧ୍ୟମ ବିଭାଗ ଅଧୀନ ଓଡିଶା ସ୍କୁଲ୍ ଏଡ୍ୟୁକେସନ୍ ପ୍ରୋଗ୍ରାମ ଅଥରିଟି (ଓଏସଇପିଏ) ଏହି ପ୍ରଶିକ୍ଷଣକୁ ମାନସମ୍ମାନ, ସୁରକ୍ଷା ଓ ଶିକ୍ଷାର ଅଭିନ୍ନ ଅଂଶ ଭାବେ ଗ୍ରହଣ କରିଛି । ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ଅନନ୍ୟା ଦାସଙ୍କ ନେତୃତ୍ୱ ଓ ଶ୍ରଦ୍ଧାଞ୍ଜଳିଯୋଗ୍ୟ ଭାବରେ ଏହି କାର୍ଯ୍ୟକ୍ରମକୁ ନିରନ୍ତର ସମର୍ଥନ କରୁଥିବା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡଙ୍କ ଭୂମିକା ପାଇଁ ରାଜ୍ୟର ଛାତ୍ରୀମାନେ କୃତଜ୍ଞ । ଏହି ଭବ୍ୟ ପରିକଳ୍ପନାକୁ ଭୂମିସ୍ତରରେ କାମରେ ପରିଣତ କରୁଛି ନିର୍ବାଚ଼ିତ କାର୍ଯ୍ୟକାରି ସଂସ୍ଥା ସ୍କିଲ ଟ୍ରି କନସ୍ୟୁଟିଙ୍ଗ ଲିମିଟେଡ । ରାଜ୍ୟର ବିଭିନ୍ନ ଅଞ୍ଚଳର ସ୍କୁଲ୍ ପ୍ରାଧାନ ଓ ସ୍ଥାନୀୟ ପ୍ରଶାସନ ସହିତ ସମନ୍ୱୟ କରି ଏହି ସଂସ୍ଥା ଝିଅମାନଙ୍କ ପାଖକୁ ଆତ୍ମରକ୍ଷାର ଜ୍ଞାନ ଓ ଅନୁଭବ ପହଞ୍ଚାଇ ଆସୁଛି । ପହାଡିଆ, ଦୁର୍ଗମ କିମ୍ବା ସାମାଜିକ ଦୃଷ୍ଟିରୁ ସଂବେଦନଶୀଳ ଅଞ୍ଚଳ – ସବୁଠି ଏହି ପ୍ରୟାସ ଝିଅମାନଙ୍କ ଭିତରେ "ମୁଁ ପାରିବି" ବୋଲି ଅନୁଭୂତି ଗଢ଼ି ଦେଉଛି । ମହିଳା ଓ କନ୍ୟାମାନଙ୍କ ଉପରେ ହିଂସାର ଖବର ଯେତେବେଳେ ନିୟମିତ ଭାବରେ ଶିରୋନାମା ହେଉଛି, ସେତେବେଳେ ଏପରି ପଦକ୍ଷେପ ଆଶାର ଅନ୍ୟମତ ଭାଷା ଲେଖୁଛି । ଓଡିଶା ସରକାର, ଓଏସଇପିଏ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଏହି ସଂଘବଦ୍ଧ ପ୍ରୟାସ ଏକ ସ୍ପଷ୍ଟ ସନ୍ଦେଶ ଦେଉଛି – ସରକାରୀ ସ୍କୁଲରେ ପ ?ଥିବା ପ୍ରତ୍ୟେକ ଝିଅ ନାକେବଳ ଶିକ୍ଷାର, ବରଂ ସମ୍ମାନ ଓ ଆତ୍ମରକ୍ଷାର ଅଧିକାରଣୀ ।

# ଅଗ୍ନିଶମ ସେବା ସପ୍ତାହ ପାଳନ ଅବସରରେ ମକ୍ଡ୍ରିଲ୍



ଆସିକା, (ନିପ୍ର): ଅଗ୍ନିଶମ ସେବା ସପ୍ତାହ ପାଳନ ଅବସରରେ ଓଡିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ସଂସ୍ଥା ଦକ୍ଷିଣାଞ୍ଚଳ ବ୍ରହ୍ମପୁର ଅଧୀନସ୍ଥ ଆସିକା ଅଗ୍ନିଶମ ସେବା କେନ୍ଦ୍ର ପକ୍ଷରୁ ସ୍ଥାନୀୟ ଆସିକା ଉପଖଣ୍ଡ ଚିକିତ୍ସାଳୟ ଠାରେ ଚିକିତ୍ସାଳୟ ଅଧକ୍ଷ ବାଲ ଗୋପାଳ ବେହେରାଙ୍କ ସଂଯୋଜନାରେ ଆସିକା ଅଗ୍ନିଶମ ଓ ଜରୁରୀ କାଳୀନ ସେବା କେନ୍ଦ୍ରରେ କେନ୍ଦ୍ରାଧିକାରୀ କୈଳାଶ ଚନ୍ଦ୍ର ସାହୁଙ୍କ ପରାମର୍ଶକ୍ରମେ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଭାରପ୍ରାପ୍ତ କେନ୍ଦ୍ର ଅଧିକାରୀ ତଥା ମୁଖ୍ୟ ଅଗ୍ନିଯୋଦ୍ଧା ଅଶୋକ କୁମାର ବାରିକ ଯୋଗଦେଇ ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳନର ଲକ୍ଷ୍ୟ ଓ ଅଭିମୁଖ୍ୟ ଉପରେ ଡାକ୍ତରଖାନାରେ ଉପସ୍ଥିତ ଜନସାଧାରଣ ଡାକ୍ତରଖାନା କର୍ମଚାରୀଙ୍କୁ ଆଲୋକପାତ କରିଥିଲେ । ସମ୍ଭାବ୍ୟ ବନ୍ୟା, ବାତ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଅନୁଷ୍ଠିତ ଅଗ୍ନି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା । ବିପର୍ଯ୍ୟୟ ପ୍ରସ୍ତୁତି ଅଭ୍ୟାସ (ମକ୍ଡ୍ରିଲ୍) କାର୍ଯ୍ୟକ୍ରମରେ ଆସିକା ଅଗ୍ନିଶମ ସେବା କେନ୍ଦ୍ରର ଅଗ୍ନୀକ ଗାଡି ଚାଳକ ଜଟକିଶୋର ହାତୀ,ଅଗ୍ନି ଯୋଦ୍ଧା ରଂଜନ କୁମାର ଭୋଇ, ଅଗ୍ନିଯୋଦ୍ଧା ସୁଶାନ୍ତ ବେହେରା,ବାବୁଲା ଗୌଡ଼, ଅଜୟ କୁମାର ରାଉତ ପ୍ରମୁଖ ଯୋଗ ଦେଇ ଅଗ୍ନି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଲକ୍ଷ୍ୟ ସମ୍ପର୍କରେ କହିଥିଲେ ।

# ନିଜକୁ ନିଜେ ଅପହରଣ କରି ଛାତ୍ର ଅଟକ

ଭୁବନେଶ୍ୱର(ନିପ୍ର): ଧାର ଟଙ୍କାକୁ ପରିଶୋଧ ନ କରିପାରି ନିଜକୁ ନିଜେ ଅପହରଣ କରିଥିବା ନେଇ ପରିବାର ଲୋକଙ୍କୁ ଫୋନ ମାଧ୍ୟମରେ ଅବଗତ କରାଇଥିବା ଅଭିଯୋଗରେ ଇମ୍ଫୋଭ୍ୟାଲି ଥାନା ପୋଲିସ ଗୁରୁବାର ଜଣେ ଛାତ୍ରଙ୍କୁ ଅଟକ ରଖିଛି । ଏନେଇ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଗଣମାଧ୍ୟମକୁ ସୂଚ଼ନା ଦେଇଛନ୍ତି । ଅଟକ ଥିବା ଛାତ୍ର ଜଣଙ୍କ ହେଉଛନ୍ତି, ତୁଷାର ମହନ୍ତ (୨୨) ଓ ତାଙ୍କ ଘର କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ବୋଲି ଜଣାପଡିଛି । ଏନେଇ ତୁଷାରଙ୍କ ବାପା ଇମ୍ଫୋଭ୍ୟାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ପୁଅକୁ କେହି ଜଣେ ଅପହରଣ କରି ନେବା ସହ ତାଙ୍କ ମୁଣ୍ଡ ଜାମିନ ରଖି ୧୩ ଲକ୍ଷ ଟଙ୍କା ଦାବି କରୁଥିବା ଅଭିଯୋଗକାରୀ ବାପା ସଞ୍ଜୟ ମହନ୍ତ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିବା ସହ ରାଜଧାନୀର ଏକ ଘରୋଇ ଇଞ୍ଜିନିୟରିଂ କଲେଜର ବିଟେକ ଶେଷବର୍ଷର ଛାତ୍ର ତୁଷାରଙ୍କୁ ଖୋଜିବା ଆରମ୍ଭ କରିଥିଲା ।

# ଅନୁଭୂତିରେ ଶ୍ରୀଜଗନ୍ନାଥ ପୁସ୍ତକ ଲୋକାର୍ପିତ

ଭଦ୍ରକ(ନିପ୍ର): ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ମୁଖ୍ୟ ଆବାହକ ଶରତ କୁମାର ସାହୁଙ୍କ ଲିଖିତ ଅନୁଭୂତିରେ ଜଗନ୍ନାଥ ଶୀର୍ଷକ ପୁସ୍ତକଟି ସ୍ଥାନୀୟ ବିଧାୟକ ସିତାଂଶୁ ଶେଖର ମହାପାତ୍ରଙ୍କ ଦ୍ୱାରା ଲୋକାର୍ପିତ କରାଯାଇଛି । ପ୍ରଚାର ସମିତି ପକ୍ଷରୁ ସନ୍ତିଆ ନଗରସ୍ଥିତ ଶ୍ରୀ ରାଧାମଦନମୋହନ ଜୀୟୁ ମଠରେ ଏକ ଆଧାତ୍ମିକ ସଭା ସମିତିର ମୁଖ୍ୟ ପରିଚାଳକ ପ. ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ଭଦ୍ରକ ବିଧାୟକ ତଥା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ଶ୍ରୀ ମହାପାତ୍ର ପୁସ୍ତକଟିକୁ ଲୋକାର୍ପଣ କରି ଆମର ପୁସ୍ତକ ଆମର ପାରିବାରିକ ଓ ସାମାଜିକ ଜୀବନକୁ ଦିଗ୍‌ଦର୍ଶନ ଦେଇଥାଏ ବୋଲି ସୂଚାଇ ଥିଲେ ।

# ନାରୀ ଶକ୍ତି ବନ୍ଦନକୁ ସମର୍ଥନ ଭଦ୍ରକରେ ହଜାର ହଜାର ମହିଳାଙ୍କ ପଦଯାତ୍ରା

ଭଦ୍ରକ,(ନିପ୍ର): ସଶକ୍ତ ଭାରତ, ସଶକ୍ତ ନାରୀ" ଏହି ଆହ୍ୱାନକୁ ସାମ୍ନାରେ ରଖି ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସମର୍ଥନ ଜଣାଇ ଆଜି ସକାଳ ୯ଟାରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ମହିଳା ସମାବେଶ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ମହିଳାମାନେ ଯୋଗଦେଇ ନାରୀ ସଶକ୍ତିକରଣ ପ୍ରତି ନିଜ ସମର୍ଥନ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାରୀମାନଙ୍କ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ କ୍ଷେତ୍ରରେ ଅବଦାନକୁ ପ୍ରଶଂସା କରିଥିଲେ । ଜିଲ୍ଲାପାଳ ଦିଲୀପ ରାଉତରାୟ ନାରୀ ସୁରକ୍ଷା ଓ ସମାନ ଅଧିକାର ସୁନିଶ୍ଚିତ କରିବା ଦିଗରେ ପ୍ରଶାସନର ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ । ଏହି ଅବସରରେ ରାଜ୍ୟ ମହିଳା ଶିଶୁ ସୁରକ୍ଷା ସଦସ୍ୟା ମନସ୍ମିତା ଖୁଣ୍ଟିଆ, ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା, ଉତ୍କଳ ସମ୍ମିଳନୀ ଜିଲ୍ଲା ସଭାପତି ଝରଣା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ବକ୍ତାମାନେ କହିଥିଲେ ଯେ, ପଞ୍ଚାୟତରୁ ପାର୍ଲମେଣ୍ଟ ପର୍ଯ୍ୟନ୍ତ ମହିଳାଙ୍କ ପାଇଁ ଆରକ୍ଷଣ ବ୍ୟବସ୍ଥା କରିବାକୁ ଯାଉଥିବା ନାରୀ ଶକ୍ତି ବନ୍ଦନ ଅଧିନିୟମ ସମଗ୍ର ଦେଶରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ । ମହିଳାମାନଙ୍କୁ ସମସ୍ତ କ୍ଷେତ୍ରରେ ଆତ୍ମନିର୍ଭର କରିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ଗ୍ରହଣ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଯାଇଥିଲେ ।

# କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଶତ ପ୍ରତିଶତ ସଫଳତା ୯୮.୪ ପ୍ରତିଶତ ନମ୍ବର ରଖିଛନ୍ତି ଆଶାଦ କମଲ



ଚମ୍ପୁଆ:(ନିପ୍ର): ଚଳିତ ବର୍ଷର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ)ଦଶମ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ଚମ୍ପୁଆସ୍ଥିତ ଏକ ନିର୍ଭରଯୋଗ୍ୟ ଶିକ୍ଷାନୁଷ୍ଠାନ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଶତପ୍ରତିଶତ ସଫଳତା ହାସଲ କରି ସ୍ଥାନୀୟ ଅଞ୍ଚଳରେ ଖୁସିର ମାହୋଲ ସୃଷ୍ଟି କରିଛନ୍ତି । ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷାରେ ୧୫୭ ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି । ସେମାନଙ୍କ ମଧ୍ୟରେ ଆଶାଦ କମଲ ୯୮.୪ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପର ହୋଇ ପରିବାର ପାଇଁ ସୁନାମ ଆଣିଛନ୍ତି । ସେହିପରି ମାନ୍ୟତା ସ୍ଥିତି ପ୍ରଧାନ ୯୭.୮ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ହୋଇଥିବା ବେଳେ ଶ୍ରେୟାନ୍ସ ସାହୁ ୯୫.୬ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି । ସୂଚନା ଅନୁସାରେ ୨୭ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାସ କରିଥିବା ବେଳେ ୮୦ ପ୍ରତିଶତରୁ ଅଧିକ ୫୯ଜଣ ,୭୦ ପ୍ରତିଶତରୁ ଅଧିକ ୬୮ ଜଣ ଏବଂ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାସ କରିଛନ୍ତି ୯୧ ଜଣ । ଅନୁଷ୍ଠାନର ଜଣେ ଛାତ୍ର ଗଣିତରେ ୧୦୦ ରୁ ୧୦୦ ରଖିଥିବା ଜଣାପଡିଛି । ବିଦ୍ୟାଳୟର ଟପର ଆଶାଦ କମଲ ତାଙ୍କର ସଫଳତାରେ ଖୁସି ବ୍ୟକ୍ତ କରି ଏହାର ଶ୍ରେୟ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, ସହପାଠୀ ଓ ପରିବାରର ଲୋକମାନଙ୍କୁ ଦେଇଛନ୍ତି ।ଏହି ସଫଳତାରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଚେୟାରମେନ ଡଃ.ରାଜମୋହନ ଖୁସି ବ୍ୟକ୍ତ କରିବା ସହ ସମସ୍ତ ଛାତ୍ରଛାତ୍ରୀ,ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅଭିଭାବକ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।ସେ ଆହୁରି ମଧ କହିଛନ୍ତି କି କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା ପ୍ରଣାଳୀ,ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କ ନିଷ୍ଠା ଏବଂ ଛାତ୍ର ଛାତ୍ରୀଙ୍କ ଉପଯୋଗୀ ପରାମର୍ଶ ଯୋଗୁଁ ଦୀର୍ଘ ୨୬ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଅନୁଷ୍ଠାନରେ ଏହି ସଫଳତା ସମ୍ଭବ ହୋଇଆସୁଛି ।

ତିଥି :(ଅମାବାସ୍ୟା): (ରେବତୀ ମୀନ)
ଅମୃତ ବେଳା: ଦିବା ଘ ୭।୮ ମଧ୍ୟେ ଘ ୭।୫୬ ଗତେ

## ଆଜିର ଅନୁଚିନ୍ତନ

ମୁଁ ବେଦମାନଙ୍କ ମଧ୍ୟରେ ସାମବେଦ, ଦେବତାମାନଙ୍କ ମଧ୍ୟରେ ଇନ୍ଦ୍ର, ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନ ଏବଂ ପ୍ରାଣୀମାନଙ୍କର ଚେତନା ଅଟେ।। - ଶ୍ରୀମଦ୍ ଭଗବଦ୍ ଗୀତା

# ସମୟ କହିବ

ବିହାରର ୨୪ ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ସମ୍ରାଟ ଚୌଧୁରୀ । ଫଳରେ ଏହି ରାଜ୍ୟରେ 'ସମ୍ରାଟ ଯୁଗ' ଆରମ୍ଭ ହୋଇଛି। ରାଜନୀତି ସଦା ଅସ୍ଥିର। ରାଜନୈତିକ ରଣନୀତି ପ୍ରୟୋଗ କେତେ ସଶକ୍ତ ବିହାର ତାହାର ଉଦାହରଣ ବୋଲି କୁହାଯାଇପାରେ। ସମ୍ରାଟ ଏକଦା ନୀତିଶ କୁମାର ସରକାରରେ ଥିଲେ ଉପମୁଖ୍ୟମନ୍ତ୍ରୀ। ନୀତିଶ କୁମାର ୧୪ ଏପ୍ରିଲ, ୨୦୨୬ରେ ବିହାରର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ଏବଂ ସମ୍ପ୍ରତି ରାଜ୍ୟସଭାର ସଦସ୍ୟ ଭାବରେ ନିର୍ବିରୋଧରେ ନିର୍ବାଚିତ ହୋଇସାରିଛନ୍ତି। ଗତ ୨୦୦୫ରୁ ଏନଡିଏର ସହଯୋଗୀ ଭାବେ ବିଜେପି ସରକାର ଗଠନ କରିଆସୁଛି ବିହାରରେ। ୨୦୧୩ ରୁ ୨୦୧୭ ଓ ୨୦୨୨ ରୁ ୨୦୨୪ ମଧ୍ୟରେ ଏନଡିଏ ସହଯୋଗରେ ସରକାର ଗଠନ କରିଛି ବିଜେପି । ଜେଡିୟୁର ଦୁଇ ବରିଷ୍ଠ ନେତା ବିଜୟ କୁମାର ଚୌଧୁରୀ ଓ ବିଜେନ୍ଦ୍ର ପ୍ରସାଦ ଯାଦବ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆଶା କରିଥିଲେ ପୁଅ ନିଶାନ୍ତ କୁମାର ଉପମୁଖ୍ୟମନ୍ତ୍ରୀ ହେବେ । କିନ୍ତୁ ରାଜନୀତି ଅଭିଜ୍ଞତା ଲୋଡେ। ମାତ୍ର ତାଙ୍କ କ୍ଷେତ୍ରରେ ଏହା କମ୍ କାରଣରୁ ସେ ଏହି ଦାୟିତ୍ୱ ତୁଲାଇବା ପାଇଁ ମନା କରିଥିଲେ ବୋଲି କୁହାଯାଉଛି। ବିଜେପି ଜାତି ଏବଂ ରାଜନୈତିକ ମାନଦଣ୍ଡ ସହିତ ଉପଯୁକ୍ତ ହେଉଥିବା ଜଣେ ଶକ୍ତିଶାଳୀ ଓବିସି ବ୍ୟକ୍ତିଙ୍କୁ ଖୋଜୁଥିଲା। ସମ୍ରାଟ ଚୌଧୁରୀ କୁଶୱାହ ଜାତିର ଜଣେ ପ୍ରଭାବଶାଳୀ ନେତା । ବିହାରରେ ବିଜେପି ଏକ ରାଜନୈତିକ ବାର୍ତ୍ତା ଦେଇଛି ତାହା ହେଉଛି ମୁଖ୍ୟମନ୍ତ୍ରୀ ପଦ କେବଳ ଉଚ୍ଚ ଜାତି ପାଇଁ ଏହି ଦଳ ନୁହେଁ, ବରଂ ଏକ ଅନ୍ତର୍ଭୁକ୍ତ ଦଳ ଯାହା ପଛୁଆ ଜାତି ଏବଂ ଦଳିତଙ୍କୁ ମଧ୍ୟ ସୁଯୋଗ ଦେବାରେ କେବେ ହାତଛଡ଼ା କରେ ନାହିଁ।

ଦେଖିବାକୁ ଗଲେ ସମ୍ରାଟ ଚୌଧୁରୀଙ୍କର ଏକ ଲମ୍ବା ରାଜନୈତିକ ଐତିହ୍ୟ ଅଛି। ସେ ବିହାର ରାଜନୀତିର ଜଣେ ପ୍ରମୁଖ ନେତା ଶକୁନି ଚୌଧୁରୀଙ୍କ ପୁଅ। ପୂର୍ବରୁ ଏକାଧିକ ସରକାରରେ ମନ୍ତ୍ରୀ ଭାବରେ ସେ କାର୍ଯ୍ୟ କରିଛନ୍ତି। ତାଙ୍କର ଶାସନ କ୍ଷେତ୍ରରେ ବହୁ ଅଭିଜ୍ଞତା ଅଛି।ଏକଦା ନିଜ ଶୈଳୀ ମାଧ୍ୟମରେ କୁଶୱାହ ସମାଜକୁ ଏକ ସନ୍ଦେଶ ଦେଇଥିଲେ । ତାହା ହେଉଛି 'କୁଶୱାହ କେବଳ ଏକ ଭୋଟ୍ ବ୍ୟାଙ୍କ ନୁହେଁ, ବରଂ କ୍ଷମତାର ଦାବିଦାର' ।ଏବେ ତାହା ସତ ହୋଇଛି। ଏହା ଜଣାଶୁଣା ଯେ ବିଜେପିର ପାରମ୍ପରିକ ଭୋଟ ବ୍ୟାଙ୍କ ହେଉଛି ଉଚ୍ଚ ଜାତିର ରାଜପୁତ, ଭୂମିହାର, ବ୍ରାହ୍ମଣ ଏବଂ କାୟସ୍ଥ। ବିହାରରେ ସମ୍ରାଟ୍ ଚୌଧୁରୀଙ୍କୁ ମୁଖ୍ୟମନ୍ତ୍ରୀ କରି ବିଜେପି ପ୍ରଥମ ଥର ପାଇଁ ଏହି ଅଞ୍ଚଳରେ ଏକ ବଡ଼ 'ଓବିସି କାର୍ଡ' ଖେଳିଛି । ରାଜନୈତିକ ବିଶ୍ଳେଷକମାନଙ୍କ କହିବାନୁଯାୟୀ ଏହାର କାରଣ ରହିଛି। ତାହା ହେଉଛି ବିଗତ ୧୫ ବର୍ଷ ଧରି ପଶ୍ଚିମବଙ୍ଗରେ ଟିଏମସି ଶାସନ ଗାଦି ଓବିସି, ଏସସି ଏବଂ ମୁସଲିମ୍ ଭୋଟ୍ ବ୍ୟାଙ୍କ ଉପରେ ତିଷ୍ଠିରହିଛି । ସମ୍ରାଟଙ୍କୁ ମୁଖ୍ୟମନ୍ତ୍ରୀ କରି ବିଜେପି ଏକ ବଡ଼ ଗୋଟି ଚଳାଇଛି। ତାହା ହେଉଛି ମମତା ବାନାର୍ଜୀଙ୍କ 'ଅଭେଦ୍ୟ ଦୁର୍ଗ'କୁ ଛାରଖାର ପାଇଁ ମାଷ୍ଟରପ୍ଲାନ୍ । ପଶ୍ଚିମବଙ୍ଗର କିଛି ନିର୍ଦ୍ଦିଷ୍ଟ ଜିଲ୍ଲା ଯଥା: ଉତ୍ତର ଦିନାଜପୁର, ଦକ୍ଷିଣ ଦିନାଜପୁର, ମାଲଦା, ମୁର୍ଶିଦାବାଦ, ଆସନସୋଲ ଏହି ଅଞ୍ଚଳଗୁଡ଼ିକରେ କୁଶୱାହ ଏବଂ ମୌର୍ଯ୍ୟ ସମୁଦାୟର ଭୋଟରଙ୍କ ସଂଖ୍ୟା ଗୁରୁତ୍ୱପୂର୍ଣ୍ଣ । ବିହାରର କିଶନଗଞ୍ଜ ଓ ପୂର୍ଣ୍ଣିଆ ସୀମାବର୍ତ୍ତୀ ପଶ୍ଚିମବଙ୍ଗର ଜିଲ୍ଲାଗୁଡ଼ିକରେ ସମ୍ରାଟଙ୍କ ପ୍ରଭାବ ରହିଛି। ପରିସଂଖ୍ୟାନ ମୁତାବକ, ପଶ୍ଚିମବଙ୍ଗରେ କୁଶୱାହ ସମୁଦାୟର ଜନସଂଖ୍ୟା ପ୍ରାୟ ୭.୫୧ ଲକ୍ଷ, ଯାହା ରାଜ୍ୟର ସମୁଦାୟ ଜନସଂଖ୍ୟାର ମାତ୍ର ୦.୭ପ୍ରତିଶତ ପ୍ରଶାସନିକ ଉଦାରତା ଠିକାଦାର ମନମାନି ସରୁନି ପ୍ରକଳ୍ପ, ରାସ୍ତା କାମ ଅସମ୍ପୂର୍ଣ୍ଣ । କିନ୍ତୁ ବିହାରରେ ଏହି ସଂଖ୍ୟା ୪.୨୧ପ୍ରତିଶତ। ତଥାପି, ବିଜେପି ଏହାକୁ ଏକ 'ପ୍ରୟୋଗ' ଭାବେ ବିବେଚନା କରୁଛି।ବିଜେପି ଆଶା କରୁଛି ଯେ, ସମ୍ରାଟଙ୍କ ଆକ୍ରମଣାତ୍ମକ ଶୈଳୀ ଓବିସି ଭୋଟରଙ୍କୁ ନିଶ୍ଚୟ ଆକୃଷ୍ଟ କରିବ । ଯାହା ମମତାଙ୍କ ମୁସଲିମ୍-ଓବିସି ମେଣ୍ଟରେ ବଡ଼ ଧରଣର ପ୍ରଭାବ ପକାଇପାରେ। ଏହି ପ୍ରୟୋଗ ପଶ୍ଚିମବଙ୍ଗରେ ପଦ୍ମ ଫୁଟାଇବାରେ କେତେ ସଫଳ ହେବ ବା ମମତାଙ୍କ ଗଡ଼ ଭାଙ୍ଗିବ, ତାହା ସମୟ ହିଁ କହିବ।

# ଚାଲ ଫେରିବା ଗାଁକୁ

## ଗଙ୍ଗାଧର ସାମଲ

ସହରୀ ବିଦ୍ୟାର୍ଥୀଙ୍କ ତୁଳନାରେ ଗ୍ରାମାଞ୍ଚଳର ବିଦ୍ୟାର୍ଥୀମାନେ ପାଠପଢ଼ା, ଷ୍ଟାଇଲ୍, ଖେଳକସରତ ଆଦି କୌଣସିଟିରେ କମ୍ ନୁହନ୍ତି । ସେମାନଙ୍କୁ ଦେଖିଲେ ମନେ ହେଉଛି ସେମାନେ ଯେପରି କହୁଛନ୍ତି ହମ୍ କସିସେ କମ୍ ନହିଁ । ଦିନଥିଲା, ଗ୍ରାମର ଶିକ୍ଷିତ ଯୁବକ ସହର ଚାଲି ଆସୁଥିଲା କାର୍ଯ୍ୟ ଅନ୍ୱେଷଣରେ । ଏବେ ଅଧିକାଂଶ ଶିକ୍ଷିତ ଯୁବକ ରହିଯାଉଛନ୍ତି ଗ୍ରାମରେ, ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇବା ଆଶାରେ । ଗ୍ରାମାଞ୍ଚଳର ବର୍ଦ୍ଧିତ ଲୋକସଂଖ୍ୟାକୁ ଆଉ ବୋଝ ରୂପେ ପରିଗଣନା କରାଯାଉନାହିଁ । ସେମାନଙ୍କୁ ଦେଶର ସମ୍ପଦ ରୂପେ ବିଚାର କରାଯାଉଛି । ସମ୍ଭବତଃ ସେହି ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କର ଦଶମ ପଞ୍ଚବାର୍ଷିକ ଯୋଜନାରେ ଗ୍ରାମାଞ୍ଚଳର ବିକାଶକୁ ପ୍ରାଧାନ୍ୟ ଦିଆଯାଇଛି । ପରିବର୍ତ୍ତନଶୀଳ ଗ୍ରାମାଞ୍ଚଳ ଗୁଡ଼ିକରେ ମଧ୍ୟ ଦେଖିବାକୁ ମିଳୁଛି । ଆଉ ଗୋଟିଏ କଥା । ଗାଆଁର ପୁରୁଣା ପରମ୍ପରା, ଚଳଣି ଧୀରେ ଧୀରେ ଲୋପ ପାଇଯାଉଛି । ଭାଗବତ ଟୁଙ୍ଗୀ, ଚଉପାଢ଼ୀ, ଗ୍ରାମସଭା ପ୍ରାୟ ଦେଖିବାକୁ ମିଳୁନାହିଁ । ସେହିପରି ପୁରୁଣା ସଂସ୍କୃତି ଯଥା ପାଲା, ଦାସକାଠିଆ, ଲୋକନୃତ୍ୟ ଆଦି ସଂଗ୍ରାମ କରିଚାଲିଛନ୍ତି ତିଷ୍ଠି ରହିବା ପାଇଁ । ଲୋକଙ୍କର ମାନସିକତା ତଥା ରୁଚିରେ ପରିବର୍ତ୍ତନ ଯୋଗୁଁ ଏସବୁର ଆଦର କମିଯାଉଛି ବୋଲି କୁହାଯାଉଛି । ଆଉ କେତେକଙ୍କ ମତରେ ଟେଲିଭିଜନ ଓ ସିନେମା ଆଦିର ପ୍ରଭାବ ଯୋଗୁଁ ଏପରି ହେଉଛି । ତେବେ ହଜାର ହଜାର ବର୍ଷର ସମୃଦ୍ଧ ଗ୍ରାମ୍ୟ ପରମ୍ପରା ଏତେଶୀଘ୍ର ଲୋପପାଇବ ନାହିଁ ବୋଲି ସମାଜଶାସ୍ତ୍ରୀମାନେ କହୁଛନ୍ତି । ଏବେ ମଧ୍ୟ ଅଧିକାଂଶ ଗ୍ରାମର ଲୋକେ ନିଜର କୁଳବେଉସା ତ୍ୟାଗ କରିନାହାନ୍ତି । ଖଜୁରି ଗଛରେ ଚଢ଼ି ଖଜୁରି ରସ ବିକାଳି ଠେକି ବସାଉଥିବା ଦୃଶ୍ୟ ସମ୍ପୂର୍ଣ୍ଣ ଚାଲିଯାଇ ନାହିଁ ଗାଆଁ ପରିବେଶରୁ । ଗାଆଁର ପୋଖରୀ ତୁଠ ଏବେ ମଧ୍ୟ ବଦଳି ନାହିଁ । ଘାଟରେ ପଥର ଅବଶ୍ୟ ନାହିଁ, ପଥର ପରିବର୍ତ୍ତେ ପାହାଚ ତିଆରି ହୋଇଛି । କିନ୍ତୁ ପୋଖରୀ ତୁଠ ରହିଛି । କିନ୍ତୁ ଗୋଟିଏ କଥା ଚିନ୍ତାର କାରଣ ହୋଇଛି ଯେ ଗ୍ରାମାଞ୍ଚଳର ଯୁବକମାନେ ଚାଷକାର୍ଯ୍ୟ ପାଇଁ ପଛଘୁଞ୍ଚା ଦେଉଥିବା ଲକ୍ଷ୍ୟ କରାଯାଉଛି । ସବୁ ପରିବାରର ଟ୍ରାକ୍ଟର କିଣିପାରିବା ଭଳି କ୍ଷମତା ନାହିଁ କି ସବୁ ଯୁବକ ହଳଲଙ୍ଗଳ ଧରି ଜମିକୁ ଯିବାଲାଗି ଚାହୁଁନାହାନ୍ତି । ଗ୍ରାମାଞ୍ଚଳର ଯୁବକ ଆଜି ଶିକ୍ଷାଲାଭପରେ ଅଧିକ ଆଗ୍ରହ ପ୍ରକାଶ କରୁଛି ଚାକିରୀ କିମ୍ବା ବ୍ୟବସାୟ ପାଇଁ ।

ତାହେଲେ ଚାଷ କରିବ କିଏ ? ଆଗାମୀ ପିଢ଼ି ଚାଷ କରିବ ନା ନାହିଁ । ପଞ୍ଜାବ ଓ ହରିଆନା ପରି କୃଷି ସମୃଦ୍ଧ ରାଜ୍ୟରେ ଶିକ୍ଷିତ ଯୁବକ ଏପରିକି ଯୁବତୀ ମଧ୍ୟ ସବୁ ଛାଡ଼ି ଚାଷକୁ ମୁଖ୍ୟ ଜୀବିକା କଲେଣି । ଓଡ଼ିଶା ଗ୍ରାମାଞ୍ଚଳର ଯୁବକଯୁବତୀ ମଧ୍ୟ ଏଥିରୁ ଶିକ୍ଷାଲାଭ କରିବାର ବେଳ ଆସିଛି । ତେବେ ପ୍ରଶ୍ନ ଉଠୁଛି, ଗ୍ରାମାଞ୍ଚଳର ବିକାଶ ପାଇଁ କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କ ତରଫରୁ ଅସଂଖ୍ୟ ଯୋଜନା ପ୍ରଣୟନ କରାଯାଉଥିବା ବେଳେ, କୋଟି କୋଟି ଟଙ୍କା ବ୍ୟୟ ଧାର୍ଯ୍ୟ କରାଯାଉଥିବାବେଳେ, ସେ ସବୁର ସୁଫଳ ଲୋକମାନେ ପାଇପାରୁ ନାହାନ୍ତି କାହିଁକି ? ଏହାର ଉତ୍ତରରେ ବିଶେଷଜ୍ଞମାନେ କହନ୍ତି ଯେ ଯୋଜନାର ସଫଳ ରୂପାୟନ ହେବାକୁ ହେଲେ ଯୋଜନା କାର୍ଯ୍ୟକାରୀ ବ୍ୟବସ୍ଥା ଡେଲିଭରୀ ସିଷ୍ଟମ ବା ମେକାନିଜିମ୍‌ରେ ସଂସ୍କାର ଆଣିବାକୁ ପଡ଼ିବ । କ୍ଷମତାର ବିକେନ୍ଦ୍ରୀକରଣ କରାଯାଇ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ତଥା କ୍ଷମତାସମ୍ପନ୍ନ କରିବା ଉଚିତ। ଏହାଦ୍ୱାରା ଗ୍ରାମାଞ୍ଚଳର ଅଧିକାଂଶ ସମସ୍ୟା ଗାଆଁସ୍ତରରେ ସମାଧାନ ହୋଇପାରିବା ସହିତ ଯୋଜନା ଅର୍ଥର ପ୍ରକୃତ ବିପଣନ ମଧ୍ୟ ହୋଇପାରିବ । ସେମାନଙ୍କ କହିବା ଅନୁଯାୟୀ, ରାଜ୍ୟର ସାମଗ୍ରିକ ବିକାଶରେ ବ୍ୟାପକ ଶିଳ୍ପାୟନର ଯେତିକି ଆବଶ୍ୟକତା ରହିଛି, ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିବାକୁ ହେଲେ ଗ୍ରାମାଞ୍ଚଳର ବିକାଶ ମଧ୍ୟ ସେତିକି ଜରୁରୀ ହୋଇପଡ଼ିଛି । ସରକାରଙ୍କର ପ୍ରତିଟି ବିକାଶଭିତ୍ତିକ ଯୋଜନା ଗ୍ରାମାଭିମୁଖୀ ହେବା ଦରକାର । ଅମଲାତନ୍ତ୍ର, ବୁଦ୍ଧିଜୀବୀଙ୍କ ଠାରୁ ଆରମ୍ଭ କରି ରାଜନୈତିକ ନେତା ପର୍ଯ୍ୟନ୍ତ ଯଦି 'ଗାଆଁକୁ ଚାଲ' ଅଭିଯାନରେ ସାମିଲ୍ ହୋଇ ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ ପାଇଁ ଯତ୍ନବାନ ହୋଇପାରିବେ, ତେବେ ଓଡ଼ିଶାର ଗ୍ରାମାଞ୍ଚଳର ରୂପରେଖ ବଦଳିଯିବାକୁ ଆଉ ବେଶି ସମୟ ଲାଗିବ ନାହିଁ । ଆଜିର ଅତ୍ୟାଧୁନିକ ଯୁଗରେ ଏକଥା ଅବଶ୍ୟ ସରକାର ଧୀରେ ଧୀରେ ହୃଦୟଙ୍ଗମ କରୁଥିବା ଲକ୍ଷ୍ୟ କରାଯାଉଛି। ଆହୁରି ମଧ୍ୟ ଲକ୍ଷ୍ୟ କରିହେଉଛି ଯେ, ଏ ଦିଗରେ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଉଛି । ତଥାପି ବାକିଅଛି ବହୁତ କିଛି କରିବା ପାଇଁ । (ଶେଷଭାଗ)

କଟକ, ମୋ : ୮୩୨୮୯୪୮୬୪୩

# ପ୍ରକୃତ ବିକାଶର ପରିଭାଷା

## ସୁଧାଂଶୁ ରଞ୍ଜନ ଦାସ

"ଓଡିଶା ଖଣିଜ ସମ୍ପଦ ପାଇଁ ପ୍ରସିଦ୍ଧ ଓ ଏହାର ଅର୍ଥ ନୁହେଁ ଅତ୍ୟଧିକ ଖଣିଜ ପଦାର୍ଥ ଖନନ କରି ମାଟି, ପାଣି, ପବନକୁ ପ୍ରଦୂଷିତ କରିଦେଇ ମାରାତ୍ମକ ରୋଗ ସୃଷ୍ଟି କରିବା । ଖଣିଜ ପଦାର୍ଥଗୁଡିକ ଖନନ କରିବା ବେଳେ ଯେପରି ଏହା ପାଖରେ ଥିବା ସହର ଓ ଗାଁ ଗୁଡିକୁ ନଷ୍ଟ ନ କରେ ସେଥିପାଇଁ ଉପଯୁକ୍ତ ପଦକ୍ଷେପ ନେବା ଉଚିତ । ବିଗତ ସତୁରି ବର୍ଷ ହେଲା ଭାରତୀୟ ଖଣିଗୁଡିକ ନିଜ ଦେଶରେ ଶିଳ୍ପର ବିକାଶ ଅଧିକ ନ କରି ବାହାର ଦେଶରେ ଶିଳ୍ପର ବିକାଶ କରିଛନ୍ତି। ଏହି ପ୍ରକ୍ରିୟାକୁ ବନ୍ଦ କରି ଖଣିରୁ ନିଜ ଦେଶର ଶିଳ୍ପ ବିକାଶ ପାଇଁ ଯେତିକି ଆବଶ୍ୟକ ସେତିକି ଖଣିଜ ପଦାର୍ଥ ଖନନ କରିବା ଉଚିତ ।

ମହାଭାରତରେ ବର୍ଣ୍ଣିତ ଭାରତର ପ୍ରାଚୀନ ରାଜ୍ୟ କଳିଙ୍ଗ ଓ ଆଜିର ଓଡିଶା ଏକ ସମୃଦ୍ଧ ରାଜ୍ୟ ଥିଲା ।
ଶୌର୍ଯ୍ୟ, ବୀର୍ଯ୍ୟ, ପ୍ରାଚୁର୍ଯ୍ୟ ଓ ପରାକ୍ରମରେ କଳିଙ୍ଗ ରାଜ୍ୟ ଭାରତରେ ଅଦ୍ୱିତୀୟ ଥିଲା ଓ ମଗଧର ରାଜା ବିନ୍ଦୁସାର ସାରା ଭାରତ ଜିତି ମଧ୍ୟ କଳିଙ୍ଗକୁ ଜିତି ପାରିନଥିଲେ ଓ ବିନ୍ଦୁସାରଙ୍କ ପୁତ୍ର ଅଶୋକ ଖ୍ରୀଷ୍ଟପୂର୍ବ ୨୬୧ କଳିଙ୍ଗ ଆକ୍ରମଣ କରିଥିଲେ । କଳିଙ୍ଗ ଯୁଦ୍ଧ ପୃଥିବୀ ଇତିହାସରେ ସବୁଠାରୁ ବଡ ଭୟଙ୍କର ଓ ରୋମାଞ୍ଚକାରୀ ଯୁଦ୍ଧ ଥିଲା । ଏହି ଯୁଦ୍ଧରେ ଦୁଇଟି ରାଜ୍ୟର ଦୁଇ ଲକ୍ଷରୁ ଅଧିକ ସୈନିକ ବୀରଗତିକୁ ପ୍ରାପ୍ତ କରିଥିଲେ। ଏହାର ଚାରିଗୁଣା ସୈନିକ ଆହତ ହୋଇଥିଲେ । ଏହି ପ୍ରଳୟଙ୍କାରୀ ଯୁଦ୍ଧରେ ଭାରତର ଦୁଇଟି ଶକ୍ତିଶାଳୀ ରାଜ୍ୟର ସେନାଶକ୍ତି ନଷ୍ଟ ହୋଇଯାଇଥିଲା। ଏହି ଯୁଦ୍ଧ ଅଶୋକଙ୍କର ଯୁଦ୍ଧ ଲାଳସାକୁ ଅନ୍ତକରି ତାଙ୍କୁ ବୌଦ୍ଧ ଧର୍ମ ଗ୍ରହଣ କରି ଶାନ୍ତିର ମାର୍ଗ ବାଛିବାକୁ ବାଧ କରିଥିଲା । ଇତିହାସକାରମାନେ କହନ୍ତି ଏହି ଯୁଦ୍ଧର ପ୍ରଧାନ କାରଣ ହେଲା କଳିଙ୍ଗର ପ୍ରାଚୁର୍ଯ୍ୟ ଓ ଭାରତ ମହାସାଗର ଓ କଳିଙ୍ଗ ସାଗର ଦେଇ କଳିଙ୍ଗ ବିଭିନ୍ନ ଦେଶ ସାଙ୍ଗରେ ନୌବାଣିଜ୍ୟ କରୁଥିଲା । ଅଶୋକ ଏହି ସାମୁଦ୍ରିକ ପଥ ଉପରେ ନିଜର ନିୟନ୍ତ୍ରଣ ରଖିବାକୁ ଅଭିଳାଷ ରଖିଥିଲେ । କିନ୍ତୁ ଫଳ ଓଲଟା ହେଲା ଓ ସମ୍ରାଟ ଅଶୋକ ବୈଭବ ଜାଗାରେ ମାନସିକ ଶାନ୍ତି ପାଇଥିଲେ । କିନ୍ତୁ ଓଡିଶା ଏତେ ବୈଭବଶାଳୀ ହେଲା କିପରି ? ଏହାର ପ୍ରଧାର କାରଣ ହେଲା ପୂର୍ବେ ଓଡ଼ିଶାର ଲୋକମାନେ ସାହସୀ, କର୍ମଠ, ଧାର୍ମିକ ଓ ପରାକ୍ରମୀ ଥିଲେ । ଓଡ଼ିଶାର ରାଜାମାନଙ୍କର ସାହସ, ପରାକ୍ରମ, ଶକ୍ତି, ସାମର୍ଥ୍ୟ ଓ ତ୍ୟାଗର ଅନେକ ଉଦାହରଣ ସାଧାରଣ ଲୋକଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ନିଜ ରାଜ୍ୟର ସୁରକ୍ଷା ଓ ସମୃଦ୍ଧି ପାଇଁ ସେମାନେ ଅନେକ କଷ୍ଟ ଉଠାଉଥିଲେ । ନିଜକୁ ଶାରୀରିକ ଓ ମାନସିକ ଶକ୍ତିରେ ପରିପୂର୍ଣ୍ଣ କରି ଯୁଦ୍ଧ ବିଦ୍ୟାରେ ନିପୁଣ ହେଉଥିଲେ । ଓଡ଼ିଶାର ଏହି ଗରିମାମୟ ଇତିହାସକୁ ଆଉଥରେ ଲେଖିବା ପାଇଁ ଓଡ଼ିଶାରେ ସମସ୍ତ କ୍ଷେତ୍ରରେ କାର୍ଯ୍ୟରତ ନେତୃବୃନ୍ଦ, ସାହସୀ ଓ ଶିକ୍ଷିତ ଯୁବପିଢ଼ି, ସକାରାତ୍ମକ ଚିନ୍ତା ଥିବା ଗଣମାଧ୍ୟମ ଓ ବୁଦ୍ଧିଜୀବୀ ତତ୍ପର ହେବା ଦରକାର । ଏହା ଓଡିଶା ଆକାଶରେ ଘନୀଭୂତ ହେଉଥିବା ଯେକୌଣସି କଳା ବାଦଲକୁ ସହଜରେ ଶୀତଳ ବୃଷ୍ଟିରେ ପରିଣତ କରିପାରିବ।
ଓଡ଼ିଶାରେ କର୍ମ ସଂସ୍କୃତିରେ ନିହାତି ପରିବର୍ତ୍ତନ ଦରକାର । ଆଜିର ଯୁବପିଢ଼ି ଶାରୀରିକ କାମ କରିବାକୁ ମଙ୍ଗୁ ନାହାନ୍ତି । ଅଳ୍ପ ପଇସା ପଛେ ଆସୁ ଚାକିରି କରି ଗଣ୍ଡେ ଖାଇ ଦଣ୍ଡେ ଶୋଇବାକୁ ଚାହୁଁଛନ୍ତି । ଗାଁ ଗଣ୍ଡାରେ ଆଉ କର୍ମଜୀବୀ ନାହାନ୍ତି । ଟିକସଦାତାଙ୍କ ପଇସାରେ ସରକାର ସେମାନଙ୍କୁ ମାଗଣା ଖାଦ୍ୟ ପଦାର୍ଥ ବାଣ୍ଟିବା ସଂଗେ ସଂଗେ ବ୍ୟାଙ୍କ ଖାତାକୁ ଟଙ୍କା ପଠାଉଛନ୍ତି । ସେତିକି ସୁବିଧା ପାଇ ମଧ୍ୟ ଲୋକମାନେ ଗାଁରେ ଶ୍ରମ କରି ଅଧିକ ଉପାର୍ଜନ କରିବା ଜାଗାରେ ଲକ୍ଷ ଲକ୍ଷ ସଂଖ୍ୟାରେ ସହରକୁ ଆସି ଛୋଟ ଛୋଟ କାମ କରୁଛନ୍ତି । ଫଳରେ ସହର ମଧ୍ୟ ନଷ୍ଟ ହୋଇଯାଉଛି । ଆଜି ବିଶ୍ୱରେ ୫୦ପ୍ରତିଶତରୁ ଅଧିକ ଲୋକ ଦିନରେ ସମ୍ପୂର୍ଣ୍ଣ ଭୋଜନ ପାଉ ନାହାନ୍ତି । ସାରା ବିଶ୍ୱରେ ଦେଖାଦେଇଥିବା ଖାଦ୍ୟାଭାବ ଭାରତରେ କୃଷିର ବିକାଶ ପାଇଁ ଅନେକ ସମ୍ଭାବନା ସୃଷ୍ଟି କରିଛି । ଏ ପରିସ୍ଥିତିରେ ଓଡ଼ିଶାର ଗାଁଗୁଡିକରେ ଲୋକ ଧାନ ଜମି ବିକି କିମ୍ବା ପଡିଆ ପକାଇ ସହରକୁ ଧାଉଁଛନ୍ତି । ଗାଁରେ ଉତ୍ପାଦନ ହେଉଥିବା ଶସ୍ୟ ଓ ପନି ପରିବା ଇତ୍ୟାଦି ଯେମିତି ଶୀଘ୍ର ଓ ଉଚିତ ଦରରେ ବିକ୍ରି ହୋଇପାରିବ ସେଥିପାଇଁ ସରକାର ସମସ୍ତ ପଦକ୍ଷେପ ନେବା ଉଚିତ । ଗାଁ ରେ ଜଳ ଧନର ସୁରକ୍ଷା, ସୁସ୍ଥ ନ୍ୟାୟ ବ୍ୟବସ୍ଥା, ସାମାଜିକ ଓ ସାଂସ୍କୃତିକ ପରିବେଶ ଲୋକଙ୍କୁ ଗାଁରେ ରହିବାକୁ ଉତ୍ସାହିତ କରିବ । ଉତ୍ତମ ମାନର ସରକାରୀ ସ୍କୁଲ ଓ ହସ୍ପିଟାଲ ଲୋକଙ୍କୁ ନିଜ ଗାଁରେ ରହି ଅନେକ ଆର୍ଥିକ ଗତିବିଧି କରିବାକୁ ପ୍ରେରଣା ଦେବ । ସରକାର ମାଗଣା ଖାଦ୍ୟ ପଦାର୍ଥ ଦେବା ବନ୍ଦ କରି ଗାଁଗୁଡିକରେ ଆର୍ଥିକ ଗତିବିଧି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବା ଉଚିତ । ଏହା ପୂର୍ବରୁ ସରକାର ଓଡ଼ିଶାରେ ବଢୁଥିବା ଅସହ୍ୟ ଗ୍ରୀଷ୍ମ ଉତ୍ତାପକୁ କାବୁ କରିବା ପାଇଁ ସମସ୍ତ ନଦୀ, ହ୍ରଦ, ପୋଖରୀ, ଜଙ୍ଗଲ, ପାହାଡ ଓ ଦେଶୀ ଗଛର ବିବିଧତାକୁ ସୁରକ୍ଷିତ ରଖିବା ନିତାନ୍ତ ଆବଶ୍ୟକ।
ଆଜି ଲକ୍ଷ ଲକ୍ଷ ଓଡ଼ିଆ ଯୁବପିଢି ଜୀବିକା ଅର୍ଜନ ପାଇଁ ମୁମ୍ବାଇ, ସୁରଟ, ହାଇଦ୍ରାବାଦ, ବେଙ୍ଗାଲୁରୁ, ଚେନ୍ନାଇ, ଚଣ୍ଡିଗଡ ଓ ଦିଲ୍ଲୀ ଇତ୍ୟାଦି ଅନେକ ସହରରେ ଅଛନ୍ତି । ଯଦିଓ କେନ୍ଦ୍ର ସରକାରଙ୍କ ପାଖରେ ପ୍ରାୟ ୩୦ ରୁ ଅଧିକ ଓଡ଼ିଆ ବଡ ବଡ ପଦବୀରେ ଅଛନ୍ତି। ସାହସ ଓ ଓଡିଶା ପ୍ରତି ପ୍ରତିବଦ୍ଧତା ଅଭାବରୁ ଭୁବନେଶ୍ୱର- ହାଇଦ୍ରାବାଦ- ପୁନେ- ମୁମ୍ବାଇ- ଅହମଦାବାଦ, ଚେନ୍ନାଇ ଓ ବେଙ୍ଗାଲୁରୁ ଯିବା ପାଇଁ ଦ୍ରୁତଗାମୀ ଟ୍ରେନର ସୁବିଧା କରିପାରୁନାହାନ୍ତି । ଆଜିର ସମୟରେ ଟ୍ରେନରେ ଯିବା ଆସିବାରେ ଜଣେ ଯଦି ଦୁଇ ଦିନ କିମ୍ବା ଚାରି ଦିନ ନଷ୍ଟ କରିବ ସେ କି ବ୍ୟବସାୟ କରିବ ? ରେଳ ଟିକେଟର ଡାଇନାମିକ ବୁକିଂ ବେଡି ଉପରେ କରଡ଼ା ମାଡ଼ ପରି ଲାଗେ । ବିମାନ ଭଡା ତ ଏବେ ଉଡି ଉଡି ଆକାଶ ଛୁଇଁଲାଣି । ସାଧାରଣ ଲୋକେ ଖାଲି କଲବଲ ହେବା କଥା ।
କୋଣାର୍କ ଟ୍ରେନ ୧୯୮୪ ରେ ଭୁବନେଶ୍ୱରରୁ ମୁମ୍ବାଇ ଯିବା ପାଇଁ ୩୨ ଘଣ୍ଟା ଲାଗୁଥିଲା। ଆଜି ଏହା ୩୬ ଘଣ୍ଟାରେ ପହଞ୍ଚିଛି । ଭାରତର ବଡ ବଡ ସହରଗୁଡିକ ସାଙ୍ଗରେ ଭୁବନେଶ୍ୱରକୁ ଦ୍ରୁତ ଟ୍ରେନ ସୁବିଧା ଦ୍ୱାରା ସଂଯୋଗ କରାଗଲେ ଏହା ରାଜ୍ୟର ସାମୂହିକ ବିକାଶ କରିବ । ଆଜି ସବୁ ଦ୍ରୁତ ଟ୍ରେନ ସୁବିଧା ପୁନେ, ମୁମ୍ବାଇ, ହାଇଦ୍ରାବାଦ, ବିଶାଖାପାଟନମ, ଅହମଦାବାଦ, ବାଙ୍ଗାଲୋର ଓ ଚେନ୍ନାଇ ଭିତରେ ସୀମିତ ଅଛି । ଭୁବନେଶ୍ୱର ଦ୍ରୁତ ଟ୍ରେନ ସୁବିଧାରେ ଅନେକ ପଛରେ ପଡିଛି । ଯେତେ ସବୁ ଦ୍ରୁତ ଟ୍ରେନ ହାଇଦ୍ରାବାଦରୁ ବିଶାଖାପାଟନମ ଆସୁଛି ସେଗୁଡିକୁ ଭୁବନେଶ୍ୱର ଯାଏ ସଂଯୋଗ କରିବା ନିହାତି ଦରକାର ।
ଓଡିଶା ଖଣିଜ ସମ୍ପଦ ପାଇଁ ପ୍ରସିଦ୍ଧ ଓ ଏହାର ଅର୍ଥ ନୁହେଁ ଅତ୍ୟଧିକ ଖଣିଜ ପଦାର୍ଥ ଖନନ କରି ମାଟି, ପାଣି, ପବନକୁ ପ୍ରଦୂଷିତ କରିଦେଇ ମାରାତ୍ମକ ରୋଗ ସୃଷ୍ଟି କରିବା । ଖଣିଜ ପଦାର୍ଥଗୁଡିକ ଖନନ କଲା ବେଳେ ଯେପରି ଏହା ପାଖରେ ଥିବା ସହର ଓ ଗାଁ ଗୁଡିକୁ ନଷ୍ଟ ନ କରେ ସେଥିପାଇଁ ଉପଯୁକ୍ତ ପଦକ୍ଷେପ ନେବା ଉଚିତ । ବିଗତ ସତୁରି ବର୍ଷ ହେଲା ଭାରତୀୟ ଖଣିଗୁଡିକ ନିଜ ଦେଶରେ ଶିଳ୍ପର ବିକାଶ ଅଧିକ ନକରି ବାହାର ଦେଶରେ ଶିଳ୍ପର ବିକାଶ କରିଛନ୍ତି। ଏହି ପ୍ରକ୍ରିୟାକୁ ବନ୍ଦ କରି ଖଣିରୁ ନିଜ ଦେଶର ଶିଳ୍ପ ବିକାଶ ପାଇଁ ଯେତିକି ଆବଶ୍ୟକ ସେତିକି ଖଣିଜ ପଦାର୍ଥ ଖନନ କରିବା ଉଚିତ ।
ଖନନ ପ୍ରକ୍ରିୟା ଯୋଗୁଁ ଯଦି ପର୍ଯ୍ୟାବରଣ, ଜଳଧନ, ମାଟି ଓ ପବନ ଇତ୍ୟାଦିର ପ୍ରଦୂଷଣ ହୋଇ ଅଧିକ ଆର୍ଥିକ କ୍ଷତି ହେଉଥାଏ । ତେବେ ଖଣିଜ ପଦାର୍ଥର ବିକଳ୍ପ ବାହାର କରିବା ଉଚିତ । ଆଜି ମଧ୍ୟପ୍ରାଚ୍ୟର ଜୀବାଶ୍ମ ଇନ୍ଧନର ବିକଳ୍ପ ବାହାର ନକଲେ ପୃଥିବୀ ନଷ୍ଟ ହୋଇଯିବ । ପ୍ରଦୂଷଣର ମାତ୍ରା ବଢିଲେ ଏହା ଲୋକଙ୍କର ସ୍ୱାସ୍ଥ୍ୟ, ଉତ୍ପାଦକତା ଓ ଆର୍ଥିକ ସ୍ଥିତି ଦୁର୍ବଳ କରିଥାଏ ଓ ଅନେକ ପ୍ରକାରର ପରିବେଶ ଅନୁକୂଳ ଆର୍ଥିକ ଗତିବିଧି ମଧ୍ୟ ନଷ୍ଟ ହୋଇଯାଏ। ପ୍ରାକୃତିକ ପରିବେଶରେ ରହି ହସ୍ତଶିଳ୍ପୀ କାଠ, ପଥର, ମାଟି, ପତ୍ର ଓ ବିଭିନ୍ନ ଧାତୁରେ ନିଜର ସୃଜନଶୀଳତା ଦ୍ୱାରା ଅତ୍ୟଧିକ ମୂଲ୍ୟଯୋଗ କରିଥାଏ । ଆଜି ଗୋଟିଏ ୧୫ ବର୍ଗ ଫୁଟର ତାଳପତ୍ର ଚିତ୍ର ହାଇଦ୍ରାବାଦର ସ୍ୱଦେଶ ହସ୍ତଶିଳ୍ପ ମଲରେ ୧୩ ଲକ୍ଷ ଟଙ୍କାର ବିକ୍ରି ହେଉଥିବାର ନଜିର ରହିଛି। ଓଡ଼ିଶାର କୁଶଳୀ ଶିଳ୍ପୀମାନେ ଅନେକ ହସ୍ତଶିଳ୍ପ ସାମଗ୍ରୀରେ ଅତ୍ୟଧିକ ମୂଲ୍ୟ ଯୋଗ କରିଥାନ୍ତି । ହସ୍ତଶିଳ୍ପୀ ମୂଲ୍ୟ ଯୋଗ କରିବା ପାଇଁ ନିହାତି ଦଶବର୍ଷ ନିରବଚ୍ଛିନ୍ନ ସାଧନା କରିବା ଦରକାର । ବିନା କଳାକାରୀରେ ହସ୍ତଶିଳ୍ପ ସାମଗ୍ରୀକୁ କେହି ଅଧିକ ମୂଲ୍ୟରେ କିଣି ନଥାନ୍ତି । ଓଡିଶା ସରକାର ହସ୍ତଶିଳ୍ପର ବିକାଶ ପାଇଁ ଦକ୍ଷ ଓ ସଚ୍ଚୋଟ ଅଧିକାରୀଙ୍କୁ ଏଥିରେ ନିୟୋଜିତ କରିବା ଦରକାର । ଓଡ଼ିଶାର ବିକାଶ ସାମାଜିକ, ସାଂସ୍କୃତିକ, ଆର୍ଥିକ, କର୍ମ ସଂସ୍କୃତି ଓ ପର୍ଯ୍ୟାବରଣର ବିକାଶ ଉପରେ ନିର୍ଭର କରେ।

# ମହିଳା ସଂରକ୍ଷଣ ରାଜନୀତି

## ସୌଭାଗ୍ୟ ରଂଜନ ମହାନ୍ତି

"୨୦୨୬ ଜନଗଣନା ଅନୁସାରେ ସୀମା ନିର୍ଦ୍ଧାରଣ ହେଉ, କିନ୍ତୁ ଏଥିରେ ଜନସଂଖ୍ୟାକୁ ଆଧାର କରାନଯାଉ। ଜନସଂଖ୍ୟା ଆଧାରରେ ସୀମା ପୁନର୍ନିର୍ଦ୍ଧାରଣ ହେଲେ, ଜନସଂଖ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ସଫଳତା ହାସଲ କରିଥିବା ରାଜ୍ୟଗୁଡିକ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବେ। ବିଶେଷ କରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଲୋକସଭାରେ ପ୍ରତିନିଧିତ୍ୱ ଅଂଶ ବା ଅନୁପାତ ହ୍ରାସ ପାଇବ। ଅପରପକ୍ଷରେ ଉତ୍ତରଭାରତୀୟ ରାଜ୍ୟଗୁଡିକର ପ୍ରତିନିଧିତ୍ୱ ଅଂଶ ଆଶାତୀତ ଭାବେ ବୃଦ୍ଧି ପାଇବ। ବିଲ୍‌କୁ ଡିଏମକେ ଦୃଢ ବିରୋଧ କରିବା ସହ ଆଜି ରାଜ୍ୟବ୍ୟାପୀ କଳା ଦିବସ ପାଳନ କରୁଛି। ଲୋକସଭାରେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ପ୍ରତିନିଧିତ୍ୱ ଅଂଶ ହ୍ରାସ ଏକ ଐତିହାସିକ ଅନ୍ୟାୟ ହେବ ବୋଲି ତାମିଲନାଡୁର ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିରେ ଓଡିଶା ମଧ୍ୟ କ୍ଷତିଗ୍ରସ୍ତ ହେବ। ସୀମା ନିର୍ଦ୍ଧାରଣ ପରେ ଓଡ଼ିଶାରେ ଲୋକସଭା ଆସନ ସଂଖ୍ୟା ୩୦କୁ ବୃଦ୍ଧି ପାଇବା ସମ୍ଭାବନା ରହିଛି।

ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଆଇନ ତଥା ନାରୀ ଶକ୍ତି ବନ୍ଦନ ଅଧିନିୟମ ଆସନ୍ତା ୨୦୨୯ ସାଧାରଣ ନିର୍ବାଚନରେ ଲାଗୁ କରିବା ପାଇଁ ଆଜିଠାରୁ ତିନିଦିନିଆ ପାର୍ଲିଆମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହୋଇଛି। ଅଧିବେଶନରେ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍, ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ବିଲ୍-୨୦୨୬ ଏବଂ କେନ୍ଦ୍ରଶାସିତ ଅଂଚଳ ଆଇନ(ସଂଶୋଧନ) ବିଲ୍-୨୦୨୬ ଆଗତ କାର୍ଯ୍ୟକ୍ରମ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଲାଗି ନାରୀ ଶକ୍ତି ବନ୍ଦନ ଅଧିନିୟମ ତଥା ୧୦୬ତମ ସମ୍ବିଧାନ ସଂଶୋଧନ ବିଲ୍-୨୦୨୬ ପାର୍ଲିଆମେଣ୍ଟରେ ଅନୁମୋଦିତ ହୋଇ ଆଇନରେ ପରିଣତ ହୋଇଯାଇଛି। କିନ୍ତୁ ଏହି ଆଇନ ୨୦୩୬ ସାଧାରଣ ନିର୍ବାଚନରେ କାର୍ଯ୍ୟକାରୀ ହେବାର ଥିଲା। ଏବେ କେନ୍ଦ୍ରରେ କ୍ଷମତାସୀନ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ୨୦୨୯



ସାଧାରଣ ନିର୍ବାଚନରେ କାର୍ଯ୍ୟକାରୀ କରିବା ପାଇଁ ଯୋଜନା କରିଛନ୍ତି। କିନ୍ତୁ ଏହା ସହିତ ଜନଗଣନା ରିପୋର୍ଟ ଆଧାରରେ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଜଡିତ ରହିଛି। ଯାହାର ପରିଣତି ସ୍ୱରୂପ ଲୋକସଭାର ଆସନ ସଂଖ୍ୟା ୪୦ ପ୍ରତିଶତରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ୨୦୨୧ରେ ଜନଗଣନା ହୋଇନଥିବାରୁ ଏବଂ ଏବେ ଜନଗଣନା ଆରମ୍ଭ ହୋଇଥିବାବେଳେ ୨୦୧୧ ଜନଗଣନା ରିପୋର୍ଟ ଆଧାରରେ ଆସନ ସଂଖ୍ୟା ନିର୍ଦ୍ଧାରଣ ହେବ। ମହିଳା ସଂରକ୍ଷଣ ସହ ସୀମୀ ପୁନଃ ନିର୍ଦ୍ଧାରଣକୁ ଏକତ୍ର କରିବା ହେଉଛି ସରକାରଙ୍କର ଏକ ରାଜନୈତିକ ଫାଇଦା ହାସଲ ଲକ୍ଷ୍ୟ। ତେଣୁ ସରକାର ମହିଳା ସଂରକ୍ଷଣ ଆଇନକୁ ତରବରିଆ ଭାବେ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରୁଥିବା ମନେହୁଏ। ଯେଉଁ ରାଜ୍ୟଗୁଡିକରେ ବିଜେପିର ନିର୍ବାଚନିକ ପ୍ରଭାବ ରହିଛି ଏବଂ ଯେଉଁ ରାଜ୍ୟଗୁଡିକରେ ଦୁର୍ବଳ ରହିଛି, ନିଜକୁ ସୁହାଇବା ଭଳି ସୀମା ନିର୍ଦ୍ଧାରଣ କରି ରାଜନୈତିକ ଫାଇଦା ହାସଲ କରିବାକୁ ଲକ୍ଷ୍ୟ ରଖିଛି ବୋଲି କୁହାଯାଇପାରେ।

ଉଲ୍ଲେଖଯୋଗ୍ୟ ଯେ, ଦେଶରେ ପ୍ରତି ଦଶନ୍ଧି ଆରମ୍ଭରେ ଜନଗଣନା ହେଉଥିବାବେଳେ ଶେଷଥର ପାଇଁ ୨୦୧୧ରେ ହୋଇଥିଲା। ମହାମାରୀ କରୋନା ଯୋଗୁଁ ୨୦୨୧ରେ ଜନସୁମାରି ହୋଇପାରିନଥିଲା। ଦୀର୍ଘ ୫ ବର୍ଷ ପରେ ଏବେ ଦେଶରେ ଜନଗଣନା ଆରମ୍ଭ ହୋଇଛି। ତେବେ ୫ବର୍ଷ କାହିଁକି ବିଳମ୍ବ ହେଲା ବୁଝାପଡୁନାହିଁ। ଯଦି ୨୦୨୧ରେ କେତେକ ରାଜ୍ୟରେ ବିଧାନସଭା ନିର୍ବାଚନ ହୋଇପାରିଲା, ତେବେ ପରବର୍ତ୍ତୀ ବର୍ଷରେ ଜନଗଣନା ହୋଇପାରିଲା ନାହିଁ କାହିଁକି, ବୁଝାପଡୁନାହିଁ। ଶେଷ ଥର ପାଇଁ ଦେଶରେ ୧୯୭୧ ଜନଗଣନା ପରେ ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ହୋଇଥିଲା ଏବଂ ସେହି ବର୍ଷ ଠାରୁ ଦେଶରେ ଲୋକସଭା ଓ ବିଧାନସଭା ପରେ ଏହାର ଅବଧି ଶେଷ ହୋଇଯିବ। ଏହାର ଅର୍ଥ ହେଉଛି ୨୦୩୧ ଜନଗଣନା ଆଧାରରେ ଦେଶରେ ସୀମା ପୁନଃ ନିର୍ଦ୍ଧାରଣ ହେବ। କିନ୍ତୁ ସରକାର ଜନଗଣନାକୁ ବିଳମ୍ବ କରି ୨୦୨୬-୨୭ ରିପୋର୍ଟ ପୂର୍ବରୁ ସୀମା ନିର୍ଦ୍ଧାରଣ କରିବାକୁ ଯାଉଛନ୍ତି। ତେବେ ଏହି ସମ୍ବିଧାନ ସଂଶୋଧନ ବିଲ୍ ସଂସଦରେ ଗୃହୀତ କରାଇବା ପାଇଁ ଦୁଇ-ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ଆବଶ୍ୟକ। କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନଡିଏର ସଂସଦର ଉଭୟ ଗୃହରେ ଦୁଇ-ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ନାହିଁ। ଲୋକସଭାରେ ୩୬୦ ଏବଂ ରାଜ୍ୟସଭାରେ ୧୭୦ଜଣ ସଦସ୍ୟଙ୍କର ସମର୍ଥନ ସଂଶୋଧନ ବିଲକୁ ବିରୋଧୀ ଦଳଗୁଡିକ ଦୃଢ ବିରୋଧ କରିଛନ୍ତି। ତେଣୁ ବିଲ୍ ଅନୁମୋଦିତ ହେବା ଏକ ଜଟିଳ ବ୍ୟାପାର ବୋଲି କୁହାଯାଇପାରେ। ସରକାର ୨୦୧୧ ଜନଗଣନା ଆଧାରରେ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ କରିବାକୁ ଯାଉଥିବାବେଳେ ବିରୋଧୀ ଦଳଗୁଡିକ ଏହାକୁ ବିରୋଧ କରିଛନ୍ତି।

୨୦୨୬ ଜନଗଣନା ଅନୁସାରେ ସୀମା ନିର୍ଦ୍ଧାରଣ ହେଉ, କିନ୍ତୁ ଏଥିରେ ଜନସଂଖ୍ୟାକୁ ଆଧାର କରାନଯାଉ। ଜନସଂଖ୍ୟା ଆଧାରରେ ସୀମା ପୁନର୍ନିର୍ଦ୍ଧାରଣ ହେଲେ, ଜନସଂଖ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ସଫଳତା ହାସଲ କରିଥିବା ରାଜ୍ୟଗୁଡିକ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବେ। ବିଶେଷ କରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକରେ ଲୋକସଭାରେ ପ୍ରତିନିଧିତ୍ୱ ଅଂଶ ବା ଅନୁପାତ ହ୍ରାସ ପାଇବ। ଅପରପକ୍ଷରେ ଉତ୍ତର ଭାରତୀୟ ରାଜ୍ୟଗୁଡିକର ପ୍ରତିନିଧିତ୍ୱ ଅଂଶ ଆଶାତୀତ ଭାବେ ବୃଦ୍ଧି ପାଇବ। ବିଲକୁ ଡିଏମକେ ଦୃଢ ବିରୋଧ କରିବା ସହ ଆଜି ରାଜ୍ୟବ୍ୟାପୀ କଳା ଦିବସ ପାଳନ କରୁଛି। ଲୋକସଭାରେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକରେ ପ୍ରତିନିଧିତ୍ୱ ଅଂଶ ହ୍ରାସ ଏକ ଐତିହାସିକ ଅନ୍ୟାୟ ହେବ ବୋଲି ତାମିଲନାଡୁର ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିରେ ଓଡିଶା ମଧ୍ୟ କ୍ଷତିଗ୍ରସ୍ତ ହେବ। ସୀମା ନିର୍ଦ୍ଧାରଣ ପରେ ଓଡିଶାରେ ଲୋକସଭା ଆସନ ସଂଖ୍ୟା ୩୦କୁ ବୃଦ୍ଧି ପାଇବା ସମ୍ଭାବନା ରହିଛି । ସେହିପରି ବିଧାନସଭା ଆସନ ସଂଖ୍ୟା ଆଉ ୭୪ଟି ବଢିବ। ସଂସଦରେ ଓଡିଶାର ପ୍ରତିନିଧିତ୍ୱ ହାର ଏବେ ୩.୯ ପ୍ରତିଶତ ଥିବାବେଳେ ସୀମା ନିର୍ଦ୍ଧାରଣ ପରେ ୩.୪ ପ୍ରତିଶତକୁ ହ୍ରାସ ପାଇବ। ଏ କ୍ଷେତ୍ରରେ ଓଡିଶା ଚତୁର୍ଥ ସର୍ବାଧିକ ରାଜ୍ୟ ବୋଲି ପୂର୍ବତନ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ତେଣୁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି କରିଛନ୍ତି।

କହିବା ବାହୁଲ୍ୟ ଯେ, ବିଲ୍ ଗୃହୀତ ହେବା ପରେ ହିନ୍ଦୀ ଭାଷାଭାଷୀ ରାଜ୍ୟଗୁଡିକର ପ୍ରତିନିଧିତ୍ୱ ୩୧.୧ ପ୍ରତିଶତରୁ ସର୍ବାଧିକ ୪୩.୧ ପ୍ରତିଶତ ବୃଦ୍ଧି ପାଇବ। କିନ୍ତୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକରେ ଲୋକସଭାରେ ପ୍ରତିନିଧିତ୍ୱ ୨୪.୩ ପ୍ରତିଶତରୁ ୨୦.୭ ପ୍ରତିଶତକୁ ହ୍ରାସ ପାଇବ। ସେହିପରି ପୂର୍ବାଞ୍ଚଳରେ ସାମନ୍ୟ ହ୍ରାସ ପାଇବା ଆଶଙ୍କା ରହିଛି। ଉତ୍ତର ଭାରତୀୟ ରାଜ୍ୟଗୁଡିକରେ ବିଜେପିର ପ୍ରଭାବ ଜଣାଶୁଣା। ମହିଳା ସଂରକ୍ଷଣ ବିଲ୍‌କୁ କେହି ବିରୋଧ କରୁନଥିବାବେଳେ ସୀମା ନିର୍ଦ୍ଧାରଣ ବିଲ୍ ବିରୋଧର ସମ୍ମୁଖୀନ ହୋଇଛି । ତେଣୁ ତରବରିଆ ଭାବେ କୌଣସି ପଦକ୍ଷେପ ନିଆନଯାଉ।

ମୋ-୯୪୩୭୯୯୪୩୭୯

17. 04.2026.pmd 1 4/16/2026, 5:14 PM

# ସେଞ୍ଚୁରିଆନ ପବ୍ଲିକ୍ ସ୍କୁଲର ସିବିଏସସି ଦଶମ ବୋର୍ଡ ପରୀକ୍ଷାରେ ସଫଳତା

ରାୟଗଡା, ୧୬।୪ (ନିପ୍ର): ସେଞ୍ଚୁରିଆନ ପବ୍ଲିକ୍ ସ୍କୁଲ ସିବିଏସସି ଦଶମ ବୋର୍ଡ ପରୀକ୍ଷାରେ ଅସାଧାରଣ ଫଳାଫଳ ପ୍ରଦର୍ଶନ କରି ଏକ ନୂତନ ଇତିହାସ ରଚନା କରିଛି। ଏହି ବର୍ଷ ମୋଟ ୧୭୬ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅଂଶଗ୍ରହଣ କରିଥିବା ବେଳେ, ସମସ୍ତେ ସଫଳତା ହାସଲ କରି ୧୦୦% ରିଜଲ୍ଟ ରେକର୍ଡ କରିଛନ୍ତି। ଏହି ସଫଳତାର ଶିଖରରେ ରହିଛନ୍ତି ମଧୁସ୍ମିତା ରାଜଗୁରୁ, ଯିଏ ୯୪ % ମାର୍କ୍ସ ହାସଲ କରି ସ୍କୁଲର ଟପର୍ ହୋଇଛନ୍ତି। ପି. ଲକ୍ଷ୍ମୀ ସରନ୍ୟା ୯୩ % ମାର୍କ୍ସ ହାସଲ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ, ଟି. ତେଜଶ ୯୨ % ମାର୍କ୍ସ ହାସଲ କରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ସଫଳତା ସମଗ୍ର ସ୍କୁଲ ଓ ପରିବାର ପାଇଁ ଗର୍ବର ବିଷୟ ପାଲଟିଛି । ଏହାସହ ଏହି ବର୍ଷ ୯୦% ରୁ ଅଧିକ ମାର୍କ୍ସ ପାଇ ୮ ଜଣ ଛାତ୍ରଛାତ୍ରୀ ରହିଛନ୍ତି, ଯେଉଁମାନେ, ସ୍କୁଲର ଉତ୍କୃଷ୍ଟ ଶିକ୍ଷାମାନକୁ ପ୍ରମାଣିତ କରିଛନ୍ତି।

୮୦% ରୁ ଅଧିକ ମାର୍କ୍ସ ପାଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ମୋଟ ପରୀକ୍ଷାର୍ଥୀଙ୍କର ପ୍ରାୟ ୪୦% ଅଟେ, ଯାହା କି ଏକ ଅପୂର୍ବ ସଫଳତା ଭାବେ ପରିଗଣିତ ହୋଇଛି । ସ୍କୁଲର ଶିକ୍ଷକଶିକ୍ଷୟିତ୍ରୀ ମଣ୍ଡଳୀଙ୍କ ନିଷ୍ଠା, ଛାତ୍ରଛାତ୍ରୀଙ୍କ ଅନବରତ ପ୍ରୟାସ ଓ ଅଭିଭାବକମାନଙ୍କ ସହଯୋଗ ଫଳରେ ଏହି ଚମତ୍କାରୀ ସଫଳତା ସମ୍ଭବ ହୋଇଛି ବୋଲି ସମଗ୍ର ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ସ୍କୁଲ ପରିଚାଳନା ପକ୍ଷରୁ ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ରାଜେଶ କୁମାର ପାଢ଼ୀ ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିବା ସହ ଭବିଷ୍ୟତରେ ଏହି ସଫଳତାକୁ ଆହୁରି ଉଚ୍ଚ ସ୍ଥାନକୁ ନେବା ପାଇଁ ଆଶା ପ୍ରକଟ କରିଛନ୍ତି।

## ରାଉରକେଲାରେ ରାଜ୍ୟ ସବ୍-ଜୁନିୟର ଓମେନ୍ ହକି ପ୍ରତିଯୋଗିତା

ରାଉରକେଲା, ୧୬।୪ (ନିପ୍ର), ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଏବଂ ପାନପୋଷ ସ୍ପୋର୍ଟସ ହଷ୍ଟେଲ ରାଉରକେଲା ଠାରେ ଆରମ୍ଭ ହେଉଛି ପଞ୍ଚମ ରାଜ୍ୟ ସବ୍-ଜୁନିୟର ଓମେନ୍ ହକି ପ୍ରତିଯୋଗିତା। ଓଡିଶା ହକି ଆସୋସିଏସନ ଦ୍ୱାରା ପଞ୍ଚମ ରାଜ୍ୟ ହକି ପ୍ରତିଯୋଗିତା ଆୟୋଜିତ ହେଉଥିବା ବେଳେ, ଏହା ଏପ୍ରିଲ ୧୬ ତାରିଖ ଠାରୁ ଏପ୍ରିଲ ୨୦ ତାରିଖ ପର୍ଯ୍ୟନ୍ତ ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ଏବଂ ପାନପୋଷ କ୍ରୀଡ଼ା ଛାତ୍ରାବାସ ହକି ପଡିଆରେ ଖେଳାଯିବ ବୋଲି ସୂଚନା ମିଳିଛି। ଏହା ନକ୍ ଆଉଟ୍ ହକି ପ୍ରତିଯୋଗିତା ହୋଇଥିଲା ବେଳେ, ଏହାର ପ୍ରାରମ୍ଭିକ ମ୍ୟାଚଗୁଡିକ ଉଭୟ ଷ୍ଟାଡିୟମରେ ଖେଳାଯିବାକୁ ଥିବା ବେଳେ କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଏବଂ ଫାଇନାଲ୍ ମ୍ୟାଚ ଗୁଡିକ ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଖେଳାଯିବ।

## ବିଜୁ ଏକ୍ସପ୍ରେସୱେରେ ଓଲଟିଲା କୁକୁଡା ବୋଝେଇ ଗାଡି ଲୋକେ ବୋହି ନେଇଗଲେ

ରାଉରକେଲା, ୧୬।୪ (ନିପ୍ର): ସମ୍ବଲପୁର ଠାରୁ ରାଉରକେଲା ଆସିଥିବା ରାଜ୍ୟ ରାଜପଥ-୧୦ ଅର୍ଥାତ୍ ବିଜୁ ଏକ୍ସପ୍ରେସୱେର କୁତ୍ରା ନିକଟରେ ଓଲଟି ଯାଇଛି ଏକ କୁକୁଡ଼ା ବୋଝେଇ ଟ୍ରକ୍। ସେଠାରେ ସ୍ଥାନୀୟ ଲୋକମାନେ ମାନବିକତା ଦୃଷ୍ଟିକୋଣରୁ ଡ୍ରାଇଭର ଅବସ୍ଥା କଥା



ନବୁଝି, କୁକୁଡ଼ା ବୋଝେଇ ଗାଡିରୁ ବୋହି ନେଇଗଲେ ଗୋଟା ଗୋଟା ଜୀବନ୍ତ କୁକୁଡ଼ା। ସୂଚନା ଅନୁସାରେ ବିଜୁ ଏକ୍ସପ୍ରେସୱେର କୁତ୍ରା ନିକଟରେ କୁକୁଡ଼ା ପରିବହନ କରୁଥିବା ଏକ ଟ୍ରକ୍ ଓଲଟି ପଡ଼ିବାରୁ ଅଞ୍ଚଳରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଭିଡ଼ ଜମିଯାଇଥିଲା। ଡ୍ରାଇଭର ପରିସ୍ଥିତି ବୁଝାଇବାକୁ ଚେଷ୍ଟା କରିବା ସତ୍ତ୍ୱେ, ସ୍ଥାନୀୟ ଲୋକମାନେ ତାଙ୍କ ଅନୁରୋଧକୁ ଅଣଦେଖା କରି ଓଲଟି ପଡ଼ିଥିବା ଗାଡ଼ିରୁ କୁକୁଡ଼ାଗୁଡ଼ିକୁ ବାହାର କରିବାକୁ ଆରମ୍ଭ କରିଥିଲେ ବୋଲି ଅଭିଯୋଗ ହୋଇଛି। ଏହି ଘଟଣା ଯୋଗୁଁ ବ୍ୟସ୍ତବହୁଳ ରାଉରକେଲା ସମ୍ବଲପୁର ବିଜୁ ଏକ୍ସପ୍ରେସୱେରେ ଯାତାୟାତରେ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା। ଏପର୍ଯ୍ୟନ୍ତ କୌଣସି ବଡ଼ ଆହତ ହୋଇଥିବାର ସୂଚନା ମିଳିନାହିଁ। ଦୁର୍ଘଟଣା ଏବଂ କ୍ଷୟକ୍ଷତିର ପରିମାଣ ସମ୍ପର୍କରେ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ କୌଣସି ବିବରଣୀ ନିଶ୍ଚିତ କରିନାହାନ୍ତି।

## ସ୍ୱ-ଗଣନା ପାଇଁ ବେଲଗୁଣ୍ଠା ତହସିଲ୍ ପକ୍ଷରୁ ଜନ ସଚେତନତା

ବେଲଗୁଣ୍ଠା, ୧୬।୪ (ନିପ୍ର): ଜନ ଗଣନା-୨୦୨୭ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅପ୍ରେଲ୍ ଏକ ତାରିଖ ଠାରୁ ଅପ୍ରେଲ୍ ପନ୍ଦର ତାରିଖ ପର୍ଯ୍ୟନ୍ତ ସ୍ୱ-ଗଣନା ଜାରି ରହିଥିଲା । ବେଲଗୁଣ୍ଠା ବ୍ଲକ୍ ରେ କିପରି ଅଧିକରୁ ଅଧିକ ଲୋକେ ସ୍ୱ-ଗଣନାରେ ସାମିଲ୍ ହୋଇପାରିବେ ସେନେଇ ବେଲଗୁଣ୍ଠା ତହସିଲ୍ ପକ୍ଷରୁ ବ୍ୟାପକ ଜନ ସଚେତନତା ସୃଷ୍ଟି କରାଯାଇଛି । ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବେଲଗୁଣ୍ଠାର ଛଅଟି ରାଜସ୍ୱ ସର୍କଲ୍ ତଥା ବେଲଗୁଣ୍ଠା, ବଙ୍କା, ନେଟଙ୍ଗା, ଗୋବରା, ପାଇଲିପଡ଼ା ଏବଂ ଗାଙ୍ଗପୁରର ବିଭିନ୍ନ ଗ୍ରାମରେ ରାଜସ୍ୱ ନୀରିକ୍ଷକ ପ୍ରଦୀପ କୁମାର ଜେନା, ସୂର୍ଯ୍ୟନାରାୟଣ ବେହେରା, ସନ୍ତୋଷ ବେହେରା, ସନ୍ତୋଷିନୀ ନାୟକ, ପ୍ରସନ୍ନ ମଲ୍ଲିକ ଏବଂ ଗୌରୀ ଶଙ୍କର ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ତହସିଲ୍ କର୍ମଚାରୀ ମାନେ ଉପସ୍ଥିତ ରହି ଜନ ସାଧାରଣଙ୍କୁ ସ୍ୱ - ଗଣନା ସମ୍ପର୍କରେ ସଚେତନ କରାଇବା ସହ ଏଥିରେ ବ୍ୟାପକ ଅଂଶଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ । ତହସିଲ୍ କର୍ମଚାରୀ ମାନେ ଜନ ସାଧାରଣଙ୍କୁ ସ୍ୱ- ଗଣନା ନିମନ୍ତେ ଥିବା ଡିଜିଟାଲ୍ ପୋର୍ଟାଲ୍,ଓଟିପି,ଡିଜିଟାଲ ମାନଚିତ୍ର,ଏସ୍ଇ ଆଇଡି ସମ୍ପର୍କରେ ବୁଝାଇବା ସହିତ ଲୋକଙ୍କ ସ୍ୱ- ଗଣନାରେ ସହଯୋଗ କରିଥିଲେ ଓ ଏହା ସହିତ ତହସିଲଦାର ଶ୍ରୀ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ବେଲଗୁଣ୍ଠା ତହସିଲ୍ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକଙ୍କୁ ତହସିଲ୍ କର୍ମଚାରୀମାନେ ସ୍ୱ- ଗଣନା ସମ୍ପର୍କରେ ବୁଝାଇବା ସହିତ ସେମାନଙ୍କର ସ୍ୱ- ଗଣନା କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିବା ଦେଖିବାକୁ ମିଳିଥିଲା ।

## ସଂସ୍କୃତି ସ୍କୁଲର ବାର୍ଷିକ ଉତ୍ସବ

ଗୋଲାମୁଣ୍ଡା, ୧୬।୪ (ନିପ୍ର): ଗୋଲାମୁଣ୍ଡା ବ୍ଲକ ଆମ୍ବଗୁଡା ସଂସ୍କୃତି ମଡର୍ଣ୍ଣ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ନିର୍ଦ୍ଦେଶକ ସନ୍ତୋଷ କୁମାର ନାଏକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଗୋଲାମୁଣ୍ଡା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତୁଳେଶ୍ୱର ନାଏକ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ଖମାରହଳଦୀ ସରପଞ୍ଚ ରବୀନ୍ଦ୍ର କୁମାର ମୁଣ୍ଡ ଓ ଗୋଲାମୁଣ୍ଡା ବିଜୟାନନ୍ଦ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ପ୍ରିତିଶ ସିପକା ମଞ୍ଚାସିନ ଥିଲେ।




ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବାବେଳେ, ବିଭିନ୍ନ ପ୍ରତିଯୋଗିତା ତଥା ଶ୍ରେଣୀରେ ଶ୍ରେଷ୍ଠ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସ୍କୁଲର ଚତୁର୍ଥ ଶ୍ରେଣୀର ଛାତ୍ରୀ ଗୁପ୍ତେଶ୍ୱରୀ ନାଏକଙ୍କୁ ଚଳିତ ବର୍ଷର ଶ୍ରେଷ୍ଠଛାତ୍ରୀ ଭାବେ ପୁରସ୍କୃତ କରାଯାଇଥିଲା । ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସକ୍ରିୟ ଅଂଶଗ୍ରହଣକରି ସହଯୋଗ କରିଥିବାବେଳେ ଗୋଲାମୁଣ୍ଡା ସ୍ୱର୍ବମଙ୍ଗଳା ମହାବିଦ୍ୟାଳୟରଅଧ୍ୟକ୍ଷ ଶାନ୍ତନୁ ପରିଡା ମଞ୍ଚ ପରିଚାଳନା କରିଥିଲେ । ଶେଷରେ ସଂସ୍କୃତି ପବ୍ଲିକ ସ୍କୁଲର ଅଧକ୍ଷ ପ୍ରଶାନ୍ତ ତାଣ୍ଡି ଧନ୍ୟବାଦ ପ୍ରଦାନ କରିଥିଲେ।

# ସରଣ୍ଡାରେ ଯବାନ-ମାଓବାଦୀ ସଂଘର୍ଷ,୫ ଯବାନ ଗୁରୁତର, ୫ ନକ୍ସଲଙ୍କ ମୃତ୍ୟୁ ଆଶଙ୍କା



ରାଉରକେଲା, ୧୬/୦୪ :ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡାରେ ବୁଧବାର ଯବାନ- ମାଓବାଦୀଙ୍କ ମଧ୍ୟରେ ଦୀର୍ଘ ଦେଢ଼ ଘଣ୍ଟା ଧରି ତୁମୁଳ ସଂଘର୍ଷ ଘଟିଛି । ଆଇଇଡି ବିସ୍ଫୋରଣ ଏବଂ ଗୁଳିମାଡ଼ରେ ଜଣେ ଅଧିକାରୀଙ୍କ ସମେତ ୫ଜଣ ଯବାନ ଗୁରୁତର ହୋଇଛନ୍ତି । ସୁରକ୍ଷା ବାହିନୀର ପ୍ରତି ଆକ୍ରମଣରେ ୪ରୁ ୫ଜଣ ମାଓବାଦୀ ଟଳିଥିବା ଆଶଙ୍କା କରାଯାଉଛି । ଘଟଣା ସମ୍ବେଦନଶୀଳ ଥିବାରୁ ଘଟଣାସ୍ଥଳକୁ ଅଧିକ ଫୋର୍ସ ପଠାଯାଇଛି । ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଜିଲ୍ଲା ଛୋଟାନାଗରା ଥାନା ଅନ୍ତର୍ଗତ ସରଣ୍ଡାର ବଲିବା-ଚାରଡ଼େରା ମଧ୍ୟରେ ମାଓନେତା ମିଶିର ବେସ୍ରା, ଅସୀମ ମଣ୍ଡଳ ଏବଂ ଅନ୍ୟ ସହଯୋଗୀମାନେ ଡେରା ପକାଇଥିବା ସୂଚନା ମିଳିଥିଲା । ସୁରକ୍ଷାବାହିନୀ ପକ୍ଷରୁ ସର୍ଚ୍ଚ ଅପରେସନ ଚାଲିଥିବାବେଳେ ପୂର୍ବାହ୍ଣ ପ୍ରାୟ ୮ଟାରେ ମାଓବାଦୀ ଆଇଇଡି ବିସ୍ଫୋରଣ କରିଥିଲେ । ଏଥିରେ କୋବ୍ରା ବାହିନୀ ଇନ୍ସପେକ୍ଟର ସତ୍ୟ ପ୍ରକାଶ ଗୁରୁତର ହୋଇଛନ୍ତି । ତାଙ୍କୁ ଉଦ୍ଧାର କରିବା ଲାଗି ଯିବା ସାଥୀ ଯବାନ ଯିବାବେଳେ ମାଓବାଦୀ ଆଖିବୁଜା ଗୁଳିମାଡ଼ କରିଥିଲେ । ଏଥିରେ ଶୈଳେଶ କୁମାର ଦୁବେ, ଉତ୍ତମ ସେନାପତି, ଜିତେନ୍ଦ୍ର କୁମାର ରାୟଙ୍କ ସମେତ ମୋଟ୍ ୪ଜଣ ଆହତ ହୋଇଥିଲେ । ମଧ୍ୟାହ୍ନରେ ଗୁରୁତର ଯବାନଙ୍କୁ ରାଞ୍ଚିକୁ ଏୟାରଲିଫ୍ଟ କରାଯାଇଛି । ଅନ୍ୟପକ୍ଷରେ ଯବାନଙ୍କ ପାଲଟା ଆକ୍ରମଣରେ ୪ରୁ ୫ ଜଣ ନକ୍ସଲଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି ।

ମାଓ ନେତା ମିଶିର ବେସ୍ରା ଓ ଅସୀମ ମଣ୍ଡଳ ଖସି ଯାଇଥିବା କୁହାଯାଉଛି । ତିରିଲିପୋଷି ଓ ଜରାଇକେଲା କ୍ୟାମ୍ପରେ ମୁତୟନ ଯବାନଙ୍କୁ ସେଠାକୁ ପଠାଯାଇଛି । ସରଣ୍ଡାରେ ପ୍ରାୟ ୪୮ ମାଓବାଦୀ ସକ୍ରିୟ ଥିବା ଏନ୍ଆଇଏ ପକ୍ଷରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଅବଗତ କରାଯାଇଥିଲା । ଏହାପରେ ସରଣ୍ଡାରେ ସୁରକ୍ଷା ବାହିନୀ ତରଫରୁ ଅପରେସନ ଜୋର୍ଦ୍ଦାର କରାଯାଇଛି।

## ଜାତୀୟ ଅଗ୍ନିଶମ ସେବା ସପ୍ତାହ

ଭାପୁର, ୧୬/୦୪(ନିପ୍ର)ଭାପୁର ଅଗ୍ନିଶମ ବାହିନୀ ପକ୍ଷରୁ ଜାତୀୟ ଅଗ୍ନିଶମ ସେବା ସପ୍ତାହ ଗତ ୧୪ ତାରିଖରୁ ଆରମ୍ଭ ହୋଇ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଜଣାଗହଳିପୂର୍ଣ୍ଣ ସ୍ଥାନ ମାନଙ୍କରେ ସଚେତନତା କରାଯାଉଛି। ଅଗ୍ନିଶମ କାର୍ଯ୍ୟାଳୟରେ ଅଗ୍ନିଶମ ଅଧିକାରୀ ନୀଳକଣ୍ଠ ମହାନ୍ତି ଙ୍କ ତତ୍ତ୍ୱାବଧାନରେ ଅଗ୍ନିଶମ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଥିଲା। ଏହି କାର୍ଯ୍ୟକ୍ରମ ଭାପୁର ସଦର ମହକୁମା ଠାରୁ ୮ କିମି ବ୍ୟାସର୍ଦ୍ଧ ଅଞ୍ଚଳର ଜନଗହଳି ସ୍ଥାନ ତଥା ବିଦ୍ୟାଳୟ ମାନଙ୍କରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅଗ୍ନିଶମ ଅଧିକାରୀ ଶ୍ରୀ ମହାନ୍ତି ସୂଚନା ପ୍ରଦାନ କରିଛନ୍ତି।

## ପରଲୋକରେ ବରିଷ୍ଠ ସାମ୍ବାଦିକ କୃଷ୍ଣକାନ୍ତ ଜେନା

ରାୟଗଡା-୧୬/୪(ନି:ପ୍ର) ପରଲୋକରେ ବରିଷ୍ଠ ସାମ୍ବାଦିକ ତଥା ପ୍ରେସକ୍ଲବର ଉପଦେଷ୍ଟା କୃଷ୍ଣକାନ୍ତ ଜେନା। ରାୟଗଡା ପ୍ରେସକ୍ଲବର ବରିଷ୍ଠ ସାମ୍ବାଦିକ ତଥା ଉପଦେଷ୍ଟା କୃଷ୍ଣକାନ୍ତ ଜେନା ଙ୍କ ବିୟୋଗରେ ସ୍ଥାନୀୟ ପ୍ରେସକ୍ଲବ ପରିସରରେ ସାମ୍ବାଦିକ ମାନେ ଏକତ୍ରିତ ହୋଇ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରି ଦିବଙ୍ଗତ ଆତ୍ମାର ସଦଗତି କାମନାକରିବା ସହ ଗଭୀର ଦୁଃଖ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଦୀର୍ଘ ଦିନରୁ ଅସୁସ୍ଥ ରହିଥିଲେ ମଧ ନିଜ କର୍ମକ୍ଷେତ୍ରରେ ବେସ ସକ୍ରିୟ ରହିଥିଲେ।ସ୍ୱର୍ଗତ ଜେନା ଜଣେ ମିଷ୍ଟଭାଷୀ ଓ ସମସ୍ତଙ୍କ ପ୍ରିୟଥିଲେ।

## ସିବିଏସଇ ଦଶମ ପରୀକ୍ଷାରେ ଗାନ୍ଧୀ ପବ୍ଲିକ ସ୍କୁଲର ସଫଳତା

ଗୁଣପୁର, ୧୬।୪ (ନିପ୍ର): ପ୍ରକାଶିତ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଗାନ୍ଧୀ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ଶତ ପ୍ରତିଶତ ସଫଳତା ପାଇ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି ।

ବିଦ୍ୟାଳୟ ଟପର୍ ମଧ୍ୟରେ ମେଧାବୀ ଛାତ୍ର ସ୍ୱସ୍ତିକ କୁମାର ସାହୁ ୯୬.୮% ନମ୍ବର ରଖି ପ୍ରଥମ ସ୍ଥାନ, ପୀୟୁସ ପରମ ଗୁରୁ ମହାପାତ୍ର ଏବଂ ଦିଗନ୍ତିକା ସାହୁ ୯୩.୬% ନମ୍ବର ରଖି ଯୁଗ୍ମ ଦ୍ୱିତୀୟ ସ୍ଥାନ ଏବଂ ଏସ ନିହାଲ କୁମାର ୯୩.୨% ନମ୍ବରରେ ତୃତୀୟ ସ୍ଥାନରେ ରହି ଗାନ୍ଧୀ ପବ୍ଲିକ ସ୍କୁଲକୁ ଗୌରବାନ୍ୱିତ କରିଛନ୍ତି। ବିଦ୍ୟାଳୟର ବିଷୟ ଭିତ୍ତିକ ଟପର୍ ମଧ୍ୟରେ ସ୍ୱସ୍ତିକ କୁମାର ସାହୁ ଏବଂ ଏସ ନିହାଲ୍ କୁମାର ଇଂରାଜୀ ୯୪ ମାର୍କ,ସ୍ୱସ୍ତିକ କୁମାର ସାହୁ,ଏସ ନିହାଲ୍ କୁମାର,ସ୍ୱାଗତ କୁମାର ସାହୁ, ଅନୁଶ୍ରୀ ରାଣୀ ନାୟକ ଏହି ଚାରିଜଣ ଛାତ୍ରଛାତ୍ରୀ ସଂସ୍କୃତରେ ୧୦୦ ରୁ ୧୦୦ ମାର୍କ ରଖିଛନ୍ତି।

ରାଜେଶ ନାୟକ ଓଡ଼ିଆ ୮୯ ମାର୍କ, ଭାର୍ଗବ ସେଠୀ ହିନ୍ଦୀ ୯୫ ମାର୍କ,ସ୍ୱସ୍ତିକ କୁମାର ସାହୁ ଏବଂ ଭାର୍ଗବ ସେଠୀ ଗଣିତ ୯୭ ମାର୍କ କୋଟିନି ଯଶୱନ୍ତ, ଭାର୍ଗବ ସେଠୀ ବିଜ୍ଞାନ ୯୨ ମାର୍କ, ପୀୟୁଷ ପରମଗୁରୁ ମହାପାତ୍ର ଓ ସ୍ୱସ୍ତିକ କୁମାର ସାହୁ ସାମାଜିକ ବିଜ୍ଞାନ ୯୬ ମାର୍କ ଏବଂ ଆଇଟିରେ ସ୍ୱସ୍ତିକ କୁମାର ସାହୁ ୯୭ ମାର୍କ ଉତ୍ତୀର୍ଣ୍ଣ ହୋଇ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି।

ଚଳିତ ବର୍ଷ ୧୦୩ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ ସେମାନଙ୍କ ମଧ୍ୟରୁ ୯୦% ଦଶଜଣ ଛାତ୍ରଛାତ୍ରୀ ୭୫% ୩୫ଜଣ ଛାତ୍ରଛାତ୍ରୀ ଏବଂ ୬୦%ରେ ୫୮ଜଣ ଛାତ୍ରଛାତ୍ରୀ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଛନ୍ତି। ବିଦ୍ୟାଳୟର ଅଧକ୍ଷ ସୁବ୍ରତ ରଂଜନ ପାଠୀ କହିଥିଲେ ଯେ ଛାତ୍ରଛାତ୍ରୀଙ୍କ ସଫଳତାରେ ନିଜସ୍ୱ ପ୍ରଚେଷ୍ଟା ସହ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼ଃ ଜଗଦୀଶ ପଣ୍ଡା ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଶୁଭାଶିଷ ଦେଇ କହିଥିଲେ ଯେ ପରିଶ୍ରମହିଁ ସଫଳତାର ମାପକାଠି, ଲକ୍ଷ୍ୟ ନିର୍ଦ୍ଧାରଣ ସଠିକ ଥିଲେ ସଫଳତା ନିଶ୍ଚିତ ମିଳିବ ।

ପରୀକ୍ଷା ଫଳ ପ୍ରକାଶିତ ପରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଥିଲା । ଏହି ପରିପ୍ରେକ୍ଷୀରେ ଜିଆଇଇଟି ବିଶ୍ୱବିଦ୍ୟାଳୟର ଅଧକ୍ଷ ଡ଼ଃ ସତ୍ୟପ୍ରକାଶ ପଣ୍ଡା ଏବଂ ସମ୍ପାଦକ ଡ଼ଃ ଚନ୍ଦ୍ରଧ୍ୱଜ ପଣ୍ଡା ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ ।

## ବାଇକ ଧକ୍କାରେ ସାଇକେଲ ଆରୋହୀ ମୃତ

ଭାପୁର, ୧୬।୪ (ନିପ୍ର): ଭାପୁର ପଞ୍ଚାୟତ ଭାଲୁଖାଇ ଗ୍ରାମର ଆନନ୍ଦ ନାୟକ (୫୮) ବୁଧବାର ସକାଳ ସମୟରେ ଭାପୁର ବଜାରକୁ ସାଇକେଲରେ ଆସୁଥିଲେ। ଭାପୁର - କଳାପଥର ବଜାର କୁ ସଂଯୋଗ କରୁଥିବା ବାଇପାସ ରାସ୍ତାର ମଧ୍ୟ ଭାଗରେ ଏକ ବାଇକ ଚାଳକ ଆନନ୍ଦଙ୍କ ପଛପଟୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଫଳରେ, ଆନନ୍ଦ ସେଠାରେ ପଡି ଛଟପଟ ହେଉଥିବାବେଳେ ଗୁରୁତର ଅବସ୍ଥାରେ ସ୍ଥାନୀୟ ଜନସାଧାରଣ ଉଦ୍ଧାର କରି ଭାପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ସେ ଚିକିତ୍ସା ହେଉଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ନେଇ ତାଙ୍କର ଝିଅ ମମତା ନାୟକ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ପାଇ ପୋଲିସ ଶବକୁ ଜବତ କରିବା ସହିତ ଏକ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ନିମନ୍ତେ ଖଣ୍ଡପଡା ପଠେଇଥିଲେ।

# ସିଆଇଏସଏଫ ପକ୍ଷରୁ ସହିଦ ଦିବସ

ଦାମନଯୋଡି, ୧୬/୪(ନିପ୍ର): ଦାମନଯୋଡିଠାରେ ଥିବା ନାଲକୋ ଖଣି ଓ ବିଶୋଧନ ଉଦ୍ୟୋଗର ସୁରକ୍ଷା ଦାୟିତ୍ୱରେ ଥିବା କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ ପକ୍ଷରୁ ସହିଦ ଦିବସ ପାଳିତ ହୋଇଯାଇଛି । ପଞ୍ଚପଟମାଳି ଖଣି ଅଞ୍ଚଳରେ ୨୦୦୯ ମସିହା ଏପ୍ରିଲ -୧୨ ତାରିଖ ସନ୍ଧ୍ୟାରେ ଅପ୍ରତ୍ୟାଶିତ ଭାବରେ ହୋଇଥିବା ନକ୍ସଲ ଆକ୍ରମଣରେ ସହିଦ ହୋଇଥିବା ୧୦ଜଣ ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ନାଲକୋ ଖଣି ଅଞ୍ଚଳରେ ସହିଦ ଦିବସ ପାଳିତ ହୋଇଥାଏ। ସିଆଇଏସଏଫ୍ ବରିଷ୍ଠ କମାଣ୍ଡେଣ୍ଟ ସତ୍ୟଦେବ ଆର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାଲକୋ ଅଧିକାରୀ, ସଂରକ୍ଷିକା ସଦସ୍ୟାମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

ବରିଷ୍ଠ କମାଣ୍ଡେଣ୍ଟ ସତ୍ୟଦେବ ଆର୍ଯ୍ୟ ଶହୀଦ ସ୍ମୃତି ସ୍ତମ୍ଭ ନିକଟରେ ଶହୀଦ ମାନଙ୍କୁ ପୁଷ୍ପମାଲ୍ୟ ଓ ପୁଷ୍ପ ଗୁଚ୍ଛ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଯବାନ ମାନେ ସହିଦ ମାନଙ୍କୁ ତୋପ ସଲାମୀ ଦେଇ



ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପ୍ରକାଶ ଥାଉକି, ଜାତୀୟ ସମ୍ପତ୍ତିର ସୁରକ୍ଷା ପାଇଁ ଅଦମ୍ୟ ସାହସର ସହିତ ଯବାନମାନେ ରାତିସାରା ନକ୍ସଲ ମାନଙ୍କ ସହିତ ଲଢେଇ କରିଥିଲେ। ସେଥିରେ ୧୦ଜଣ ଯବାନ ସହିଦ ହୋଇଥିଲେ ଓ ୪ଜଣ ନକ୍ସଲ ମଧ୍ୟ ନିହତ ହୋଇଥିଲେ । ଶହୀଦ ଯବାନ ମାନଙ୍କ ମଧ୍ୟରେ ଥିଲେ ସୁଭାଷ ଚନ୍ଦ୍ର ପ୍ରଧାନ ,ଅମରେନ୍ଦ୍ର ଶର୍ମା, ଭାଗିରଥ ସିଂ, ବରୁଣ ପ୍ରାମାଣିକ, ବିଧାନ ମାଝି, ସୋଲାଙ୍କି କୀର୍ତ୍ତନ କୁମାର, ପି ଆର୍ ଆପାନ୍ନା, ଲଳିତ କୁମାର, ବିପିନ କୁମାର ସିଂ, ସରବଜିତ୍ ସିଂ। ଅତିଥିମାନେ ଶହୀଦ ଯବାନ ମାନଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହିତ ସହିଦ ଯବାନ ମାନଙ୍କର ଦାୟିତ୍ୱବୋଧ, କର୍ତ୍ତବ୍ୟ ପରାୟଣ, ଦେଶ ଭକ୍ତି ଓ ଅଦମ୍ୟ ସାହସ ସମସ୍ତଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଚଳିତ ବର୍ଷ ଅଦମ୍ୟ ସାହସିକତା ପାଇଁ ଏହି ୟୁନିଟ ସମ୍ମାନଜନକ ୬ଟି ରାଷ୍ଟ୍ରପତି ପୋଲିସ ପଦକ ଓ ୧୬ଟି ପୋଲିସ ପଦକ ହାସଲ କରିଛି । ଏହି କାର୍ଯ୍ୟକ୍ରମରେ ନାଲକୋ ଅଧିକାରୀ, ସିଆଇଏସଏଫ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଆମ୍ବେଦକର ଜୟନ୍ତୀ

ଧର୍ମଗଡ, ୧୬।୪ (ନିପ୍ର): ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଶାଖା ତରଫରୁ ଧର୍ମଗଡ଼ କସିବାହାଲ ଠାରେ ଆମ୍ବେଦକରଙ୍କ ୧୩୫ ତମ ଜନ୍ମ ଜୟନ୍ତୀକୁ ପାଳନ କରାଯାଇଛି। ଧର୍ମଗଡ଼ ବ୍ଲକର ହାରାହାରି ୨୪ଟି ପଞ୍ଚାୟତରୁ ଶହ ଶହ ଛାତ୍ରଛାତ୍ରୀ ମହିଳା ଯୁବକ ବାଜାଗାଜା ସହ ନାଚ ଗୀତ କରି ବିଶାଳ ଶୋଭାଯାତ୍ରା ବାହାରି ଧର୍ମଗଡ଼ ଚାରିଛକ ସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପାଖରେ ପହଞ୍ଚିଥିଲେ । ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟଯୋଶୀ ଉପସ୍ଥିତ ହୋଇ ବାବାସାହେବ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ଦୀପ୍ ଅର୍ପଣ କରି ବାବସାହେବଙ୍କ ଜୀବନି ଉପରେ ଅଭିଭାଷଣ ପ୍ରଦାନ କରିଥିଲେ । ପରେ ଏକତ୍ର ହୋଇଥିବା ଶତାଧିକ ବାବା ସାହେବଙ୍କ ଶ୍ରଦ୍ଧାଳୁ କାଶିବହଲ ଠାରେ ପହଞ୍ଚି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଠିକ ସେହିପରି ଲାଞ୍ଜିଗଡ଼ ଠାରେ ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ ରାଜ୍ୟ ସଭାପତି ଧନଞ୍ଜୟ ଦୀପ୍ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ହୀମସାଗର ମହାନନ୍ଦ ବାଲ୍ମିକୀ ସମାଜ ଜିଲ୍ଲା ସଭାପତି ହୃଷିକେଶ ନାଏକ, ଅରବିନ୍ଦ ପଟ୍ଟନାୟକ, କୃଷ୍ଣ ଦୁର୍ଗା, ସୁଦର୍ଶନ ଗରଡିଆ, ନନ୍ଦକିଶୋର ନାଏକ, ବ୍ରଜକିଶୋର କୌଶଳିଆ, ମୁରଲି ବାତ୍ରା ସଭାପତିତ୍ୱ କରିଥିବା ବେଳେ ବୈକୁଣ୍ଠ ନାଏକ ଓ ଅନନ୍ତ ପାଳ ସଭା ପରିଚାଳନା କରିଥିଲେ।

# କଂକ୍ରିଟ ରାସ୍ତା କାମ ମାସେ ନ ପୂରୁଣୁ ଫାଟି ଆଁ

ଖଡ଼ିଆଳ, ୧୬।୪ (ନିପ୍ର): ନୂଆପଡା ଜିଲ୍ଲା ଅନ୍ତର୍ଗତ ଖଡ଼ିଆଳ ବ୍ଲକର ଭାଲୁଡୁଙ୍ଗରି ଗ୍ରାମରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଯୋଜନାରେ ନଅ ଲକ୍ଷ ଟଙ୍କା ୨୦୨୫/୨୬ ଅନୁମୋଦନ ହୋଇ ଛୋଟୀଗୁଡ଼ି ଠାରୁ ବରଗଛ ରାସ୍ତା କଂକ୍ରିଟ କରଣ କରାଯାଇଅଛି । କିନ୍ତୁ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସହଭାଗିତାରେ ଅତି ନିମ୍ନମାନର କରି ହରିଲୁଟ କରିଥିବା ଲୋକେ ଅଭିଯୋଗ କରିଛନ୍ତି । ଏହି ଛୋଟୀ ଗୁଡ଼ି ଠାରୁ ବରଗଛ ପଡା ରାସ୍ତା କଂକ୍ରିଟ ହେବାର ମାସେ ନ ପୁରୁଣୁ ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇ ରାସ୍ତା ଟି ଆଁ କରି ଥିବା ବେଳେ ଅନେକ ସ୍ଥାନରେ ସିମେଣ୍ଟ ଉପୁଡି ଯାଇ ସୁରକି ଗୁଡାକ ଦେଖାଗଲାଣି । ରାସ୍ତାର ଉନ୍ନତି ପାଇଁ ସରକାର ଅନେକ ପ୍ରୟାସ କରୁଥିବା ବେଳେ ଦୁର୍ନୀତି ଖୋର ଅଧିକାରୀ ଓ ଠିକାଦାର ଙ୍କ ଅତ୍ୟଧିକ ଲାଭଖୋର ନୀତି ପାଇଁ ସଫଳ ହୋଇ ପାରୁନାହିଁ । ତେଣୁ ଲୋକେ କହୁଛନ୍ତି ଏହି ରାସ୍ତା ଅତି ନିମ୍ନମାନର କରାଯାଇ ଅଧିକାରୀ ଓ ଠିକାଦାର ପାଞ୍ଚ ଲକ୍ଷଟଙ୍କା ହରିଲୁଟ କରି ମାଲେମାଲ ହୋଇ ଥିବା ବେଳେ ରାସ୍ତା କୁ ବେହାଲ କରିଦିଆ ଯାଇଛି । ଏଣୁ ଦାଇତ୍ୱ ଥିବା ହର କୁ ରାସ୍ତାରେ କେତେ ବାଲି, ମେଟାଲ, ସୁରକି, ସାଙ୍ଗକୁ ଅଳ୍ପ ସିମେଣ୍ଟ ମିଶ୍ରଣ କାରଣ ଓ ଏହି ରାସ୍ତାରେ କେତେ ବିଲ ହୋଇ ଅଛି ବୋଲି ପଚାରିବାରୁ କୋଣସି ପ୍ରତିକ୍ରିୟା ଦେଇ ନ ଥିଲେ । କାରଣ ଉକ୍ତ ରାସ୍ତାରେ କରାଯାଇଥିବା ହରିଲୁଟ ବିଷୟରେ ଲୋକଲୋଚନକୁ ଆସିଯିବା ଭାବି ତଥ୍ୟ ଦେଇ ନଥିଲେ । ଏଣୁ ଜିଲ୍ଲା ପ୍ରଶାସନ ଯଥା ଶୀଘ୍ର ଏହି ରାସ୍ତାରେ କେତେ ଟଙ୍କାର ଦୁର୍ନୀତି କରି ହରିଲୁଟ କରାଯାଇଛି ସେ ସମ୍ପର୍କିତ ଅଭିଯୋଗର ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଲୋକେ ଦାବି କରିଛନ୍ତି ।



## ସମ୍ବଲପୁର ପୁରୀ ଇଣ୍ଟରସିଟିରୁ ୩ ନାବାଳିକା ଉଦ୍ଧାର

ରେଢ଼ାଖୋଲ, ୧୬।୪ (ନିପ୍ର); ସମ୍ବଲପୁରରୁ ପୁରୀ ଯାଉଥିବା ଇଣ୍ଟରସିଟି ଏକ୍ସପ୍ରେସରୁ ବୁଧବାର ସକାଳେ ୩ ଜଣ ନାବାଳିକାକୁ ରେଢ଼ାଖୋଲ ରେଳବାଇ ପୋଲିସ୍ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ନାବାଳିକା ତିନି ଜଣ ସମ୍ବଲପୁର ଅଇଁଠାପାଲି ଅଞ୍ଚଳର ବୋଲି ଜଣାପଡିଛି । ସୂଚନା ଅନୁସାରେ ତିନି ଜଣ ହନୁମାନ ଜୟନ୍ତୀ ଦେଖିବାକୁ ସମ୍ବଲପୁର ସହରକୁ ଆସିଥିଲେ। ବିଳମ୍ବିତ ରାତି ହେବାରୁ ସେମାନେ ଘରକୁ ନଯାଇ ରେଳଷ୍ଟେସନରେ ଶୋଇପଡ଼ିଥିଲେ। ହେଲେ ସକାଳୁ ଉଠି ତିନିହେଁ ଭୁଲ ବସତ ପୁରୀ ଇଣ୍ଟରସିଟି ଏକ୍ସପ୍ରେସରେ ବସି ପଡ଼ିଥିଲେ । ସେମାନେ ଭୁଲରେ ଟ୍ରେନ ରେ ବସିଥିବା ଜାଣି ପାଖରେ ବସିଥିବା ଜଣେ ଲୋକଙ୍କୁ କହିଥିଲେ। ଉକ୍ତ ବ୍ୟକ୍ତି ଜଣକ ରେଢ଼ାଖୋଲ ରେଳବାଇ ପୋଲିସ୍‌କୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏନେଇ ରେଢ଼ାଖୋଲ ରେଳବାଇ ପୋଲିସ୍ ସୂଚନା ଦେଇଛି ।

## ଜନକଲ୍ୟାଣ ସୋସାଇଟ୍‌ର ନୂତନ କର୍ମକର୍ତ୍ତା

ଜଟଣୀ, ୧୬।୪(ନିପ୍ର): ଜଟଣୀ ବ୍ଲକ ଅନ୍ତର୍ଗତ ଖୋଲାଦ୍ୱାର ଅଞ୍ଚଳର ଦି ଟ୍ରଷ୍ଟ ଟାଉନ୍ ଜନକଲ୍ୟାଣ ସୋସାଇଟ୍ ପକ୍ଷରୁ ନୂତନ କର୍ମକର୍ତ୍ତା ଗଠନ ସହବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । କୃଷ୍ଣଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସଭାପତି ଭାବେ କୃଷ୍ଣଚନ୍ଦ୍ର ବେହେରା, ସଂପାଦକ ଭାବେ ଅଜୟ କୁମାର ପଟ୍ଟନାୟକ, ଉପସଭାପତି କର୍ଣ୍ଣ ରାଉତରାୟ, ସହ ସଂପାଦକ କେ. କ୍ରିଷ୍ଣାରାଓ, କୋଷାଧ୍ୟକ୍ଷ ଭାବେ ପୁରୁଷୋତ୍ତମ ବେହେରା ଓ କୁରେଶ କୁମାର ପଣ୍ଡା ମୁଖ୍ୟ ପରାମର୍ଶଦାତା ରୂପେ ମନୋନୀତ ହୋଇଥିଲେ । ଆସନ୍ତା ମେ ୧୮ ତାରିଖରେ ସଂଗଠନର ବାର୍ଷିକ ଉତ୍ସବ ପାଳନ ନିମନ୍ତେ ସ୍ଥିରୀକୃତ ହୋଇଥିଲା । ସଂଗଠନର ଉପଦେଷ୍ଟା ଭାବେ ନାଇଜର ପ୍ରଫେସର ଡ. ଶୁଭଙ୍କର ବେଦାନ୍ତ, ଆଇଆଇଟି ପ୍ରଫେସର ଚନ୍ଦ୍ରଶେଖର ଭାମିନିପତି, ଦିଲ୍ଲୀପ ଝା, ଶାରଳାଶ୍ରିତ ମହାନ୍ତି, ସୁନୀଲ କୁମାର ପ୍ରଧାନ, ଜି.ଲିଙ୍ଗାମୂର୍ତ୍ତି, ବିଭୂତିଭୂଷଣ ଦଳାଇ, ପ୍ରଗତିମୋହନ ଦାଶ, ବିଜୟ ବି ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## 'ବିଷୁବ ଆସର' ଓ ଆଲୋଚନାଚକ୍ର

ଧାମନଗର, ୧୬।୪ (ନିପ୍ର); ଧାମନଗର ହାଇସ୍କୁଲ ପରିସରରେ କାନ୍ତ ସାହିତ୍ୟ ପରିଷଦ,ଧାମନଗର ପକ୍ଷରୁ ଆଲୋଚନା ଚକ୍ର, ବିଷୁବ ଆସର ଓ ସାଙ୍ଗଠନିକ ଆଲୋଚନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସାରସ୍ୱତ ସାଧନାର ଏହି ମନୋଜ୍ଞ ପରିବେଶରେ ଅଞ୍ଚଳର ବହୁ ବିଶିଷ୍ଟ ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗଦେଇ ଓଡ଼ିଆ ସାହିତ୍ୟର ସମୃଦ୍ଧି ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ପରିଷଦର ସଭାପତି ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ରସାନନ୍ଦ ମହାପାତ୍ର, ସଚ୍ଚି କାନ୍ତ ପଣ୍ଡା, ବାସୁଦେବ ତ୍ରିପାଠୀ, ଅନିଲ କୁମାର ବାରିକ, ପ୍ରଦୀପ କୁମାର ମହାପାତ୍ର, ଚିତ୍ତରଞ୍ଜନ ଦାଶ, ସନ୍ତୋଷ ପାଢ଼ି, ସୁଧୀର ନାୟକ, ହୃଦାନନ୍ଦ କର, ଭାବଗ୍ରାହୀ ଖୁଣ୍ଟିଆ ଏବଂ ନିରାକାର ଧଳ ପ୍ରମୁଖ ଯୋଗଦେଇ ମହାବିଷୁବ ସଂକ୍ରାନ୍ତିର ମାହାତ୍ମ୍ୟ ଏବଂ ଓଡ଼ିଆ ସାହିତ୍ୟ ସହିତ 'ବିଷୁବ ମିଳନ'ର ନିବିଡ଼ ସମ୍ପର୍କ ଉପରେ ସଦସ୍ୟମାନେ ନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ସାହିତ୍ୟ କିଭଳି ସମାଜର ଦର୍ପଣ ସଦୃଶ ଏବଂ ଏହା ମାଧ୍ୟମରେ ସାଂସ୍କୃତିକ ଚେତନାର ଜାଗରଣ କିପରି ସମ୍ଭବ, ସେ ନେଇ ଗଭୀର ଆଲୋଚନା ହୋଇଥିଲା। ଏଥିସହିତ ଅନୁଷ୍ଠାନକୁ ଆଗାମୀ ଦିନରେ ଅଧିକ ସକ୍ରିୟ ଓ ସୁସଂଗଠିତ କରିବା ପାଇଁ ସାଙ୍ଗଠନିକ ରୂପରେଖ ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପରିଷଦର ସମ୍ପାଦକ ମନୋଜ କୁମାର ସିଂହ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶେଷରେ ଅଭିମନ୍ୟୁ ମଲିକ ଉପସ୍ଥିତ ସମସ୍ତ ସାରସ୍ୱତ ପ୍ରେମୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ନୂତନ ସଦସ୍ୟ ଓ ପରିଷଦର ଜାଗା ସମ୍ପର୍କରେ ଆଲୋଚନା କରାଯାଇ ଥିଲା।

## ଭାରତ-ଅଷ୍ଟ୍ରିଆ ଦ୍ୱିପାକ୍ଷିକ ବୈଠକ

# ବିଶ୍ୱରେ ଶାନ୍ତି ଓ ବୈଶ୍ୱିକ ଅନୁଷ୍ଠାନରେ ସଂସ୍କାର ପାଇଁ ମୋଦିଙ୍କ ଆହ୍ୱାନ

ନୂଆଦିଲ୍ଲୀ,୧୬।୪: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଅଷ୍ଟ୍ରିଆର ଚାନ୍ସଲର କ୍ରିଷ୍ଟିଆନ୍ ଷ୍ଟକରଙ୍କ ସହିତ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେଇଛନ୍ତି । ମୋଦି ୟୁକ୍ରେନ୍ ଓ ପଶ୍ଚିମ ଏସିଆ ପରି ବିବାଦୀୟ ଅଞ୍ଚଳରେ ସ୍ଥିର, ନିରନ୍ତର ତଥା ଦୀର୍ଘସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବାକୁ ଆହ୍ୱାନ ଦେଇଛନ୍ତି । ଯଦ୍ୱାରା ବିବାଦର ସ୍ଥାୟୀ ସମାଧାନ ହୋଇପାରିବ । ମୋଦି କହିଛନ୍ତି, ବିଶ୍ୱ ବର୍ତ୍ତମାନ ଗମ୍ଭୀର ତଥା ଉତ୍ତେଜନାମୂଳକ ସ୍ଥିତିର ସମ୍ମୁଖୀନ ହେଉଛି, ଯାହା ସବୁ ଦେଶକୁ ପ୍ରଭାବିତ କରୁଛି । ସେ ବୈଶ୍ୱିକ ଅନୁଷ୍ଠାନରେ ସଂସ୍କାରର ଆବଶ୍ୟକତା ଥିବା କହିଛନ୍ତି । ଆନ୍ତର୍ଜାତିକ ସ୍ତରରେ ବଢୁଥିବା ବିବାଦ ତଥା ଆତଙ୍କବାଦର ମୁକାବିଲା ପାଇଁ ବିଶ୍ୱରେ ପ୍ରତିଶ୍ରୁତିବଦ୍ଧତା ରହିବା କଥା ବୋଲି ମୋଦି କହିଛନ୍ତି ।


ଭାରତରେ ଅଷ୍ଟ୍ରିଆନ୍ ଚାନ୍ସେଲରଙ୍କୁ ସ୍ୱାଗତ

କରି ପ୍ରଧାନମନ୍ତ୍ରୀ ମୋଦି ଉଲ୍ଲେଖ କରିଛନ୍ତି ଯେ, ୟୁରୋପ ବାହାରେ ପ୍ରଥମ ଦେଶ ଭାବେ ସେ ନୂଆଦିଲ୍ଲୀ ଗସ୍ତ କରିଛନ୍ତି । ଏହାକୁ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିବା ପାଇଁ ଅଷ୍ଟ୍ରିଆର ଦୃଢ଼ ପ୍ରତିବଦ୍ଧତାର ପ୍ରତିଫଳନ ବୋଲି ମୋଦି ବର୍ଣ୍ଣନା କରିଛନ୍ତି । ଚାରି ଦଶନ୍ଧି ପରେ କୌଣସି ଅଷ୍ଟ୍ରିଆ ଚାନ୍ସେଲର୍ ଭାରତ ଗସ୍ତରେ ଆସିଛନ୍ତି । ଭାରତ- ୟୁରୋପ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ପରେ ଭାରତ-ୟୁରୋପ ସମ୍ପର୍କରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ଷ୍ଟକର୍ ବର୍ତ୍ତମାନ ଚାରିଦିନିଆ ଭାରତ ଗସ୍ତରେ ଅଛନ୍ତି । ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସଠାରେ ଦୁଇ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ହୋଇଥିଲା । ବାଣିଜ୍ୟ, ନିବେଶ, ଟେକ୍ନୋଲଜି, ଅକ୍ଷୟ ଶକ୍ତି ଓ ସାଂସ୍କୃତିକ ବିନିମୟ ଉପରେ ଦୁଇ ନେତା କଥାବାର୍ତ୍ତା କରିଥିଲେ । ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ସାକ୍ଷାତ ପୂର୍ବରୁ ଅଷ୍ଟ୍ରିଆନ୍ ଚାନ୍ସଲେର ରାଜଘାଟରେ ପୁଷ୍ପମାଲ୍ୟ ଅର୍ପଣ କରି ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ୨୦୨୫ରେ କ୍ଷମତାକୁ ଆସିବା ପରେ ଷ୍ଟକରଙ୍କ ଏହା ପ୍ରଥମ ଏସିଆ ଗସ୍ତ ।

## 'ଇଣ୍ଟରନ୍ୟାସନାଲ ଫୋର ଫ୍ରିଡମସ୍ ଆୱାର୍ଡ'ରେ ସମ୍ମାନୀତ ହେଲେ ଜେଲେନସ୍କି




ମିଡିଲବର୍ଗ,୧୬।୪: ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମୀର ଜେଲେନସ୍କି ସମ୍ମାନଜନକ 'ଇଣ୍ଟରନ୍ୟାସନାଲ ଫୋର ଫ୍ରିଡମସ୍ ଆୱାର୍ଡ'ରେ ସମ୍ବର୍ଦ୍ଧିତ ହୋଇଛନ୍ତି । ଏହି ସମ୍ମାନ ତାଙ୍କୁ ଓ ତାଙ୍କ ଦେଶକୁ ଯୁଦ୍ଧରେ ଋଷିଆକୁ ବିରୋଧ କରିବାରେ ଦେଖାଇଥିବା ସାହସ ଓ ଦୃଢତା ଲାଗି ଦିଆଯାଇଛି । ଏହି ପୁରସ୍କାର ରୁଜଭେଲ୍ଟ ଫାଉଣ୍ଡେସନ ପକ୍ଷରୁ ଦିଆଯାଇଥାଏ । ରୁଜଭେଲ୍ଟ ଫାଉଣ୍ଡେସନର ସ୍ଥାପନା ୧୯୮୨ ମସିହାରେ ସେହି 'ଫୋର ଫ୍ରିଡମସ୍' ସମ୍ମାନରେ ପୁରସ୍କୃତ କରିବା ପାଇଁ କରାଯାଇଥିଲା ଯାହାର ଉଲ୍ଲେଖ ଆମେରିକା ରାଷ୍ଟ୍ରପତି ଫ୍ରାଙ୍କଲିନ ଡି.ରୁଜଭେଲ୍ଟ ତାଙ୍କ ୧୯୪୧ 'ଷ୍ଟେଟ ଅଫ ଦି ୟୁନିୟନ' ସମ୍ବୋଧନରେ କରିଥିଲେ । ତାଙ୍କ ସମ୍ବୋଧନରେ ରୁଜଭେଲ୍ଟ କହିବା ଓ ଅଭିବ୍ୟକ୍ତିର ସ୍ୱାଧୀନତା, ପୂଜାର ସ୍ୱାଧୀନତା, ଦାରିଦ୍ର୍ୟତା ଓ ଭୟରୁ ମୁକ୍ତିର କଥା କହିଥିଲେ ।

## ଅଖିଳେଶଙ୍କୁ ଶାହାଙ୍କ ଜବାବ

# 'ତୁମର ସବୁ ଟିକେଟ୍ ମୁସଲମାନ ମହିଳାଙ୍କୁ ଦେଇଦିଅ'





ନୂଆଦିଲ୍ଲୀ,୧୬।୪: ଗୁରୁବାର ଲୋକସଭାରେ ମହିଳା ସଂରକ୍ଷଣ ସମ୍ପର୍କିତ ସୀମା ନିର୍ଦ୍ଧାରଣ ବିଲ୍ ଉପରେ ବିତର୍କ ସମୟରେ ମୁସଲମାନ ମହିଳାଙ୍କ ପାଇଁ ସଂରକ୍ଷଣକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ମଧ୍ୟରେ ତୀବ୍ର ବାକ୍ୟବିନିମୟ ହୋଇଥିଲା । ଅଖିଳେଶ ମୁସଲମାନ ମହିଳାଙ୍କ ପାଇଁ ସଂରକ୍ଷଣ ଦାବି କରିବାରୁ ଶାହ କହିଥିଲେ, ତୁମେ ଚାହିଁଲେ ତୁମ ଦଳର ସବୁ ଟିକେଟ୍ ମୁସଲମାନ ମହିଳାଙ୍କୁ ଦେଇପାରିବ । ଆସନ୍ତା ତିନି ଦିନ ମଧ୍ୟରେ ଭାରତର ସଂସଦରେ ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ବିତର୍କ ହେବାକୁ ଯାଉଛି । ବିରୋଧୀମାନେ କହିଛନ୍ତି ଯେ ସେମାନେ ଗୁରୁତର ରାଜନୈତିକ ଓ ସାମ୍ବିଧାନିକ ପ୍ରଶ୍ନ ଉଠାଉଛନ୍ତି । ଏହି ପ୍ରସଙ୍ଗ ଉଠାଇ ଅଖିଳେଶ ଯାଦବ କହିଛନ୍ତି ଯେ ମୁସଲମାନ ମହିଳାମାନଙ୍କୁ ପୃଥକ୍ ସଂରକ୍ଷଣ ମିଳିବା ଉଚିତ । ସରକାର କାହିଁକି ଜନଗଣନାକୁ ଅପେକ୍ଷା କରୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ଏହାର ଜବାବ ଦେଇ ଅମିତ ଶାହ କହିଛନ୍ତି ଯେ ଜନଗଣନା ପ୍ରକ୍ରିୟା ଆରମ୍ଭ ହୋଇସାରିଛି ଏବଂ ସରକାର ଜାତି ଜନଗଣନା କରିବାକୁ ନିଷ୍ପତ୍ତି ନେଇଛନ୍ତି । ସେ କହିଛନ୍ତି ଯେ ବର୍ତ୍ତମାନ ଗୃହ ଗଣନା କାର୍ଯ୍ୟ ଚାଲିଛି ଏବଂ ଜନଗଣନା ହେବା ସମୟରେ ଏକ ଜାତି ସ୍ତମ୍ଭ ଅନ୍ତର୍ଭୁକ୍ତ ହେବ । ଧର୍ମଭିତ୍ତିକ ସଂରକ୍ଷଣର ଧାରଣାକୁ ଶାହ ଦୃଢ ଭାବରେ ପ୍ରତ୍ୟାଖ୍ୟାନ କରିଥିଲେ । ସେ କହିଛନ୍ତି ଯେ ଧର୍ମ ଆଧାରରେ ସଂରକ୍ଷଣ ଗ୍ରହଣୀୟ ନୁହେଁ ଏବଂ ଧାର୍ମିକ କାରଣରୁ ମୁସଲମାନମାନଙ୍କୁ ସଂରକ୍ଷଣ ଦେବା ଅସାମ୍ବିଧାନିକ ହେବ । ସମାଜବାଦୀ ପାର୍ଟିକୁ ସମାଲୋଚନା କରି ଶାହ କହିଛନ୍ତି ଯେ ଅଖିଳେଶ ଯାଦବ ମୁସଲମାନ ମହିଳାମାନଙ୍କୁ ଦଳର ସମସ୍ତ ଟିକେଟ୍ ଦେଇପାରିବେ । ଏଥିରେ ଆମର କୌଣସି ଆପତ୍ତି ନାହିଁ । ଅଖିଳେଶ ଯାଦବ ଗୃହମନ୍ତ୍ରୀଙ୍କ ମନ୍ତବ୍ୟକୁ ଅଗଣତାନ୍ତ୍ରିକ ବୋଲି କହିଛନ୍ତି । ମୁସଲମାନ ମହିଳାମାନେ ଜନସଂଖ୍ୟାର ଅଂଶ ନୁହନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି । ଏହି ବିନିମୟ ଜାତି ଜନଗଣନାକୁ ନେଇ ଚାଲିଥିବା ରାଜନୈତିକ ବିତର୍କକୁ ମଧ୍ୟ ଆଲୋକିତ କରିଛି । ଅଖିଳେଶ ମଧ୍ୟ ଏହି ବିଲ୍ ଆଗତ କରିବାକୁ ତତ୍ପରତା ଉପରେ ପ୍ରଶ୍ନ କରିଛନ୍ତି । ଆମେ ସପକ୍ଷରେ ଅଛୁ... କିନ୍ତୁ ଆପଣ କାହିଁକି ଜନଗଣନା ଶେଷ ହେବା ଯାଏ ଅପେକ୍ଷା କରିବାକୁ ଚାହୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି ।

## କେନ୍ଦ୍ର ବିରୋଧରେ କଳା ପତାକା ପ୍ରଦର୍ଶନର ନେତୃତ୍ୱ ନେଲେ ଷ୍ଟାଲିନ୍



ନୂଆଦିଲ୍ଲୀ,୧୬।୪: ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ୍ ଗୁରୁବାର କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ସୀମା ପୁନଃନିର୍ଦ୍ଧାରଣ ବିଲ୍ ବିରୋଧରେ ତୀବ୍ର ପ୍ରତିବାଦ କରି, ବିଲର ପ୍ରତିଲିପିକୁ ପୋଡ଼ିବା ସହ କଳା ପତାକା ଉତ୍ତୋଳନ କରିଛନ୍ତି । ଏଥି ସହ ସେ ସମଗ୍ର ରାଜ୍ୟରେ ଆନୁଷ୍ଠାନିକଭାବେ ସୀମା ପୁନଃନିର୍ଦ୍ଧାରଣ ବିରୋଧରେ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଷ୍ଟାଲିନ କହିଛନ୍ତି, ଏହା ତାମିଲ ଅଧିକାର ଓ ଭାରତୀୟ ସଂଘବାଦ ଉପରେ ଆକ୍ରମଣ । ଏମ୍.କେ. ଷ୍ଟାଲିନ୍ଙ୍କ ନେତୃତ୍ୱରେ ତାମିଲନାଡୁରେ ସୀମା ନିର୍ଦ୍ଧାରଣ ବିଲ୍ ବିରୋଧୀ ଆନ୍ଦୋଳନ ତୀବ୍ର ରୂପ ନେଇଛି । ଏକ୍ସରେ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇ ଷ୍ଟାଲିନ ଲେଖିଛନ୍ତି, ବିଜେପିର ଅହଂକାର ବିରୋଧରେ ଜବାବ ଦେବା ପାଇଁ ସାରା ରାଜ୍ୟରେ ଆନ୍ଦୋଳନ କରନ୍ତୁ । ବିଜେପିର ଫାଶୀବାଦୀ ନୀତି ବିରୋଧରେ ମୁହଁତୋଡ଼ ଜବାବ ଦିଅନ୍ତୁ । ଏହାକୁ ସେ ହିନ୍ଦୀ-ବିରୋଧୀ ଆନ୍ଦୋଳନ ସହ ସମାନ୍ତରାଳ ଭାବେ ଚାଲୁ ରଖିବାକୁ ଆହ୍ୱାନ ଦେଇଛନ୍ତି । ଜନସଂଖ୍ୟାଭିତ୍ତିକ ସୀମା ପୁନଃନିର୍ଦ୍ଧାରଣକୁ ବିରୋଧ କରି ତାମିଲ ରାଜ୍ୟରେ ଏହି ଆନ୍ଦୋଳନ ଆରମ୍ଭ ହୋଇଛି, ଯେଉଁଥିରେ ୨୦୧୧ ଜନସଂଖ୍ୟା ଆଧାରରେ ପ୍ରତ୍ୟେକ ଆସନ ସଂଖ୍ୟା ସ୍ଥିର କରିବାକୁ ପ୍ରସ୍ତାବ ରହିଛି । ପ୍ରତିବାଦର ସଂକେତ ସ୍ୱରୂପ ପ୍ରତି ଘର ଆଗରେ କଳା ପତାକା ଉତ୍ତୋଳନ କରିବାକୁ ଷ୍ଟାଲିନ ଆହ୍ୱାନ ଦେଇଛନ୍ତି ।

## ରାହୁଲଙ୍କୁ କଟାକ୍ଷ କଲେ ଓମ୍ ବିର୍ଲା

ନୂଆଦିଲ୍ଲୀ,୧୬।୪: ଭାରତର ନିର୍ବାଚନ ମାନଚିତ୍ରରେ ପରିବର୍ତ୍ତନ ପାଇଁ ଐତିହାସିକ ଆଇନ ପ୍ରଣୟନ ଲାଗି ଆହୂତ ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଗୁରୁବାର ଲୋକସଭା ବାଚସ୍ପତି ଓମ୍ ବିର୍ଲା ଓ ବିରୋଧୀ ଦଳ ନେତା ରାହୁଳ ଗାନ୍ଧୀଙ୍କ ମଧ୍ୟରେ ଏକ ହାଲୁକା ବିନିମୟ ହୋଇଥିଲା । ଲୋକସଭାରେ କଂଗ୍ରେସ ନେତା କେସି ବେଣୁଗୋପାଳ ଆଲୋଚନା କରୁଥିଲେ ସେତେବେଳେ ଗାନ୍ଧୀ ମାଇକ୍ରୋଫୋନ୍ ଆଡ଼କୁ ଇଙ୍ଗିତ କରି 'ମାଇକ୍ ନାହିଁ' ବୋଲି ଚିତ୍କାର କରିଥିଲେ । ତାଙ୍କ କହିବାର ଅର୍ଥ ତାଙ୍କ ସହଯୋଗୀ ଭାଷଣ ଦେବା ବେଳେ ତାଙ୍କ ମାଇକ୍ ବନ୍ଦ କରିଦିଆଯାଇଛି । ସେତେବେଳେ ବିର୍ଲାଙ୍କ ବ୍ୟଙ୍ଗାତ୍ମକ ମନ୍ତବ୍ୟ ଆସିଥିଲା । 'ଚାଲୁ ହୈ ମାଇକ୍ ଚାଲୁ ହୈ, ଆପକା ହି ବନ୍ଦ ହୋତା ହୈ' ବୋଲି ବିର୍ଲା ମନ୍ତବ୍ୟ ଦେଇଥିଲେ, ଯାହା ପରେ ଆଗଧାଡ଼ି ବେଞ୍ଚରେ ବସିଥିବା ସାଂସଦମାନେ ହସି ଉଠିଥିଲେ । ବାଚସ୍ପତିଙ୍କ ମନ୍ତବ୍ୟ ଗାନ୍ଧୀଙ୍କ ଦୀର୍ଘକାଳୀନ ଅଭିଯୋଗକୁ ଦର୍ଶାଇଥିଲା, ଯିଏ ବାରମ୍ବାର ସଂସଦରେ ତାଙ୍କର ତଥା ତାଙ୍କ ଦଳର ନେତାଙ୍କ ମାଇକ୍ ବନ୍ଦ କରିଦିଆଯାଉଥିବା ଅଭିଯୋଗ କରିଥାନ୍ତି ।

## ଅଖିଳେଶଙ୍କୁ ଜବାବ୍ ଦେଲେ ସ୍ମୃତି ଇରାନୀ

ନୂଆଦିଲ୍ଲୀ,୧୬।୪: ଅଖିଳେଶ ଯାଦବଙ୍କ ବୟାନର ପାଲଟା ଜବାବ୍ ଦେଇଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓ ବିଜେପିର ବରିଷ୍ଠ ନେତ୍ରୀ ସ୍ମୃତି ଇରାନୀ । ଗୁରୁବାର ଲୋକସଭାରେ ମହିଳା ସଂରକ୍ଷଣ ବିଲ୍ ଉପରେ ଚର୍ଚ୍ଚା ବେଳେ ଅଖିଳେଶ ପରୋକ୍ଷରେ ସ୍ମୃତିଙ୍କ ନାଁ ନେଇ କହିଥିଲେ । ସେ କହିଥିଲେ 'ସାସ୍-ବହୁ ୱାଲି ତୋ ହାର ଗୟି' । ଏହାର ଜବାବରେ ସ୍ମୃତି ଇରାନୀ ସମାଜବାଦୀ ପାର୍ଟି ସାଂସଦ ଅଖିଳେଶ ଯାଦବଙ୍କୁ ପରାମର୍ଶ ଦେଇ କହିଛନ୍ତି ସିରିୟଲ କଥାରୁ ହଟି ସେ ସଂସଦ ଉପରେ ଧ୍ୟାନ ଦିଅନ୍ତୁ ।' ସ୍ମୃତି କହିଛନ୍ତି, ଶୁଣିବାକୁ ମିଳୁଛି ଯେ କୁଆଡେ ମୋତେ ଅଖିଳେଶ ଯାଦବ ସଂସଦରେ ଖୁବ୍ ମନେ ପକାଉଛନ୍ତି । କର୍ମଜୀବି ମହିଳାଙ୍କ ଉପରେ ମଧ୍ୟ ଟିପ୍ପଣୀ ଦେଉଛନ୍ତି, ଯିଏକି ଜୀବନରେ କେବେ ବି ଗୋଟିଏ ଥର କୌଣସି ଚାକିରୀ କରି ନାହାଁନ୍ତି । ସ୍ମୃତି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି 'ଶୁଣିଲି ଯେ, ଅଖିଳେଶ ଜୀ ମୋତେ ସଂସଦରେ ମନେପକାଇଲେ । ଭଲ କଥା, ଯାହାଙ୍କୁ ରାଜନୀତି ପରମ୍ପରା ଭାବରେ ମିଳିଛି, ସେ ପୁଣି ମୋତେ କହୁଛନ୍ତି ।

## ଆମିର ହମଜାଙ୍କୁ ଲାହୋରରେ ଗୁଳିମାଡ଼

ନୂଆଦିଲ୍ଲୀ,୧୬ଲ୪: ଲସ୍କର-ଏ- ତୈବାର ସହ - ପ୍ରତିଷ୍ଠାତା ଆମିର ହମଜାଙ୍କୁ ପାକିସ୍ତାନର ଲାହୋରରେ ଅଜଣା ବନ୍ଧୁକଧାରୀମାନେ ଗୁଳି କରିଛନ୍ତି । ତାଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ଜଣାପଡିଛି । ହାଫିଜ ସାଇଦ ପରେ ଲସ୍କର- ତୈବାର ଦ୍ୱିତୀୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନେତା ଭାବରେ ଜଣାଶୁଣା । ଭାରତରେ ଅନେକ ଆତଙ୍କବାଦୀ ଆକ୍ରମଣରେ ଜଡିତ ଏବଂ ଜଣେ ୱାଣ୍ଟେଡ୍ ଆତଙ୍କବାଦୀ ହମଜା ଉପରେ ଲାହୋରର ଏକ ନ୍ୟୁଜ୍ ଚ୍ୟାନେଲ ବାହାରେ ଅଜ୍ଞାତ ଆକ୍ରମଣକାରୀମାନେ ଆକ୍ରମଣ କରିଥିଲେ । ତାଙ୍କୁ ଲାହୋରର ଏକ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଏବଂ ତାଙ୍କ ଅବସ୍ଥା ଅତ୍ୟନ୍ତ ଗମ୍ଭୀର ରହିଛି । ବର୍ଷକ ମଧ୍ୟରେ ଏହା ଦ୍ୱିତୀୟ ଥର ଯେତେବେଳେ ହମଜାକୁ ଅଜଣା ଲୋକ ଗୁଳି କରିଛନ୍ତି । ଗତ ବର୍ଷ ମେ ମାସରେ, ଏହି ଭୟଙ୍କର ଆତଙ୍କବାଦୀଙ୍କୁ ଲାହୋରସ୍ଥିତ



ତାଙ୍କ ବାସଭବନ ବାହାରେ ଗୁଳି କରାଯାଇଥିଲା, ଯାହା ପରେ ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା । ଆକ୍ରମଣ ପରେ, ପାକିସ୍ତାନ କର୍ତ୍ତୃପକ୍ଷଙ୍କ ଦ୍ୱାରା ତାଙ୍କର ସୁରକ୍ଷା ବୃଦ୍ଧି କରାଯାଇଥିଲା, ଯଦିଓ ସେମାନେ ଘଟଣା ଉପରେ କୌଣସି ମନ୍ତବ୍ୟ ଦେଇ ନଥିଲେ ।

## ରାଜ୍ୟସଭା ଉପାଧ୍ୟକ୍ଷ ପଦବୀ ପାଇଁ ନାମାଙ୍କନ ଦାଖଲ କଲେ ହରିବଂଶ

ନୂଆଦିଲ୍ଲୀ,୧୬।୪: ରାଜ୍ୟସଭାର ଉପାଧ୍ୟକ୍ଷ ପଦ ପାଇଁ ସାଂସଦ ହରିବଂଶ ନାରାୟଣ ସିଂହ ଗୁରୁବାର ରାଜ୍ୟସଭା ସଚିବାଳୟରେ ନାମାଙ୍କନ ଦାଖଲ କରିଛନ୍ତି । ସଂସଦର ଉଚ୍ଚ ସଦନର କାର୍ଯ୍ୟପଦ୍ଧତି ଏବଂ କାର୍ଯ୍ୟ ଆଚରଣ ନିୟମର ନିୟମ ୭ ଅନୁଯାୟୀ, ରାଜ୍ୟସଭା ଏପ୍ରିଲ ୧୭ (ଶୁକ୍ରବାର) ଏହାର ନୂତନ ଉପସଭାପତିଙ୍କୁ ନିର୍ବାଚନ କରିବାକୁ ଯାଉଛି । ଆନୁଷ୍ଠାନିକ କାର୍ଯ୍ୟଧାରା ଦିନ ୧୧ଟାରୁ ଆରମ୍ଭ ହେବାକୁ ଯାଉଛି । ଏପ୍ରିଲ ୯ ତାରିଖରେ ହରିବଂଶଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଏହି ଉପାଧ୍ୟକ୍ଷ ପଦ ଖାଲି ପଡ଼ିଥିଲା । ସୂଚନାଯୋଗ୍ୟ, ହରିବଂଶ ୨୦୧୮ରୁ ରାଜ୍ୟସଭା ଉପାଧ୍ୟକ୍ଷ ପଦରେ ଅଛନ୍ତି । ଏପ୍ରିଲ ୧୦ ତାରିଖରେ ଏକ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହରିବଂଶ ନାରାୟଣ ସିଂହଙ୍କୁ ରାଜ୍ୟସଭା ସଦସ୍ୟ ଭାବରେ ମନୋନୀତ କରିଛନ୍ତି । ସମ୍ବିଧାନର ଧାରା ୮୯ (୨) ଅନୁଯାୟୀ ଭାରତର ଉପରାଷ୍ଟ୍ରପତି ରାଜ୍ୟସଭା ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରନ୍ତି । ଉପାଧ୍ୟକ୍ଷ ରାଜ୍ୟସଭା ସଦସ୍ୟଙ୍କ ମଧ୍ୟରୁ ନିର୍ବାଚିତ ହୁଅନ୍ତି । ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ଉପାଧ୍ୟକ୍ଷ ଗୃହରେ ଅଧ୍ୟକ୍ଷତା କରନ୍ତି । ତେବେ ଆସନ୍ତାକାଲି ହେବାକୁ ଥିବା ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚନକୁ ଇଣ୍ଡି ମେଣ୍ଟ ବିରୋଧ କରିବ ବୋଲି ଜଣାପଡ଼ିଛି ।

## ସେପ୍ଟେମ୍ବରରେ ଭାରତ ଆସିବେ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍

ନୂଆଦିଲ୍ଲୀ ୧୬/୪: ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେବାକୁ ଭାରତ ଆସିବେ । ଏନେଇ କ୍ରେମଲିନ୍ ମୁଖପାତ୍ର ଦିମିତ୍ରି ପେସ୍କୋଭ ସୂଚନା ଦେଇଛନ୍ତି । ଆସନ୍ତା ସେପ୍ଟେମ୍ବରରେ ବ୍ରିକ୍ସ ସମ୍ମିଳନୀ ଆୟୋଜନା ହେବାର ଅଛି । ବୈଶ୍ୱିକ ଭୂ- ରାଜନୈତିକ ସମୀକରଣ ବଦଳିବା ଏବଂ ତିକ୍ତତା ବୃଦ୍ଧି ଭିତରେ ଭାରତ ଏହି ସମ୍ମିଳନୀ ଆୟୋଜନ କରିବାକୁ ଯାଉଛି । ଏଥିରେ ପୁଟିନ୍ ସାମିଲ ହେବା ସଭିଁଙ୍କ ଧ୍ୟାନ ଆକର୍ଷଣ କରିପାରେ । କାରଣ ସମ୍ପ୍ରତି ଅନ୍ତର୍ଜାତୀୟ ସଂଘର୍ଷରେ ଋଷର ଭୂମିକା ଏବଂ ଉଦୀୟମାନ ବୈଶ୍ୱିକ ଶକ୍ତି ମଧ୍ୟରେ ସମନ୍ୱୟର ଏକ ମଞ୍ଚ ଭାବେ ବ୍ରିକ୍ସର ଗୁରୁତ୍ୱ ଲଗାଥର ବଢୁଛି । ।

## ବିମାନବନ୍ଦରରେ ୨ ବିମାନ ମଧ୍ୟରେ ଧକ୍କା, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ନୂଆଦିଲ୍ଲୀ,୧୬।୪: ଦିଲ୍ଲୀ ବିମାନବନ୍ଦରରେ ଗୁରୁବାର ଅପରାହ୍ନ ପ୍ରାୟ ୨:୧୫ ସମୟରେ ଏକ ବଡ଼ଧରଣର ବିମାନ ଦୁର୍ଘଟଣା ଅଳ୍ପକେ ବର୍ତ୍ତିଯାଇଛି, ସ୍ପାଇସଜେଟର ଏକ ବିମାନ ରନୱେରେ ଟ୍ୟାକ୍ସିଂ କରୁଥିବା ବେଳେ ସେଠାରେ ସ୍ଥିର ଛିଡ଼ା ହୋଇଥିବା ଆକାଶ ଏୟାରର ଏକ ବିମାନକୁ ଧକ୍କା ଦେଇଥିଲା । ଏହି ସାମାନ୍ୟ ଦୁର୍ଘଟଣାରେ ଉଭୟ ବିମାନ କିଛି ମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ସୌଭାଗ୍ୟବଶତଃ କୌଣସି ଯାତ୍ରୀ କିମ୍ବା କ୍ରୁ ସଦସ୍ୟ ଆହତ ହୋଇନାହାନ୍ତି । ରିପୋର୍ଟ ଅନୁଯାୟୀ, ଲେହରୁ ଆସିଥିବା ସ୍ପାଇସଜେଟ୍ ବିମାନଟି ଗେଟ୍ ଆଡ଼କୁ ଯାଉଥିବା ବେଳେ ହାଇଦ୍ରାବାଦ ଅଭିମୁଖେ ଯାତ୍ରା ପାଇଁ ପ୍ରସ୍ତୁତ ହେଉଥିବା ଆକାଶ ଏୟାର ବିମାନ ସହ ଏହାର ଧକ୍କା ହୋଇଥିଲା, ଯାହାଫଳରେ ସ୍ପାଇସଜେଟର ଡାହାଣ ପକ୍ଷ ଏବଂ ଆକାଶ ଏୟାରର ପଛ ଭାଗ କ୍ଷତିଗ୍ରସ୍ତ ହୋଇଛି । ଏହି ଘଟଣାକୁ ନେଇ ଏବେ ତଦନ୍ତ ଆରମ୍ଭ ହୋଇଛି । ଘଟଣା ପରେ ଆକାଶ ଏୟାରଲାଇନ୍ସ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, ସେମାନଙ୍କ ବିମାନଟି ସ୍ଥିର ଅବସ୍ଥାରେ ଥିବା ବେଳେ ଅନ୍ୟ ବିମାନଟି ସହ ସଂସ୍ପର୍ଶରେ ଆସିଥିଲା ଏବଂ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଓହ୍ଲାଇ ଦିଆଯାଇଛି । ବିମାନ ବନ୍ଦରର ଗ୍ରାଉଣ୍ଡ ଟିମ୍ ଯାତ୍ରୀମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରିଛନ୍ତି ଯାହାଦ୍ୱାରା ସେମାନେ ଶୀଘ୍ର ହାଇଦ୍ରାବାଦରେ ପହଞ୍ଚିପାରିବେ ।

## ଆନ୍ଧ୍ରପ୍ରଦେଶରେ ଦୁର୍ଘଟଣା: ୮ ଶ୍ରଦ୍ଧାଳୁ ମୃତ

ନୂଆଦିଲ୍ଲୀ,୧୬।୪: ଆନ୍ଧ୍ର ପ୍ରଦେଶର କର୍ନୁଲରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୮ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ହୋଇଛି । ଶ୍ରଦ୍ଧାଳୁମାନେ କର୍ଣ୍ଣାଟକର ବାସିନ୍ଦା ବୋଲି ଜଣାପଡ଼ିଛି । ଦୁର୍ଘଟଣା କର୍ଣ୍ଣାଟକ-ଆନ୍ଧ୍ରପ୍ରଦେଶ ସୀମା ନିକଟରେ କୁର୍ନୁଲ ଜିଲ୍ଲାର ଧର୍ମପୁର ଟୋଲ୍ ପ୍ଲାଜାଠାରୁ ପ୍ରାୟ ୮-୯ କିଲୋମିଟର ଦୂରରେ ଜାତୀୟ ରାଜପଥ ୧୬୭ରେ ଘଟିଥିଲା । ଏକ ପିକ୍ଅପ୍ ଗାଡ଼ିରେ ଶ୍ରଦ୍ଧାଳୁ ମନ୍ତ୍ରାଳୟମରେ ଥିବା ଶ୍ରୀ ଗୁରୁ ରାଘବେନ୍ଦ୍ର ସ୍ୱାମୀ ମନ୍ଦିରକୁ ଯାଉଥିଲେ । ତେବେ କଂକ୍ରିଟ୍ ଟ୍ୟାଙ୍କର୍ ଲରି ସହିତ ପିକ୍ଅପ୍ ଗାଡ଼ିର ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ୫ ଜଣଙ୍କର ମୃତ୍ୟୁ ହୋଇଥିଲା । ଅନ୍ୟ ତିନି ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ୫ ମହିଳା, ଜଣେ ତିନି ବର୍ଷର ଝିଅ ଓ ଦୁଇଜଣ ପୁରୁଷ ଅଛନ୍ତି । ଦୁର୍ଘଟଣା ସମୟରେ ପିକ୍ଅପ୍ ଗାଡ଼ିରେ ୨୧ ଜଣ ଶ୍ରଦ୍ଧାଳୁ ଥିଲେ । ଆହତ ୧୦ ଜଣଙ୍କୁ ଚିକିତ୍ସା ପାଇଁ ୟେମ୍ମିଗାନୁର୍ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣାକୁ ନେଇ ମନ୍ତ୍ରୀ ଟିଜି ଭରତ ଗୁପ୍ତା ଓ ବିସି ଜନାର୍ଦ୍ଦନ ରେଡ୍ଡୀ ଦୁଃଖ ପ୍ରକାଶ କରିଛନ୍ତି । ଶୋକ ସନ୍ତପ୍ତ ପରିବାରକୁ ସମବେଦନା ମଧ୍ୟ ଜଣାଇଛନ୍ତି ।

## ଇରାନକୁ ଆମେରିକାର ଧମକ

# ଶାନ୍ତି ଚୁକ୍ତିକୁ ଖାରଜ କଲେ ପୁଣି ଆରମ୍ଭ କରିଦେବୁ ଯୁଦ୍ଧ

ନୂଆଦିଲ୍ଲୀ,୧୬।୪: ଇରାନକୁ ପୁଣି ଧମକ ଦେଲା ଆମେରିକା । କହିଲା, ଯଦି ଶାନ୍ତି ବୁଝାମଣାକୁ ଏଡେଇ ଦିଆଗଲା, ତ ଆମେ ପୁଣି ଯୁଦ୍ଧ ଆରମ୍ଭ କରିଦେବୁ । ଆମେରିକୀୟ ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗସେଥ୍ ଇରାନକୁ ମେସେଜ ଦେଇ କହିଛନ୍ତି ,ଆମ ନଜର ତୁମ ଉପରେ । ସେ କହିଛନ୍ତି ଆମେରିକା , ଇରାନର ବନ୍ଦରର ନାକାବନ୍ଦୀ ସେପର୍ଯ୍ୟନ୍ତ କରିବ , ଯେପର୍ଯ୍ୟନ୍ତ ଜରୁରୀ ହେବ । ସେ ଚେତାବନୀ ଦେଇଛି ଯେ, ଯଦି ତେହେରାନ କୌଣସି ଚୁକ୍ତି କରିବ ନାହିଁ, ତ ପୁଣି ଥରେ ଆକ୍ରମଣ କରାଯିବ । ହେଗସେଥ୍ ପେଣ୍ଟାଗନରେ ଏକ ପ୍ରେସ୍ କନଫରେନ୍ସରେ କହିଛନ୍ତି, ଯଦି ଇରାନ କୌଣସି ଭୁଲ ନିଷ୍ପତ୍ତି ନିଏ, ତ ତାକୁ ନାକାବନ୍ଦୀର ସମ୍ମୁଖୀନ ହେବାକୁ ପଡ଼ିବ ଏବଂ ତାର ଇନଫ୍ରାଷ୍ଟ୍ରକଚର,




ବିଦ୍ୟୁତ୍ ଓ ଶକ୍ତି କେନ୍ଦ୍ର ଉପରେ ବୋମା ମାଡ଼ କରାଯିବ । ଆମେରିକାର ବରିଷ୍ଠ ସାମରିକ ଅଧିକାରୀ ଜେନେରାଲ ଡାନ୍ କେନ୍ କହିଛନ୍ତି – ଏହି ନାକାବନ୍ଦୀ ଇରାନର ବନ୍ଦର ଗୁଡ଼ିକରେ ଆସୁଥିବା କିମ୍ବା ସେଠାରୁ ଯାଉ ଥିବା ସବୁ ଜାହାଜ ଗୁଡ଼ିକ ଉପରେ ଲାଗୁ ହେବ, ସେଗୁଡ଼ିକର ରାଷ୍ଟ୍ରୀୟତା କିଏ ବି ହେଉ । କେନ୍ ହେଗସେଥଙ୍କ ସହ ଠିଆ ହୋଇ କହିଛନ୍ତି –ଯଦି ତୁମେ ଏହି ନାକାବନ୍ଦୀର ପାଳନ ନକରନ୍ତି , ତ ଆମେ ବଳର ପ୍ରୟୋଗ କରିବୁ । କେନ୍ ଆହୁରି କହିଛନ୍ତି-ଏବେସୁଦ୍ଧା ୧୩ଟି ଜାହାଜ ବୁଦ୍ଧିମାନ ପୂର୍ବକ ଫେରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ମଧ୍ୟରେ, ହେଗସେଥ୍ କହିଛନ୍ତି , ଇରାନୀ ସେନା ସେହି ଉପକରଣ ଗୁଡ଼ିକୁ ବାହାର କରିବାକୁ ଚେଷ୍ଟା କରୁଛନ୍ତି,ଯାହାକୁ ଇସଲାମିକ ଗଣରାଜ୍ୟ ଉପରେ ଆମେରିକା – ଇସ୍ରାଏଲର ପାଞ୍ଚ ସପ୍ତାହରୁ ଅଧିକ ଦିନ ଯାଏ ଚାଲିଥିବା ଆକ୍ରମଣ ବେଳେ ମାଟିରେ ପୋତି ଦିଆ ଯାଇଥିଲା । ଇରାନୀ ନେତାଙ୍କୁ ସିଧାସଳଖ କହିଛନ୍ତି, ଆମକୁ ଜଣା ତୁମେ କେଉଁ ସାମରିକ ଜିନିଷ କେଉଁଠାରୁ ନେଇ ଯାଉଛି ।

ଧୋକାଦେଲା ମାଟ୍ରିମୋନିର ଦ୍ୱିତୀୟ ପତ୍ନୀ

# ଯୁବକଙ୍କଠାରୁ ୪୦ଲକ୍ଷ ଲୁଟି ନେଇ ମହିଳା ଛୁ

ଭୁବନେଶ୍ୱର(ନିପ୍ର): ଧୋକା ଦେଇଦେଲା ମାଟ୍ରିମୋନିର ଦ୍ୱିତୀୟ ପତ୍ନୀ। ପାଖରେ ରହିଲା ଆଉ ଲୁଟି ନେଲା ଲକ୍ଷାଧିକ ଟଙ୍କା । ଶେଷରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଶିଶୁପାଳ ହୋଇଛନ୍ତି ଯୁବକ ଜଣଙ୍କ । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଉପକଣ୍ଠସ୍ଥ ଧଉଳି ଥାନା ଅଞ୍ଚଳରେ । ବାଲେଶ୍ୱରର ଜିଲ୍ଲା ଖନ୍ତାପଡା ଥାନା ଅନ୍ତର୍ଗତ ମହାରାଜପୁର ଗ୍ରାମର ବିସ୍ମୃତ ରଞ୍ଜନ ଦାସଙ୍କ (୩୭) ଠାରୁ ଯୁବତୀ ଜଣକ ୪୦ ଲକ୍ଷ ଟଙ୍କା ଲୁଟି ନେଇଥିବା ସେ ଅଭିଯୋଗ କରିଛନ୍ତି । ବିସ୍ମୃତ ରଞ୍ଜନ ଦାସ ବାଲେଶ୍ୱରର ମୂଳବାସିନ୍ଦା ହୋଇଥିବାବେଳେ ଭୁବନେଶ୍ୱରରେ ରହି ବ୍ୟବସାୟ କରୁଥିଲେ । ସେ ବିବାହିତ ଥଲେ । ଗତ ୨୦୨୩ରେ ତାଙ୍କ ପତ୍ନୀଙ୍କର ଦେହାନ୍ତ ହୋଇଯାଇଥିଲା । ଏହା ପରେ ପରିବାର ଲୋକେ ଦ୍ୱିତୀୟ ବିବାହ ପାଇଁ ଚାପ ପକାଇବାରୁ ସେ ସାଦି.କମ୍? ମାଟ୍ରିମୋନି ସାଇଟରେ ଏକ ଆକାଉଣ୍ଟ ଖୋଲିଥିଲେ। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ନଈଛଣପୁର ଗାଁର ହେମଲତା ଗିରି ଓରଫ ମିନି ନାମକ ଜଣେ ମହିଳାଙ୍କ ସହ ତାଙ୍କର ମାଟ୍ରିମୋନିରେ ପରିଚୟ ହୋଇଥିଲା । ହେମଲତା ମଧ୍ୟ ବିବାହିତ ହୋଇଥିବାବେଳେ ତାଙ୍କର ଛାଡପତ୍ର ହୋଇସାରିଥିଲା। ଏହା ପରେ ଉଭୟଙ୍କ ମଧ୍ୟରେ ବାର୍ତ୍ତାଳାପ ଆରମ୍ଭ ହୋଇଥିବା । ପ୍ରାୟ ୧୦ ରୁ ୧୫ ଦିନ ମଧ୍ୟରେ ହେମଲତା ବିସ୍ମୃତଙ୍କୁ ବିବାହ କରିବାକୁ ରାଜି ହୋଇଥିଲେ । କିନ୍ତୁ ହେମଲତା ସର୍ତ୍ତ ରଖିଥିଲେ ଯେ ସେମାନଙ୍କ ବିବାହ ଗୋପନୀୟ ରହିବ । ବିସ୍ମୃତ ଏଥିରେ ମଧ୍ୟ ସହମତି ପ୍ରକାଶ କରିଥିଲେ । ଉଭୟ ଶିଶୁପାଳଗଡ ଶକ୍ତିନଗରରେ ଘର ଭଡା ନେଇ ଏକାଠି ରହିଥିଲେ । ସେମାନେ ବିବାହିତ ବୋଲି ଘର ମାଲିକଙ୍କୁ କହିଥିଲେ। ହେମଲତା ବିଭିନ୍ନ ସମୟରେ ବିସ୍ମୃତଙ୍କଠାରୁ ବିଭିନ୍ନ ଆଳ ଦେଖାଇ ଟଙ୍କା ନେଇ ଚାଲିଲେ । ପ୍ରାୟ ବର୍ଷକ ମଧ୍ୟରେ ୩୫ ରୁ ୪୦ ଲକ୍ଷ ଟଙ୍କା ନେଇଥିଲେ । କିଛି ଦିନ ତଳେ ବିସ୍ମୃତ କୌଣସି କାମରେ ବାଲେଶ୍ୱର ଯାଇଥିଲେ । ହେମଲତାଙ୍କୁ ନ ଜଣାଇ ଘରକୁ ଫେରିବା ପରେ ତାଙ୍କୁ ଆଉ ଜଣେ ବ୍ୟକ୍ତିଙ୍କ ସହିତ ଅସଙ୍ଗତ ଅବସ୍ଥାରେ ଦେଖିଥିଲେ । ସେ ଚୁପଚାପ ଭିଡିଓ ରେକର୍ଡିଂ କରି ପଳାଇ ଯାଇଥିଲେ । ଧିରେ ଧିରେ ହେମଲତା ଘରକୁ ଅନ୍ୟ ଯୁବକଙ୍କୁ ମଧ୍ୟ ଡାକୁଥିବା ବିସ୍ମୃତ ଜାଣିବାକୁ ପାଇଥିଲେ । ଏହା ପରେ ତାଙ୍କୁ ସିଧାସଳଖ ପଚାରିବାରୁ ମହିଳା ଜଣକ ବିସ୍ମୃତଙ୍କୁ ଦୁଷ୍କର୍ମ ମାମଲାରେ ବିସ୍ମୃତଙ୍କୁ ଫସାଇଦେବ ବୋଲି ଧମକ ଦେଇଥିଲା । ତେବେ ବିସ୍ମୃତ ଶେଷରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ସେ ହେମଲତାଙ୍କ ନାଁରେ ଧଉଳିଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଠକେଇ କରିଥିବା ଧୋକ୍କାବାଜ ମହିଳାଙ୍କୁ ଧରିବାକୁ ଜୋରଦାର ଉଦ୍ୟମ ଚଳାଇଛି ।

ଆଇପିଏସ୍‌ଙ୍କ ଘରୋଇ ସହାୟିକା ଝିଅ ନିଖୋଜ ମାମଲା

# ୩୬ ଘଣ୍ଟା ମଧ୍ୟରେ ନାବାଳିକା ଉଦ୍ଧାର

■ ଅପହରଣକାରୀକୁ ବାନ୍ଧିଲା ପୋଲିସ
■ କୋଚିଂ ସେଣ୍ଟରକୁ ଯାଇ ଫେରିନଥିଲା

ଭୁବନେଶ୍ୱର(ନିପ୍ର): ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ଘରୋଇ ସହାୟିକାଙ୍କ ଝିଅ ନିଖୋଜ ମାମଲାରେ ନୟାପଲ୍ଲୀ ଥାନା ପୋଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ମାମଲାରେ ନିଖୋଜ ହୋଇଥିବା ନାବାଳିକାଙ୍କୁ ପୋଲିସ ପୁରୀ ଜିଲ୍ଲା ପିପିଲି ଡେଲାଙ୍ଗ ଅଞ୍ଚଳରୁ ଉଦ୍ଧାର କରାଯାଇଥିବା ବେଳେ ନାବାଳିକାଙ୍କୁ ଅପହରଣ କରି ନେଇ ଫେରାର ହୋଇଯାଇଥିବା ଯୁବକ ମହେଶ୍ୱର ପରିଡା (୨୪)ଙ୍କୁ ଗିରଫ କରାଯାଇଥିବା ନେଇ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ପୋଲିସ ସେବା ଭବନରେ ଅନୁଷ୍ଠିତ ପ୍ରେସ୍‌ମିଟ୍‌ରେ ସୂଚନା ଦେଇଛନ୍ତି। ଏଥିସହ ଯୁବତୀଙ୍କ ଡାକ୍ତରୀମାଇନା କରାଯିବା ପରେ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ନେଇ ପୋଲିସ କମିଶନର କହିଛନ୍ତି। ନିଖୋଜ ନାବାଳିକା ଜଣଙ୍କ ହେଉଛନ୍ତି ପାଇକ ନଗର ଜଳେଶ୍ୱର ବସ୍ତିର ମାମାଲି ସାହୁ (୧୫)। ମିଳିଥିବା ସୂଚନା ଅନୁସାରେ, ଡେଲଟା ପାଇକ ନଗରର ମାମାଲି ପରିବାର ସହ ରହୁଥିବା ବେଳେ ତାଙ୍କ ମାଆ ଜଣେ ଆଇପିଏସଙ୍କ ଘରେ କାମ କରନ୍ତି। ଯୁକ୍ତ ଦୁଇରେ ପଢୁଥିବା ମାମାଲି ଫାୟାର ଷ୍ଟେସନ ଛକରେ ଥିବା ଏକ କୋଚିଂ ସେଣ୍ଟରରେ ଟିୟୁସନ୍ ହୁଅନ୍ତି। ସବୁଦିନ ଭଳି ଗତ ସୋମବାର ଅପରାହ୍ନରେ ମଧ୍ୟ ମାମାଲି ସାଇକେଲ ଧରି ଘରୁ ଟିୟୁସନ୍ ଯାଇଥିଲେ। ହେଲେ ନିର୍ଦ୍ଧାରିତ ସମୟରେ ଘରକୁ ଫେରିନଥିଲେ। ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ମାଆ କୋଚିଂ ସେଣ୍ଟର ଠାରୁ ଆରମ୍ଭ କରି ବିଭିନ୍ନ ସମ୍ପର୍କୀୟଙ୍କ ଘରେ ଖୋଜାଖୋଜି କରିଥିଲେ। କୌଣସି ସୁଫଳ ନପାଇ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ନାବାଳିକା ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଡେଲଟା ଛକ ଠାରୁ ଆରମ୍ଭ କରି କୋଚିଂ ସେଣ୍ଟର ଯାଏଁ, ସବୁ ସିସିଟିଭି କ୍ୟାମେରା ଯାଞ୍ଚ କରିଥିଲା। ସୋମବାର ଅପରାହ୍ନରେ ମାମାଲି କୋଚିଂ ସେଣ୍ଟରରେ ପହଞ୍ଚିବା ପରେ ସେଠାରେ ସାଇକେଲ ଓ ବ୍ୟାଗ୍ ଛାଡ଼ି ଦେଇ ବରମୁଣ୍ଡା ଆଡ଼କୁ ପଳାଇଥିବା ଫୁଟେଜରୁ ପୋଲିସ ଜାଣିବାକୁ ପାଇଥିଲା। ହେଲେ ତା' ପରଠାରୁ ମାମାଲି କୁଆଡ଼ ଯାଇଛନ୍ତି, ସେନେଇ କୌଣସି ସୁରାକ ମିଳିପାରିନାହିଁ। ଆଇପିଏସଙ୍କ ଘରୋଇ ସହାୟିକାଙ୍କ ଝିଅ ନିଖୋଜର ଦୁଇ ଦିନ ପରେ ମଧ୍ୟ ତାଙ୍କ ପତ୍ତା ନ ମିଳିବା, କମିସନରେଟ ପୋଲିସର ପାରିବା ପଣିଆକୁ ପଦାରେ ପକାଇଥିଲା। ସବୁଠାରୁ କୌତୁହଳର ବିଷୟ ହେଉଛି, ନାବାଳିକାର ପତ୍ତା ନପାଇ ପୋଷ୍ଟର ଜାରି କରିବା ସହ ପୁରସ୍କାର ଘୋଷଣା କରିଥିଲା ପୋଲିସ। ମାମାଲିଙ୍କ ବାବଦରେ ଖବର ଦେଲେ ୫ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ପୋଲିସ ଘୋଷଣା କରିଥିଲା।

କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗ

# ମୁଖ୍ୟ ଅଭିଯୁକ୍ତ ସମେତ ୩ ଗିରଫ

କଟକ(ନିପ୍ର): ସୋସିଆଲ ମିଡ଼ିଆରୁ ପରିଚୟ । ପୁରୁଷ ବନ୍ଧୁଙ୍କ ସହ ପୁରୀ ଯାଇଥିଲେ ଛାତ୍ରୀ। କଟକରେ ପଢୁଥିବା କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୋଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି । ତାଙ୍କର ଅନ୍ୟ ୨ ସହଯୋଗୀଙ୍କୁ ମଧ୍ୟ କ୍ୟାଣ୍ଟୋନମେଣ୍ଟ ଥାନା ପୋଲିସ ଗିରଫ କରିଚି । ପୋଲିସ ସୂଚନା ମୁତାବକ, ଯାଜପୁର ଅଂଚଳର ଜନୈକ ଛାତ୍ରୀଙ୍କ ସହ ଜଣେ ଯୁବକର ସୋସିଆଲ ମିଡ଼ିଆରୁ ପରିଚୟ ହୋଇଥିଲା । ପରେ ସଂପର୍କ ଘନିଷ୍ଠ ହେବାରୁ ଛାତ୍ରୀଙ୍କୁ ଯୁବକ ଜଣକ ନଭେମ୍ବର ମାସରେ ପୁରୀ ନେଇ ଯାଇଥିଲେ । ସାଂଗରେ ଯୁବକଙ୍କ ୩ ଜଣ ସାଂଗ ମଧ୍ୟ ପୁରୀ ଯାଇଥିଲେ। ସେଠାରେ ଏକ ହୋଟେଲରେ ପୁରୁଷ ବନ୍ଧୁ ଜଣକ ତାଙ୍କ ସହ ଅସଦାଚରଣ କରିଥିଲେ ବୋଲି ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ସେବେଠାରୁ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲେ । ପୋଲିସ ବୁଧବାର ଯାଜପୁରରୁ ମୁଖ୍ୟ ଅଭିଯୁକ୍ତ ଯାଜପୁର ଜିଲ୍ଲା ବିଞ୍ଝାରପୁର ସ୍ଥିତ କଲ୍ୟାଣପୁରର ସତ୍ୟବ୍ରତ ପରିଡ଼ାଙ୍କ ସହ ୩ ଜଣକୁ ଗିରଫ କରିଥିଲା । ମେଡ଼ିକାଲ ପରୀକ୍ଷା ସରିବା ପରେ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି । ଛାତ୍ରୀଜଣକ ଘର ମଧ୍ୟ ଯାଜପୁର ଅଂଚଳରେ ସେ ଏକ ସରକାରୀ ବହାବିଦ୍ୟାଳୟରେ ହଷ୍ଟେଲରେ ରହି ପାଠ ପଢୁଥିଲେ ।

# ଫତେଗଡ଼ ଥାନା ଅଞ୍ଚଳରେ ଦୁଇ ଅପମୃତ୍ୟୁ

ଭାପୁର(ନିପ୍ର): ଫତେଗଡ଼ ଥାନା ଅଞ୍ଚଳରେ ଦୁଇ ଅପ୍ରାକୃତିକ ମୃତ୍ୟୁ ହୋଇଛି। ଖବର ହସ୍ତଗତ ଅନୁଯାୟୀ, ଫତେଗଡ଼ ପଞ୍ଚାୟତ ମଣିପୁର ଗ୍ରାମର ବୈକୁଣ୍ଠ ନାଥ ଖଟେଇଙ୍କ ବଡପୁଅ ଅମର ଖଟେଇ (୨୧)ଗତ ବୁଧବାର ସନ୍ଧ୍ୟାରେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ପାଣିରେ ବୁଡି ଆଉ ଉଠିପାରି ନ ଥିଲେ । ଫଳରେ, ସେ ମୃତ୍ୟୁବରଣ କରିଥିଲେ। ସେହିପରି, କରବର ଗ୍ରାମର ଜନୈକ ଦିବ୍ୟାଙ୍ଗ ଯୁବକ ପ୍ରେମ ବ୍ୟାପାରକୁ ନେଇ ବୁଧବାର ରାତ୍ରିରେ ଆତ୍ମହତ୍ୟା କରିଥିବା ନେଇ ଗ୍ରାମବାସୀଙ୍କ ଠାରୁ ପ୍ରକାଶ। ଏହି ଦୁଇ ଅପମୃତ୍ୟୁ ଖବର ଦୁଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା।

ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

# ଦେବେନ୍ଦ୍ରଙ୍କୁ ଖାରବେଳ, ନିରଞ୍ଜନଙ୍କୁ ବାରଙ୍ଗ ଥାନା

ଭୁବନେଶ୍ୱର(ନିପ୍ର): କମିସନରେଟ୍ ପୋଲିସର ଏସିପି ଓ ଇନ୍ସପେକ୍ଟରସ୍ତରରେ ଅଦଳବଦଳ ହୋଇଛି। ଭୁବନେଶ୍ୱର ଡିସିପି ଅଫିସର ଏସିପି ମାନସ ରଞ୍ଜନ ପ୍ରଧାନଙ୍କୁ ଜୋନ୍ ୬ ଏସିପି ଭାବରେ ଅବସ୍ଥାପିତ କରାଯାଇଛି। ସେହିପରି କ୍ୟାପିଟାଲ ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ନିରଞ୍ଜନ ବେହେରାଙ୍କୁ ବାରଙ୍ଗ ଥାନା ଅଧିକାରୀ ଭାବେ ଦାୟିତ୍ୱ ମିଳିଛି। ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳଙ୍କୁ ଖାରବେଳନଗର ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ଖାରବେଳନଗର ଥାନା ଅଧିକାରୀ ରଜନୀକାନ୍ତ ମିଶ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ କୁହାଯାଇଛି। ସିପି ଅଫିସରେ କାର୍ଯ୍ୟରତ ଇନ୍ସପେକ୍ଟର ତପନ କୁମାର ନାୟକଙ୍କୁ କ୍ୟାପିଟାଲ ଥାନାକୁ ବଦଳି କରାଯାଇଛି। ପୋଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂହଙ୍କ ଦସ୍ତଖତ ସମ୍ବଳିତ ନିର୍ଦ୍ଦେଶନାମା ଜାରି କରାଯାଇଛି।

# କେନାଲ ଭିତରୁ ଯୁବକର ମୃତ ଦେହ ଉଦ୍ଧାର

## ପରିବାର ଆଣିଲେ ହତ୍ୟା ଅଭିଯୋଗ

ପିପିଲି(ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ହରିପୁର ବଜାରଠାରେ ଚନ୍ଦନପୁର ବ୍ରାଞ୍ଚ କେନାଲ ଭିତରୁ ଜଣେ ଯୁବକର ମୃତଦେହକୁ ବଳଙ୍ଗା ପୋଲିସ ଜବତକରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ସୂଚନା ମୁତାବକ ବିଜୁନା ଗତକାଲି ରାତିରେ ଘରୁ ଆସିଥିଲା ବେଳେ ଆଜି ଭୋର ସମୟରେ ବଜାରର କେନାଲ ଭିତରେ ଥିବା ଦୋକାନ ତଳେ ବିଜୁନାର ମୃତ ଦେହ ପଡ଼ିଥିବା ନେଇ କେତେକ ଲୋକ ଦେଖିଥିଲେ। କିଛି ସମୟ ମଧ୍ୟରେ ଖବର ପ୍ରଚାରିତ ହେବା ପରେ ପରିବାର ଲୋକେ ଘଟଣା ସ୍ଥଳରେ ପହଁଚି ଥିଲେ। ଅନ୍ୟପଟେ ଖବର ପାଇ ବଳଙ୍ଗା ଥାନା ଆଇଆଇସି ସସ୍ମିତା ସାହୁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶବକୁ ଜବତ କରିବାକୁ ପ୍ରୟାସ କରୁଛି । ପରିବାର ଲୋକେ ବିଜୁନାକୁ ସେହି ଗ୍ରାମର ଜନୈକ ବ୍ୟକ୍ତି ଓ ତାଙ୍କର ଜଣେ ସମ୍ପର୍କୀୟ ହତ୍ୟା କରିଥିବା ନେଇ ଅଭିଯୋଗ ଆଣି ଶବକୁ ଛାଡିନଥିଲେ । ଫଳରେ ପୋଲିସ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଥାନାକୁ ଉଠାଇ ଆଣିଥିଲା। ତେବେ ଅନ୍ୟ ଅଭିଯୁକ୍ତ ଗିରଫ ନ ହେବା ପର୍ଯ୍ୟନ୍ତ ଶବ ଛାଡ଼ିବେନି ବୋଲି ପରିବାର ଲୋକେ ଜିଦ୍‌କରି ଶବକୁ ଛାଡ଼ିନଥିଲେ। ଯାହାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ପିପିଲି ଡିଏସପି ଦେବାଶିଷ ମିଶ୍ର, ନିମାପଡା ତହସିଲଦାର ମନୋଜ ପ୍ରଧାନ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଦୀର୍ଘ ୬ଘଣ୍ଟା ପରେ ଶବ ଉଠିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଆଇଆଇସି ଶ୍ରୀମତୀ ସାହୁ କହିଛନ୍ତି। ଅନ୍ୟପଟେ ବିଜୁନା ନାମରେ ଥାନାରେ କେତେକ ମାମଲା ଥିବା ନେଇ ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ବିଜୁନା ଅଧିକାଂଶ ସମୟ ନିଶାଗ୍ରସ୍ତ ରହୁଥିଲା ବେଳେ ଘଟଣା ସ୍ଥଳରେ କୌଣସି କାରଣରୁ କେନାଲ ଭିତରକୁ ଖସି ତାର ମୃତ୍ୟୁ ହୋଇଥାଇପାରେ ବୋଲି ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

# ଷଣ୍ଢ ଆକ୍ରମଣରେ ବୃଦ୍ଧ ଆହତ



ବୁଗୁଡା(ନିପ୍ର): ବୁଗୁଡ଼ା ବ୍ଲକ ବାଲିପଦର ଗ୍ରାମସ୍ଥ ନୀଳକଣ୍ଠ ମନ୍ଦିର ନିକଟରେ ଜନୈକ ବୃଦ୍ଧ ଷଣ୍ଢ ଆକ୍ରମଣରେ ଆହତ ହୋଇ ବୁଗୁଡା ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ଆହତ ବୃଦ୍ଧ ଜଣକ ହେଲେ ଜଗନ୍ନାଥପ୍ରସାଦ ବ୍ଲକ ଭୂଷଣ୍ଡପାଳ ଗ୍ରାମର ମଦନ ନାୟକ(୭୦) । ପ୍ରକାଶ ଯେ, ଗୁରୁବାର ଅପରାହ୍ନରେ ମଦନ ବାଲିପଦର ଗାଁର ନୀଳକଣ୍ଠ ମନ୍ଦିର ନିକଟରେ ଛିଡାହୋଇଥିବା ବେଳେ ଏକ ଷଣ୍ଢ ତାଙ୍କୁ ହଠାତ୍ ଆକ୍ରମଣ କରିଥିଲା। ଆକ୍ରମଣରେ ଷଣ୍ଢର ଶିଙ୍ଗ ପଶି ମଦନଙ୍କ ଡାହାଣ ପଟ ଜଙ୍ଘରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୁଗୁଡା ମେଡିକାଲକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କର ଅବସ୍ଥା ସ୍ଥିର ରହିଥିବା ଜଣାଯାଇଛି।

# ଲୋକସେବା ଭବନରୁ ଚୋରି

ଭୁବନେଶ୍ୱର(ନିପ୍ର): ଲୋକସେବା ଭବନର ଅର୍ଥ ବିଭାଗର ଛାତ, ତଳ ମହଲା, ଉପସଚିବଙ୍କ ଚାମ୍ବର ଓ ଲାଇବ୍ରେରୀ କକ୍ଷରେ ସ୍ଥାପିତ ସାତଟି ଏସି ୟୁନିଟର କମ୍ପ୍ରେସର ଏବଂ ତମ୍ବା ପାଇପର କିଛି ଅଂଶ ଚୋରି କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ଗୁରୁବାର ଦୁଇ ଜଣ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି, କଳିଙ୍ଗବିହାର ସିଜୁପୁରର ମନୋଜ କୁମାର ଦାସ (୨୫) ଓ ସାଲିଆସାହି ମଇଳା ଟାଙ୍କି ଅଞ୍ଚଳର ଚନ୍ଦନ ପଲେଇ (୨୭)। ଗିରଫ ଦୁଇ ଅଭିଯୁକ୍ତଙ୍କ ଠାରୁ ପୋଲିସ କପର ପାଇପ ସହ ଅନ୍ୟାନ୍ୟ ଇଲେକ୍ଟ୍ରିକ୍ ସାମଗ୍ରୀକୁ ପୋଲିସ ଜବତ କରିଛି। ଏନେଇ ଅର୍ଥ ବିଭାଗର ଉପସଚିବ ଚକ୍ରଧର ବିଶ୍ୱାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଓଟିପି ସେୟାରିଂ ମାମଲା; ୭ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର(ନିପ୍ର): ସ୍ପେଶାଲ ଟାସ୍କ ଫୋର୍ସ (ଏସଟିଏଫ୍)ର ଓଟିପି ସେୟାରିଂ ମାମଲାରେ ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଏସଡ଼ିଜେଏମ୍ କୋର୍ଟର ବିଚାରପତି ଅମିତ କୁମାର ଏହି ମାମଲାର ବିଚାରକରି ୭ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଅଭିଜିତ ସଞ୍ଜୟ ଜାମ୍ଭୁରେ, ଇକବାଲ ହୁସେନ, ପଠାଣିସାମନ୍ତ ଲେଙ୍କା, ସରୋଜ କୁମାର ନାୟକ, ପ୍ରୀତମ କର, ପ୍ରଦ୍ୟୁମ୍ନ କୁମାର ସାହୁ ଓ ସୌମ୍ୟ ପଟ୍ଟନାୟକ। ସୂଚନା ଅନୁସାରେ, ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ପଠାଣି ସାମନ୍ତ ଏକ ଫେସବୁକ୍ ଗ୍ରୁପ୍‌ରେ ଯୋଡ଼ି ହୋଇଥିଲା। ସେହି ଗ୍ରୁପ୍‌ରେ ଭାରତୀୟ ଓ ବିଦେଶୀ ନାଗରିକଙ୍କୁ ମିଶାଇ ମୋଟ ୧ ଲକ୍ଷ ୪୭ ହଜାରରୁ ଅଧିକ ସଦସ୍ୟ ଥିଲେ। ଗ୍ରୁପର ସଦସ୍ୟମାନେ ଟଙ୍କା ନେଇ ଓଟିପି ଓ ମୋବାଇଲ ନମ୍ବର ସେୟାର କରୁଥିଲେ। ଓଟିପି ସେୟାରିଂ ମାମଲାରେ ଏସଟିଏଫ୍ ୨୦୨୩ ମସିହାରେ ପ୍ରଦ୍ୟୁମ୍ନ, ପଠାଣି ସାମନ୍ତ, ସରୋଜ, ସୌମ୍ୟ ଓ ପ୍ରିତମକୁ ଗିରଫ କରିଥିଲା। ସେମାନଙ୍କ ଠାରୁ ମିଳିଥିବା ତଥ୍ୟ ଆଧାରରେ ମହାରାଷ୍ଟ୍ରର ଅଭିଜିତ ଓ ଆସାମର ଇକବାଲକୁ ମଧ୍ୟ ଗିରଫ କରିଥିଲା। ସେମାନଙ୍କ ଠାରୁ ୧୯ଟି ମୋବାଇଲ୍ ଫୋନ୍, ୪୭ ସିମକାର୍ଡ, ୬୧ ଏଟିଏମ୍ ଜବତ କରାଯାଇଥିଲା। ଇକବାଲ ଓ ଅଭିଜିତ ପାକିସ୍ତାନ ଆଇଏସ୍ଆଇ ଏଜେଣ୍ଟଙ୍କ ସହ ସିଧାସଳଖ ସମ୍ପର୍କରେ ରହୁଥିଲେ। ପାକିସ୍ତାନୀ ଏଜେଣ୍ଟ ଦାନିଶ ଅଲ୍ଲୀ ଓ ପାକିସ୍ତାନୀ ଗୁଇନ୍ଦାର ଅଧିକାରୀ ଅବଦୁଲ ହମିଦ୍ ସହ ଇକବାଲ ଓ ଅଭିଜିତର ସମ୍ପର୍କ ରହିଥିଲା। ଏନେଇ ଏସଟିଏଫ୍ ଏକ ମାମଲା ରୁଜୁ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ୨୦୨୪ ଜାନୁଆରୀ ମାସରେ ତଦନ୍ତକାରୀ ଅଧିକାରିଣୀ ସରିତା ବେଉରିଆ ତଦନ୍ତ ସାରି ଅଭିଯୁକ୍ତଙ୍କ ବିରୋଧରେ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସଂପୃକ୍ତ ୧୧ଜଣ ସାକ୍ଷୀ ଓ ୫୬ ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ୭ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ଦୁର୍ଦ୍ଦାନ୍ତ ଅପରାଧି ରାଜା ସାହାଣୀର ରିମାଣ୍ଡ ଶେଷ

# ପୁଣି ଜେଲକୁ ଗଲା ରାଜା

କଟକ(ନିପ୍ର): ଦୁର୍ଦ୍ଦାନ୍ତ ଅପରାଧି ରାଜା ସାହାଣୀର ଗୁରୁବାର ଦିନ ରିମାଣ୍ଡ ଅବଧି ଶେଷ ହୋଇଛି । ଏହାପରେ ପୋଲିସ ତାକୁ ନ୍ୟାୟିକ ହାଜତକୁ ପଠାଇ ଦେଇଛି । ରାଜା ସାହାଣୀ, ଯିଏ ପୂର୍ବରୁ ଚୌଦ୍ୱାର ସର୍କଲ ଜେଲରୁ ଖସି ପଳାଇଥିଲେ ଏବଂ ପରେ ଗିରଫ ହୋଇଥିଲେ, ତାଙ୍କୁ ତଦନ୍ତ ପାଇଁ କର୍ଣ୍ଣାଟକ ପୋଲିସ ୭ ଦିନିଆ ରିମାଣ୍ଡରେ ନେଇଥିଲା । ରିମାଣ୍ଡ ଶେଷ ହେବା ପରେ କର୍ଣ୍ଣାଟକ ପୋଲିସ ରାଜାକୁ ନ୍ୟାୟିକ ହେପାଜତକୁ ଫେରାଇ ଦେଇଛି । ପୋଲିସ ଅଧିକାରୀମାନେ କହିଛନ୍ତି ଯେ, ବିଭିନ୍ନ ରାଜ୍ୟରେ ରାଜା ବିରୁଦ୍ଧରେ ବହୁ ମାମଲା ରୁଜୁ ହୋଇଥିବାରୁ, ଆଗକୁ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବାର ସମ୍ଭାବନା ରହିଛି । ରାଜା ଅନ୍ୟୁନ ୬ଟି ରାଜ୍ୟରେ ଚୋରି ଏବଂ ଡକାୟତି ମାମଲାରେ ଜଡ଼ିତ ଥିବା ଅଭିଯୋଗରେ ଅଭିଯୁକ୍ତ ରହିଛି । ରାଜା ଅନେକ ରାଜ୍ୟ ପୋଲିସ ୟୁନିଟ ପାଇଁ ଜଣେ ମୋଷ୍ଟ ୱାଣ୍ଟେଡ୍ ଅପରାଧି ରହିଛି । ରାଜାର ଗତିବିଧି ଉପରେ ନଜର ରଖିବା ପାଇଁ ପୋଲିସ କର୍ତ୍ତୃପକ୍ଷମାନେ ରାଜ୍ୟସାରା ପ୍ରୟାସ ଯୋରଦାର କରିଥିଲେ । ଚୌଦ୍ୱାର ଜେଲରୁ ଖସିଯିବା ପରେ କୁଖ୍ୟାତ ଅପରାଧି ରାଜା କର୍ଣ୍ଣାଟକର ଏକ ଅଳଙ୍କାର ଦୋକାନରୁ ଡକାୟତି କରିଥିବା ଅଭିଯୋଗ ହୋଇଥିଲା। ଯେଉଁଥିରେ ସେ ହୀରା ଓ ସୁନା ଅଳଂକାର ଲୁଟି ନେଇଥିଲା । ଯାହା ଦୁର୍ଦ୍ଦାନ୍ତ ଅପରାଧି ରାଜା ସାହାଣୀ ବିରୁଦ୍ଧରେ ଅଭିଯୋଗ ଆହୁରି ବୃଦ୍ଧି କରିଛି ।

ସତ୍ୟବାଦୀରେ ହୋଟେଲ ଉପରେ ବୋମାମାଡ଼ ଘଟଣା

# ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ

ପିପିଲି(ନିପ୍ର): ପିପିଲି ଏସଡିପିଓଙ୍କ କାର୍ଯ୍ୟାଳୟ ଅଧୀନ ସତ୍ୟବାଦୀର କଲେଜ ଛକ ନିକଟ ୩୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଜୟା ହୋଟେଲ ଉପରେ ବୁଧବାର ଦ୍ୱିପହରେ ହୋଇଥିବା ବୋମାମାଡ଼ ଘଟଣାରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବୈଦ୍ୟନାଥ ଦାସ ଓରଫ ବାଦଲ (୨୫), ପ୍ରଭାକର ପ୍ରଧାନ ଓରଫ ବୁଲୁ (୨୭) ଓ ବିରେନ୍ଦ୍ର କୁମାର ସାହୁ ଓରଫ ବାବୁ (୨୦)। ସମସ୍ତ ଅଭିଯୁକ୍ତ ପିପିଲି ଥାନା ଅଧୀନ ସିରିଆପୁରୁ ଗ୍ରାମର ବୋଲି ଜଣାପଡିଛି। ସତ୍ୟବାଦୀ ପୋଲିସ କେସ ନଂ. ୧୬୮/୨୬, ଧାରା-୨୯୬/୧୦୯(୧)/୩୨୪(୫)/୩୨୪(୬)/୩୨୬(ଶ)/୩୨୬(ଲ)/୩୫୧(୨)/୩୫୧(୩)/୩(୫) ୪ ବିସ୍ଫୋରକ ପଦାର୍ଥ ଆଇନ ୧୯୦୮ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ,




ସ୍ଥାନୀୟ ତଳପାଟଣା ଗ୍ରାମର ପ୍ରଦୀପ କୁମାର ବାରିକଙ୍କ ହୋଟେଲକୁ ସିରିଆପୁର ଗ୍ରାମର କିଛି ଯୁବକ ଖାଇବା ପାଇଁ ଆସିଥିଲେ। କିନ୍ତୁ ସେମାନେ ହୋଟେଲ ଭିତରେ ଅଶାନ୍ତି ପରିସ୍ଥିତି ସୃଷ୍ଟି କରି ଅସଭ୍ୟ ଭାଷା ବ୍ୟବହାର କରିଥିଲେ। ଅନ୍ୟ ଗ୍ରାହକମାନେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିବାରୁ ହୋଟେଲ ମାଲିକ ସେମାନଙ୍କୁ ସଚେତନ କରିଥିଲେ। କିନ୍ତୁ ସେମାନେ ଖାଇସାରି ବିଲ ନଦେଇ ପଳାଇବାକୁ ଚେଷ୍ଟା କରିଥିଲେ। ବିଲ ଦେବାକୁ କହିବାରେ ସେମାନେ ମାଲିକଙ୍କୁ ଧମକ ଦେଇ ଚାଲିଯାଇଥିଲେ। ଏହାପରେ ପ୍ରାୟ ୧୫ମିନିଟ ପରେ ସେମାନେ ଗୋଟିଏ ନୀଳବର୍ଣ୍ଣର ଅଶୋକ ଲେଲାଣ୍ଡ ଗାଡ଼ି ନଂ ଓଡ଼ି ୦୨ ସିକ୍ୟୁ ୨୯୨୩ରେ ଫେରି ଆସି ହୋଟେଲ ଉପରେ ତିନୋଟି ବୋମା ନିକ୍ଷେପ କରିଥିଲେ। ଏହି ଘଟଣାରେ କୌଣସି ଲୋକ ଆହତ ହୋଇନଥିଲେ, କିନ୍ତୁ ଗୋଟିଏ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଘଟଣା ପରେ ଅଭିଯୁକ୍ତମାନେ ସେହି ସ୍ଥାନ ଛାଡ଼ି ପଳାଇ ଯାଇଥିଲେ। ପରେ ପୋଲିସ ଅନୁସନ୍ଧାନ କରି ୩ ଜଣଙ୍କୁ ଗିରଫ କରି ଆଦାଲତକୁ ପ୍ରେରଣ କରିଛି। ପୋଲିସ ଘଟଣାସ୍ଥଳରୁ ଗୋଟିଏ ଗାଡ଼ି, ହାଁସୁଆ କଟୁରୀ, ଝୋଟ ସୁତୁଳି ଓ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଘଟଣାକୁ ନେଇ ଅଞ୍ଚଳରେ ଭୟର ପରିସ୍ଥିତି ସୃଷ୍ଟି ହୋଇଛି। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ବୋଲି ସତ୍ୟବାଦୀ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିପିଲି ଏସଡ଼ିପିଓ ଦେବାଶିଷ ମିଶ୍ର ଏବଂ ଥାନା ଅଧିକାରୀ ସୌମ୍ୟରଂଜନ ମହାଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଅଭାବୀ ସମ୍ବଳରେ ଧାମନଗର ପୋଲିସ

■ ନିଜେ ଅଭିଯୋଗକାରୀ, ନିଜେ ତଦନ୍ତକାରୀ ■ ସାମ୍ବାଦିକଙ୍କ ସହ ସ୍ୱତନ୍ତ୍ର ଆଲୋଚନା



ଧାମନଗର(ନିପ୍ର): ଭଦ୍ରକ ଜିଲ୍ଲାର ଧାମନଗର ଥାନା ଏବେ ଅପରାଧ ନିୟନ୍ତ୍ରଣ ଓ ତଦନ୍ତ ପ୍ରକ୍ରିୟା ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ସଂଘର୍ଷ କରୁଛି। ଧାମନଗର ବ୍ଲକର ଆନନ୍ଦପୁରଠାରୁ ଗୋବିନ୍ଦପୁର ଏବଂ ଭଣ୍ଡାରିପୋଖରୀର କିଛି ଅଂଶ ସମେତ ବିସ୍ତୃତ ଅଞ୍ଚଳର ସୁରକ୍ଷା ଦାୟିତ୍ୱ ଏହି ଥାନା ଉପରେ ରହିଛି। ମାତ୍ର ଆବଶ୍ୟକତା ତୁଳନାରେ କର୍ମଚାରୀ ସଂଖ୍ୟା କମ ଥିବାରୁ ଜଣେ ଜଣେ ଅଧିକାରୀ ଏକାଧିକ ମାମଲାର ତଦନ୍ତ ବୋଝରେ ଚାପିହୋଇ ରହୁଛନ୍ତି। ୧୨ କିଲୋମିଟର ଲମ୍ବ ଜାତୀୟ ରାଜପଥରେ ଦୈନିକ ଦୁର୍ଘଟଣା, ରାହାଜାନି ଏବଂ ଅନ୍ତରାଜ୍ୟ ଡକାୟତି ପୋଲିସ ପାଇଁ ଏକ ବଡ଼ ମୁଣ୍ଡବିନ୍ଧାର କାରଣ ସାଜିଛି। ଥାନାରେ କାର୍ଯ୍ୟରତ ଅଧିକାରୀମାନେ ଅପରାଧ ନିୟନ୍ତ୍ରଣ କରିବାରେ କଷ୍ଟକର ହେଉଛି। ସାଧାରଣ ମାମଲା ପାଇଁ ୬୦ ଦିନ ଓ ସଂଗୀନ ମାମଲା ପାଇଁ ୯୦ ଦିନର ସମୟସୀମା ମଧ୍ୟରେ ଚାର୍ଜସିଟ ଦେବା ନିୟମ ଥିବାରୁ, କର୍ମଚାରୀ ଅଭାବରୁ ସେମାନେ ଅତ୍ୟଧିକ ଚାପରେ ରହୁଛନ୍ତି। ଫରେନ୍ସିକ ରିପୋର୍ଟ ଓ ସାଇବର ପ୍ରମାଣ ସଂଗ୍ରହରେ ବିଳମ୍ବ ହେଲେ ଏହି ଚାପ ଦ୍ୱିଗୁଣିତ ହୋଇଯାଉଛି। ଥାନାରେ ଜଣେ ଆଇଆଇସିଙ୍କ ସମେତ ୪ ଜଣ ସବ୍-ଇନସପେକ୍ଟର ପଦବୀ ମଞ୍ଜୁର ହୋଇଥିବା ବେଳେ ମାତ୍ର ୦୩ ଜଣ (୦୨ ପୁରୁଷ ଓ ୦୧ ମହିଳା) ଅଛନ୍ତି। ସେହିପରି ୦୫ ଜଣ ଏଏସ୍ଆଇ ପଦବୀରୁ ମାତ୍ର ୦୪ ଜଣ ଅଛନ୍ତି, ଯେଉଁଥିରୁ ଜଣେ ବଦଳି ହୋଇ ଚାଲିଯିବେ। ମଞ୍ଜୁର ଥିବା ୧ ହାବିଲଦାର ପଦବୀ ଖାଲି ପଡ଼ିଛି। ୧୦ ଜଣ କନେଷ୍ଟବଳ ଓ ମାତ୍ର ୦୫ ଜଣ ଗୃହରକ୍ଷୀଙ୍କୁ ନେଇ ୧୨ ହଜାରରୁ ଅଧିକ ସଂଖ୍ୟାଲଘୁ ବସବାସ କରୁଥିବା ଏବଂ 'ଉର୍ସ' ଭଳି ଆନ୍ତର୍ଜାତୀୟ ଉତ୍ସବ ପାଳନ ହେଉଥିବା ଅଞ୍ଚଳରେ ଶାନ୍ତି ରକ୍ଷା କରିବା ଏକ ଆହ୍ୱାନ। ଥାନାର ଭିତ୍ତିଭୂମି ଅବସ୍ଥା ଅତି ଦୟନୀୟ। ଆଇଆଇସି ଓ ଏସଡିପିଓଙ୍କ ବ୍ୟତୀତ ଅନ୍ୟ ଅଧିକାରୀଙ୍କ ପାଇଁ କ୍ୱାର୍ଟର ନାହିଁ। ବାରାକ ଅଭାବରୁ ଏପିଆର କର୍ମଚାରୀମାନେ ମହିଳା ଓ ଶିଶୁ ଡେସ୍କ ଗୃହରେ ଅତ୍ୟନ୍ତ କଷ୍ଟରେ ରହୁଛନ୍ତି। ଧାମନଗର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଥାନାରେ ପଦବୀ ପୂରଣ ସହ ଭିତ୍ତିଭୂମିର ଉନ୍ନତି କରାଗଲେ ପୋଲିସ ସେବା ଆହୁରି ସୁଦୃଢ଼ ହୋଇପାରନ୍ତା। ଏହି ଅବସରରେ ଧାମନଗର ଅଞ୍ଚଳର ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, ମନୋଜ କୁମାର ଦାଶ, ସଂଜିବ ମହାନ୍ତି,ସରୋଜ ଖୁଣ୍ଟିଆ ପ୍ରମୁଖ ଥାନା ଅଧିକାରୀ ଶୁଭ୍ରଜିତ ଦାସ ଙ୍କ ସହ ଆଲୋଚନା କରିଥିଲେ , ସଂଧ୍ୟା ଓ ବିଳମ୍ବିତ ରାତ୍ରୀ ରେ ରାତ୍ରି କାଳୀନ ପାଟ୍ରୋଲିଙ୍ଗ କରିବାକୁ ଅନୁରୋଧ କରିଥିଲେ। ଖୁବ ଶୀଘ୍ର ସେ ଦିଗରେ ସଚେତନ ହେବେ ବୋଲି ଥାନା ଅଧିକାରୀ ଶ୍ରୀ ଦାଶ କହିଥିଲେ।

# ଟାଙ୍ଗିଆ ଚୋଟରେ ଜଣେ ଗୁରୁତର




ନବରଙ୍ଗପୁର(ନିପ୍ର): ଡାବୁଗାଁ ବ୍ଲକ ଅଧୀନ ଚଚରଗୁଡା ପଂଚାୟତ ଅଧିନ କକଡାଗୁଡା ଗ୍ରାମରେ ଦୁଇ ଦିନ ହେବ ଠାକୁରାଣୀ ଯାତ୍ରା ଚାଲିଛି । ଏହି ଅବସରରେ ଚିଚିବାଇ ଗ୍ରାମର ଡମ୍ବୁ ଜାନି ତାର ସାଙ୍ଗମାନଙ୍କ ସହ ରାତିରେ ଯାତ୍ରା ଦେଖିବାକୁ ଆସିଥିଲେ ଏବଂ ସେହି ଗ୍ରାମରେ ରାତ୍ରିରେ ରହିଲେ । ଗୁରୁବାର କୌଣସି କାରଣରୁ କକଡାଗୁଡା ଗ୍ରାମର ପ୍ରଫୁଲ୍ଲ ଗୌଡ଼ ସହ ପାଟିତୁଣ୍ଡ ହୋଇଥିଲା । ଏହି ସମୟରେ ପ୍ରଫୁଲ୍ଲ ଗୌଡ଼ ଏକ ଟାଙ୍ଗିଆରେ ଡମ୍ବୁ ଜାନିକୁ ଆକ୍ରମଣ କରି ରକ୍ତାକ୍ତ କରିଥିଲା। ସେହି ସ୍ଥାନରେ ଥିବା ଡମ୍ବୁର ସାଙ୍ଗମାନେ ଏବଂ ଚଚରାଗୁଡା ଗ୍ରାମର କିଛି ଯୁବକ ତାଙ୍କୁ ଡାବୁଗାଁ ମେଡିକାଲକୁ ଆଣିଥିଲେ। ଡମ୍ବୁ ଜାନିର ଅବସ୍ଥା ବହୁତ ଗୁରୁତ୍ୱର ଥିବାରୁ ତାଙ୍କୁ ଡାବୁଗାଁ ଡାକ୍ତର ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରିଛନ୍ତି। ଏହି ଘଟଣା ବିଷୟରେ ପରିବାର ଲୋକେ ଡାବୁଗାଁ ଥାନାରେ ଯାଇ ଅଭିଯୋଗ ପାତ୍ର ଦାଖଲ କରିଛନ୍ତି। ପୋଲିସର ତଦନ୍ତ ପରେ ପ୍ରକୃତ ଘଟଣାଟି ଜଣାପଡିବ।

# ଜାଲ୍ ନମ୍ବର ପ୍ଲେଟ ଲଗାଇ ବନ୍ଧାହେଲେ

ଭୁବନେଶ୍ୱର, ୧୬/୪(ନିପ୍ର): ଟ୍ରାଫିକ ଜରିମାନାରୁ ବର୍ତ୍ତିବା ଲାଗି ଅନ୍ୟ ଜଣଙ୍କ ନମ୍ବର ପ୍ଲେଟକୁ ନିଜ ବାଇକରେ ଲଗାଇ ରାଜଧାନୀରେ ଖୁଲମଖୁଲା ଟ୍ରାଫିକ ନିୟମ ଉଲଂଘନ କରୁଥିବା ଜଣେ ଯୁବକଙ୍କୁ କ୍ୟାପିଟାଲ ଥାନା ପାଲିସ ଗୁରୁବାର ଗିରଫ କରିଛି। ଗିରଫ ଯୁବକଙ୍କ ନାମ ମଳୟ ରଞ୍ଜନ ଜେନା (୩୦) ଓ ତାଙ୍କ ଘର ପୁରୀ ସତ୍ୟବାଦୀରେ ବୋଲି ଜଣାପଡିଛି। ଏନେଇ ଦଣ୍ଡଧାରୀ ଦାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଦଣ୍ଡଧରଙ୍କ ନାମରେ ପଞ୍ଜିକୃତ ହୋଇଥିବା ଗାଡିର ନମ୍ବର ପ୍ଲେଟକୁ ନିଜ ଗାଡିରେ ବେଆଇନ ଭାବେ ବ୍ୟବହାର କରୁଥିବା ଜଣାପଡିଥିଲା। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀଙ୍କ ବାଇକ ବିରୋଧରେ ଟ୍ରାଫିକ ଉଲ୍ଲଂଘନ ସମ୍ପର୍କିତ ଅନେକ ଇ-ଚ୍ଲାଲାଣ ମେସେଜ ସେ ପାଇଥିଲେ, ଯାହା ସେ କେବେ କରିନଥିବା କଥା ଜଣାଇଥିଲେ। ଚ୍ଲାଲାଣର ଫଟୋଗ୍ରାଫ ଯାଞ୍ଚ କରିବା ପରେ ଜଣାପଡିଥିଲା ଯେ, ଅନ୍ୟ ଗୋଟିଏ ଯାନ ତାଙ୍କ ପଞ୍ଜିକରଣ ନମ୍ବର ବ୍ୟବହାର କରୁଥିଲା, ଯାହା ନମ୍ବର ପ୍ଲେଟର ଅପବ୍ୟବହାର ସୂଚିତ କରୁଛି। ତଦନ୍ତ ସମୟରେ, ଏଏନପିଆର ଆଲର୍ଟ ଆଧାରରେ ସୁର କମ୍ପାନୀ ଛକ ନିକଟରେ ସନ୍ଦିଗ୍ଧ ଯାନଟିକୁ ଚିହ୍ନଟ କରାଯାଇ ପୋଲିସ ଦ୍ୱାରା ଅଟକାଯାଇଥିଲା। ଯାଞ୍ଚ ପରେ ପ୍ରମାଣିତ ହୋଇଥିଲା ଯେ ଅଭିଯୁକ୍ତ ଅଭିଯୋଗକାରୀଙ୍କ ଗାଡ଼ି ସହିତ ସମାନ ଏକ ଡୁପ୍ଲିକେଟ ନମ୍ବର ପ୍ଲେଟ୍ ଲଗାଇ ଜାଣିଶୁଣି ବେଆଇନ କାର୍ଯ୍ୟରେ ବ୍ୟବହାର କରୁଥିଲେ। ଇଞ୍ଜିନ ଏବଂ ଚେସିସ୍ ନମ୍ବର ଯାଞ୍ଚ କରିବା ପରେ ଗାଡିଟିର ପ୍ରକୃତ ପଞ୍ଜିକରଣ ଭିନ୍ନ ଥିବା ଏବଂ ଏହା ଅନ୍ୟ ଜଣେ ବ୍ୟକ୍ତିଙ୍କ ନାମରେ ଥିବା ଜଣାପଡିଥିଲା। ଅଭିଯୁକ୍ତ ବୈଧ କାଗଜପତ୍ର ଦେଖାଇବାରେ ବିଫଳ ହୋଇଥିଲେ ଏବଂ ଠକେଇ ପାଇଁ ନକଲି ନମ୍ବର ପ୍ଲେଟ୍ ବ୍ୟବହାର କରିଥିବା କଥା ସ୍ୱୀକାର କରିଥିଲେ। ତାଙ୍କୁ ଗିରଫ କରାଯାଇଥିଲା ଏବଂ ଗାଡ଼ିଟିକୁ ଆଇନଅନୁଯାୟୀ ଜବତ କରାଯାଇଥିଲା।

## ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗ: ସବୁ ସାଂସଦଙ୍କୁ ନବୀନଙ୍କ ଚିଠି

# ବିଲ୍ ପାରିତ ହେଲେ ଓଡ଼ିଶା କ୍ଷତି ସହିବା ଆଶଙ୍କା

**ଭୁବନେଶ୍ୱର, ୧୬/୪(ନିପ୍ର):** ଚାରିଆଡ଼େ ଗୋଟିଏ ଚର୍ଚ୍ଚା, କେତେ ଆସନ ବଢ଼ିବ, କେଉଁ ଆସନ ଭାଂଗି ନୂଆ ଆସନ ଜନ୍ମ ନେବ। ସୀମା ପୁନଃନିର୍ଦ୍ଧାରଣ ହେଲେ କିଏ ଲାଭ ପାଇବ, କିଏ କ୍ଷତି ସହିବ । ତାହାର ହିସାବ କିତାବ ଆରମ୍ଭ କରିଦେଲେଣି ରାଜନୈତିକ ଦଳ। ଓଡ଼ିଶାର ସିଟ ହ୍ରାସ ପାଇବ ନା ବଢିବ ଏହି ଅନିଶ୍ଚିତତା ଭିତରେ ନବୀନ ପୁଣି ଚିଠି ଲେଖି ଦିଲ୍ଲୀରେ, ରାଜ୍ୟ ସ୍ୱାର୍ଥ ପାଇଁ ଏକାଠି ହୋଇ ସ୍ୱର ଉଠାଇବାକୁ ସାଂସଦଙ୍କୁ ଆହ୍ୱାନ ଦେଇଛନ୍ତି । ସୀମାପୁନନିର୍ଦ୍ଧାରଣକୁ ନେଇ ରାଜ୍ୟରେ ଅଣଚାଶ ପବନ ବୋହିବା ଆରମ୍ଭ ହେଲାଣି। କାହାର କଟିବ, କେଉଁ ନୂଆ ଆସନ ଜନ୍ମ ନେବ । କେଉଁ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ ତାହାର କିଛି କୂଳ କିନାରା ପାଉନାହାନ୍ତି ନେତା । କିଛି ଜାତୀୟ ଗଣମାଧ୍ୟମର ଆକଳନ କହୁଛି ଓଡ଼ିଶାର ଏମପି ସିଟ ୩୧ ପ୍ଲସ ରହିବ, ଆଉ କିଛି କହୁଛନ୍ତି ୨୦୧୧ ଜନଗଣନା ଅନୁସାରେ ଲୋକସଭା ସିଟ ଆଶାନୁରୂପକ ନବଢି ୨୧ ଆସନରେ ସିମିତ ରହିବ । ହେଲେ ସୀମାନର୍ଦ୍ଧାରଣ ପ୍ରକ୍ରିୟାକୁ ନେଇ ପ୍ରତିକ୍ରିୟାଶୀଳ ହୋଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଓଡ଼ିଶାର ସବୁ ସାଂସଦଙ୍କୁ ଚିଠି ଲେଖିଛନ୍ତି, ସଂସଦ ଭିତରେ ଓ ବାହାରେ ଦୃଢ଼ ସ୍ୱର ଉଠାଇବାକୁ ଅପିଲ୍ କରିଛନ୍ତି। ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା ଓଡ଼ିଶାର ରାଜନୈତିକ ପ୍ରଭାବ ହ୍ରାସ ପାଇବ। ଅର୍ଥନୈତିକ ଭାବେ କ୍ଷତି ସହିବ ଓଡ଼ିଶା। ସଂସଦରେ ସ୍ୱର ଦୁର୍ବଳ ହେଲେ ବିକାଶ ପ୍ରଭାବିତ ହେବ। ଦଳଗତ ନିର୍ବିଶେଷରେ ରାଜ୍ୟ ସ୍ୱାର୍ଥ ପାଇଁ ସମସ୍ତେ ସ୍ୱର ଉଠାଅ। ସେପଟେ ଆଇନ ମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ଐତିହାସିକ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ନବୀନଙ୍କ ଚିଠି ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜୋରଦାର କାଉଣ୍ଟର କରିଛନ୍ତି । ରାହୁଲ ଗାନ୍ଧୀ ଯାହା କହିଲେ ତାକୁ ଦେଖି ନବୀନ ବିରୋଧ କରୁଛନ୍ତି। ଚୋରା ପୀରତି ବନ୍ଦ ହେଉ, ଯାହା କରିବା କଥା ଖୋଲା ଖୋଲି କରନ୍ତୁ ବୋଲି କହିଛନ୍ତି ସୁରେଶ ପୂଜାରୀ ବିଲକୁ ନେଇ ସଂସଦରେ ଜୋରଦାର ଆଲୋଚନା ଚାଲିଛି । କୌଣସି ରାଜ୍ୟର କ୍ଷତି ହେବନି ବୋଲି ପ୍ରଧାନମନ୍ତ୍ରୀ ସଂସଦରେ ପ୍ରତିଶ୍ରୁତି ଦେଉଛନ୍ତି।



# ତାଳଚେରରେ ଗର୍ତ୍ତ ସୃଷ୍ଟି: ଏମ୍‌ସିଏଲର ସ୍ପଷ୍ଟୀକରଣ




ସମ୍ବଲପୁର, ୧୬/୪(ନିପ୍ର): ଡେରା କୋଲିୟାରି ନିକଟରେ 'ଭୂସ୍ଖଳନ' ଘଟଣା ସମ୍ପର୍କରେ ସମ୍ପ୍ରତି ଗଣମାଧ୍ୟମରେ ପ୍ରକାଶିତ ଖବରକୁ ନେଇ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ସ୍ପଷ୍ଟ କରୁଛି ଯେ ପ୍ରସାରିତ ହେଉଥିବା ଖବର ସମ୍ପୂର୍ଣ୍ଣ ଭିତ୍ତିହୀନ ଅଟେ । ଗତକାଲି ସକାଳେ ହାଣ୍ଡିଧୂଆ-ଡେରା ରାସ୍ତାରେ ଏକ ଛୋଟ ଗାତ (ପ୍ରାୟ ୧ ଫୁଟ୍ ବ୍ୟାସ ଏବଂ ୧ ଫୁଟ୍ ଗଭୀର) ଦେଖିବାକୁ ମିଳିଥିଲା । ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଏମ୍.ସି.ଏଲ୍ ତୁରନ୍ତ ପଦକ୍ଷେପ ନେଇଥିଲା ଏବଂ ସ୍ଥାନୀୟ ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲା । ବିସ୍ତୃତ ପ୍ରାଥମିକ ଅନୁସନ୍ଧାନରୁ ଏହା ଜଣାପଡିଛି ଯେ ଉକ୍ତ ସ୍ଥାନ ତଳେ ଥିବା ଭୂଗର୍ଭସ୍ଥ ଖଣିର ଗଭୀରତା ୮୦ ମିଟରରୁ ଅଧିକ, ଯାହା ଭୂପୃଷ୍ଠର ସ୍ଥିରତା ଉପରେ ପ୍ରଭାବ ପକାଇବା ସ୍ତରଠାରୁ ବହୁତ ତଳେ ଅବସ୍ଥିତ ରହିଛି। ଏହି ଅଞ୍ଚଳର ମାଟି ବା ଭୂସ୍ତର ଦୃଢ଼ ଏବଂ ସ୍ଥିର ଥିବାବେଳେ, ସୃଷ୍ଟି ହୋଇଥିବା ଗାତର କୌଣସି ଭୂଗର୍ଭସ୍ଥ ଖଣି ଖନନ କାର୍ଯ୍ୟ ସହିତ ସମ୍ପର୍କ ନାହିଁ। ବୈଷୟିକ ଆକଳନରୁ ଏହା ପ୍ରମାଣିତ ହୋଇଛି ଯେ, ନିର୍ଦ୍ଦିଷ୍ଟ ସ୍ଥାନରେ ଖରାପ ଡ୍ରେନେଜ୍ ବ୍ୟବସ୍ଥା ଏବଂ ନିକଟସ୍ଥ କଲଭର୍ଟରେ ଅବରୋଧ କାରଣରୁ ପାଣି ଜମି ରହିବା ଫଳରେ ରାସ୍ତା ତଳର ମାଟି ଧୋଇ ହୋଇଯାଇଥିଲା, ଯାହା ଫଳରେ ରାସ୍ତା ଉପରେ ଏହି ଆଂଶିକ ଗାତ ସୃଷ୍ଟି ହୋଇଥିଲା । ଏହା ସମ୍ପୂର୍ଣ୍ଣ ଭାବେ ଏକ ଭୂପୃଷ୍ଠ-ସ୍ତରୀୟ ପ୍ରସଙ୍ଗ ଥିଲା, ଯାହାର ଖଣି ଖନନ କାର୍ଯ୍ୟ ସହିତ କୌଣସି ସମ୍ପର୍କ ନଥିଲା। ଜନସାଧାରଣଙ୍କ ମତାମତ ଆଧାରରେ, ରାସ୍ତାର ସମ୍ପୂର୍ଣ୍ଣ ଓସାରରେ ପ୍ରଭାବିତ ଅଂଶକୁ ଖନନ କରାଯାଇ ଏହି ଅଞ୍ଚଳକୁ ସ୍ଥିର କରାଯାଇଥିଲା ଏବଂ ଦୀର୍ଘସ୍ଥାୟୀ ସିମେଣ୍ଟ-କଂକ୍ରିଟ୍ ସାମଗ୍ରୀରେ ପୁନଃପୂରଣ କରାଯାଇଥିଲା। ରାସ୍ତାର ଉପଯୁକ୍ତ ପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ ଅସ୍ଥାୟୀ ଯାତାୟତ ମାର୍ଗ ପରିବର୍ତ୍ତନ ସମେତ ଆବଶ୍ୟକ ସତର୍କତା ଅବଲମ୍ବନ କରାଯାଇଥିଲା, ଯାହା ବର୍ତ୍ତମାନ ସମ୍ପୂର୍ଣ୍ଣ ପୁନରୁଦ୍ଧାର ହୋଇଛି ଏବଂ ସାଧାରଣ ଟ୍ରାଫିକ୍ ଚଳାଚଳ ପୁନର୍ବାର ଆରମ୍ଭ ହୋଇଛି। ଏମ୍.ସି.ଏଲ୍ ପୁନର୍ବାର ସ୍ପଷ୍ଟ କରୁଛି ଯେ, ସୁରକ୍ଷିତ ଓ ବୈଜ୍ଞାନିକ ଖଣି ଖନନ ପ୍ରକ୍ରିୟା ଉପରେ ନିରନ୍ତର ଧ୍ୟାନ ରଖିବା ପାଇଁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ। ସ୍ଥାନୀୟ ବାସିନ୍ଦାମାନଙ୍କୁ କେବଳ ସରକାରୀ ବିଶ୍ୱାସଯୋଗ୍ୟ ସୂଚନା ଉପରେ ଭରସା କରିବାକୁ ଅନୁରୋଧ କରାଯାଉଛି।

# ମେ' ପହିଲାରୁ ଭିତରକନିକା ବନ୍ଦ



ରାଜନଗର, ୧୬/୪(ନିପ୍ର): ବଉଳା କୁମ୍ଭୀରଙ୍କ ଅନ୍ତୁଡ଼ିଶାଳ ଭାବେ ପରିଚିତ ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତା ମେ' ପହିଲାରୁ ବନ୍ଦ ରହିବ । ଏବେ କୁମ୍ଭୀର ପ୍ରଜନନ ଋତୁ ଆରମ୍ଭ ହୋଇଛି । ନଦୀ ଓ ନାଳମାନଙ୍କରେ କୁମ୍ଭୀରମାନେ ବସା ବାନ୍ଧି ଅଣ୍ଡା ଦେବେ । ସେମାନଙ୍କ ମିଳନ ପର୍ବ ଓ ଅଣ୍ଡା ଦେବା ପ୍ରକ୍ରିୟାରେ ବାଧା ନଉପୁଜିବା ପାଇଁ ରାଜନଗର ବନଖଣ୍ଡ ପକ୍ଷରୁ ମେ' ପହିଲାରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଜାତୀୟ ଉଦ୍ୟାନ ବନ୍ଦ ରଖାଯିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି । ସୂଚନାଯୋଗ୍ୟ, ମା' କୁମ୍ଭୀର ଅଣ୍ଡା ଦେଇ ସାରିବା ପରେ ଅଣ୍ଡାକୁ ସୁରକ୍ଷା ଦେବା ପାଇଁ ସେଠାରେ ଜଗି ରହିଥାଏ । ଏହି ସମୟରେ ସେ ହିଂସ୍ର ହୋଇ ଉଠିଥାଏ । ତେଣୁ ଏହି ସମୟ ମଧ୍ୟରେ ପର୍ଯ୍ୟଟକମାନଙ୍କୁ ଭିତରକନିକା ଜାତୀୟ ଉଦ୍ୟାନକୁ ନଆସିବା ପାଇଁ ବାରଣ କରାଯାଇଛି ।

# ଦୋଳବେଦୀ ଡାକଘର ମିଶ୍ରଣ ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ

**ନିମାପଡ଼ା, ୧୬।୪ (ନିପ୍ର):** ନିମାପଡ଼ାରେ ଦୀର୍ଘ ୪୬ ବର୍ଷ ଧରି ଥିବା ଦୋଳବେଦୀ ଉପ-ଡ଼ାକଘରକୁ ଉଠାଇ ନେବା ପାଇଁ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ଅନେକ ସଂଗଠନ କର୍ମକର୍ତ୍ତାଗଣ ଗୁରୁବାର ଡ଼ାକଘର ସାମ୍ନାରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିବା ଲକ୍ଷ୍ୟ କରାଯାଇଥିଲା । ଅଣ୍ଡିଆସାହି ଗ୍ରାମ ମଙ୍ଗଳ କମିଟି, ବରିଷ୍ଠ ନାଗରିକ ମଂଚ, ଓଡ଼ିଶା ଦୁର୍ନୀତି ସଂଘର୍ଷ ମଂଚ, ଜାଗ୍ରତ ଯୁବଶକ୍ତି ସଂଗଠନ, ସ୍ୱାଧୀନତା ସଂଗ୍ରାମୀ ଦାୟାଦ ସଂଗଠନ ଆହ୍ୱାନ କ୍ରମେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇଥିଲା । ଡ଼ାକଘର ନ ଉଠାଇବା ପାଇଁ ମହା ଡ଼ାକପାଳ, ଉପ-ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ, ପୁରୀ ଡ଼ିଭିଜନ୍ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଗ୍ରାମ କମିଟି ସଭାପତି ବିବେକାନନ୍ଦ ପାତ୍ର, ସୂର୍ଯ୍ୟ ନାରାୟଣ ମିଶ୍ର, ପୂର୍ବତନ ବିଧାୟକ ବେଣୁଧର ସେଠୀ, ନାଗରିକ ମଂଚ ସଂପାଦକ ଦିଗମ୍ବର ନାୟକ, ଦୁର୍ନୀତି ସଂଘର୍ଷ ମଂଚ ସଂପାଦକ ପ୍ରଶାନ୍ତ କୁମାର ସାହୁ, ଦାୟଦ ସଂଗଠନ ସଭାପତି ସଭାପତି ଆର୍ତ୍ତବନ୍ଧୁ ସେନାପତି, ପ୍ରେସ୍ କ୍ଲବ୍ ସଭାପତି ଅକ୍ଷୟ ବେହେରା, ଜାଗ୍ରତ ଯୁବ ସଂଗଠନ ସଂପାଦକ ସମୀର ରାଉତରାୟ, କଂଗ୍ରେସ ନେତା ଅଜୟ ମିଶ୍ର, ପୁରୀ ଜିଲ୍ଲା ସାମ୍ବାଦିକ ସଂଘ (ଏସ୍‌ୟୁଜେ) ସଭାପତି ଡ଼ଃ କେଦାର ନାଥ ସାହୁ, ସଭ୍ୟ ପବିତ୍ର ମିଶ୍ର ପ୍ରମୁଖ ଯୋଗ ଦେଇ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଦାବି କରିଥିଲେ ।



ଲୋକସେବା ଭବନରେ ସିବିଏସଇ'ର ଦୁଇ ଟପର୍ ଛାତ୍ରୀ ଟିନା ଓ ଆଲିଶାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରୁଥିବାର ଦୃଶ୍ୟ (ଫଟୋ-ଦିନଲିପି)

# ଚୋରାଚାଲାଣ ବେଳେ ମାଡ଼ିବସିଲା ବନ ବିଭାଗ

ନୟାଗଡ଼, ୧୬।୪(ନିପ୍ର): ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜ କୁଜାମେଣ୍ଡି ବିଟ ହାଉସ ଅଞ୍ଚଳରୁ ଚିତାବାଘର ଛାଲ ଓ ୧୬୪ ଖଣ୍ଡ ବଜ୍ରକାପ୍ଟା କାତି ଜବତ ହୋଇଛି । ଏହି ଘଟଣାରେ କୁଜାମେଣ୍ଢୀ ଗାଁର ଜ୍ୟୋସ୍ନା ରାଣୀ ମଲ୍ଲିକ ଓ ପୁଅ ପ୍ରଦୀପ ମଲ୍ଲିକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ବନ ବିଭାଗର ସୂଚନା ଅନୁଯାୟୀ ଫୁଲବାଣୀ ଅଞ୍ଚଳରୁ ଚିତାବାଘ ଶିକାର ହୋଇଥିବା ବେଳେ, ଦଶପଲ୍ଲା ଅଞ୍ଚଳରୁ ବଜ୍ରକାପ୍ଟାକୁ ଶିକାର ହୋଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନବିଭାଗ ପକ୍ଷରୁ କୁଜାମେଣ୍ଢୀ ଗାଁରେ ଚଢ଼ାଉ କରାଯାଇଥିଲା।

# ସଫେଇ କର୍ମଚାରୀଙ୍କ ଧାରଣା

ନିମାପଡ଼ା, ୧୬।୪(ନିପ୍ର): ନିମାପଡ଼ା ଏନ୍‌ଏସିର ୬୦ରୁ ଉର୍ଦ୍ଧ୍ୱ ସଫେଇ କର୍ମଚାରୀ ନିୟମିତ ମାସିକ ବେତନ ପାଉ ନଥିବାରୁ ଗୁରୁବାର ସକାଳେ କାର୍ଯ୍ୟ ବନ୍ଦ କରି ଅଫିସ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କର୍ମଚାରୀମାନେ ବିଭିନ୍ନ ସ୍ଲୋଗାନ ଦେଇ କାର୍ଯ୍ୟ ନିର୍ବାହୀଙ୍କ ଅଧିକାରୀଙ୍କ ବେପରୁଆ ମନୋଭାବ ଏବଂ କର୍ମଚାରୀଙ୍କୁ ଧମକ ଚମକ ଦେଉଥିବା ନେଇ ଆନ୍ଦୋଳନରତ କର୍ମଚାରୀମାନେ ଅଭିଯୋଗ କରିଥିଲେ । ଦୀର୍ଘଦିନ ଧରି ନ୍ୟାୟ ସଂଗତ ବେତନ ପ୍ରଦାନ କରାଯାଉ ନ ଥିବାରୁ କର୍ମଚାରୀମାନେ ଅଭିଯୋଗ କରି କାର୍ଯ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଦୀର୍ଘ ୧୫ ଘଣ୍ଟା ପରେ ଜବତ ହେଲା ବେଆଇନ୍ ବାଲି ବୋଝେଇ ହାଇୱା

ଆସିକା, ୧୬/୪(ନିପ୍ର): ଦୀର୍ଘ ୧୦ଘଣ୍ଟାର କସରତ ପରେ ଜବତ ହେଲା ବେଆଇନ ବାଲି ବୋଝେଇ ହାଇୱା। ଗତକାଲି ରାତିରେ ଆସିକା ତହସିଲଦାର କନିଷ୍ଠ ଖଣି ଅଧିକାରୀ ପ୍ରମୁଖ ବେଆଇନ ବାଲି ଚାଲାଣ ହେଉଥିବାର ଖବର ପାଇ ଆସିକା ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ କାଳକ୍ଷଣ୍ଡପୁର ଛକ ଠାରେ ଓଡ଼ି ୦୪ଏନ ୮୮୭୭ ନମ୍ବର ହାଇୱାକୁ ଅଟକାଇଲା ବେଳେ ଗାଡିଟିକୁ ଅଟକାଇ ଗାଡି ଡ୍ରାଇଭର ଫେରାର ହୋଇଯାଇଥିଲା। ଘଟଣା ସ୍ଥଳରେ ରାତ୍ର ୧୦.୩୦ ମିନଟରୁ ଅପରାହ୍ନ ୧୨ଘଣ୍ଟ ପର୍ଯ୍ୟନ୍ତ ଅଧିକାରୀମାନେ ଗାଡିଟିକୁ ଜଗିରହିଥିଲେ ମଧ୍ୟ ଗାଡି ଡ୍ରାଇଭର କି ମାଲିକ କାହାର ମଧ୍ୟ ଦେଖା ମିଳିନଥିଲା। ଶେଷରେ ଆସିକା ତହସିଲଦାର ଆସିକା ଥାନାକୁ ଲିଖିତ ଅଭିଯୋଗ ପରେ ପୋଲିସ ଉକ୍ତ ଗାଡିଟିକୁ ଆସିକା ଥାନାରେ ଅଟକ ରଖିଛି। ଗାଡିଟିର ଟ୍ରାଞ୍ଜିଟ ପାସ ନଥିବା ଯୋଗୁଁ ଗାଡିଟି ଅଟକ ଥିବା ଖଣି ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି। ପ୍ରକାଶ ଥାଉକି ଆସିକା ଦେଇ ପ୍ରବାହିତ ହୋଇଥିବା ଋଷିକୂଲ୍ୟା ଓ ବଡ଼ନଦୀରେ କେନ୍ଦୁପଦର, ରିଷିପୁର, ନିରାଳ, ପଥରା, ନୂଆପଲ୍ଲୀ, ଚରାମାରିଆ, ଫାପଲପୁର ଆଦି ୭ଟି ସ୍ଥାନରେ ପ୍ରଶାସନ ପକ୍ଷରୁ ବେଆଇନ ବାଲି ଚୋରା ଚାଲାଣକୁ ରୋକିବା ପାଇଁ ୧୬୩ ଧାରା ଲଗାଯାଇଥିବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ କରି ବାଲି ମାଫିଆମାନେ ପ୍ରତିଦିନ ଶହଶହ ହାଇୱା ବାଲି ଚୋରା ଚାଲାଣ କରି ଜିଲ୍ଲା ତଥା ପଡୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶକୁ ଚାଲାଣ କରି ଦୈନିକ ଲକ୍ଷଲକ୍ଷ ଟଙ୍କା ରାଜସ୍ୱ ଲୁଟ କରିବାରେ ଲାଗିଛନ୍ତି।

# ଓପି ଜିନ୍ଦଲ ସ୍କୁଲର ଶତପ୍ରତିଶତ ସଫଳତା



**ଅନୁଗୁଳ, ୧୬/୪(ନିପ୍ର):** ଅନୁଗୁଳର ଓପି ଜିନ୍ଦଲ ସ୍କୁଲର ଛାତ୍ରଛାତ୍ରୀମାନେ ସଦ୍ୟ ପ୍ରକାଶିତ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଅସାଧାରଣ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ସ୍କୁଲର ମୋଟ ୯୪ ଜଣ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ ଏବଂ ୪୭ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ସ୍କୁଲକୁ ଗୌରବାନ୍ୱିତ କରିଛନ୍ତି। ଦିବ୍ୟାନା ଦିବ୍ୟାଂଶା ଦେହୁରୀ ୯୮.୪% ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି । ସେହିଭଳି ଆବିଗେଲ୍ ଡୁଙ୍ଗଡୁଙ୍ଗ, ଶ୍ରେୟସ ମକ୍କଡ଼, ପୁଲକିତ ଧୁଲ୍, ଆସ୍ଥା ଅଦିତି ସାହୁ, ସ୍ୱସ୍ତିକ ଶିବମ ନାୟକ, ସାଇ ଦୀପ୍ତି ମିଶ୍ର, ଅଦିତି ପଟ୍ଟନାୟକ, ଶ୍ରାବଣୀ ରୋହିତ ବିସାନେ, କେଶବ ଅଗ୍ରୱାଲା, ସଂସ୍କୃତି ନାରାୟଣ, କ୍ରିଶଲ ଜୈନ, ବିଷ୍ଣୁ ପ୍ରସନ୍ନ ତ୍ରିପାଠୀ, ସୋହମ କୁମାର ସାହୁ, ଅନୁଷ୍କା ବାନାର୍ଜୀ, ଜାହ୍ନବୀ କଶ୍ୟପ, ଅନ୍ୱିତ ଅଗ୍ରୱାଲ, ଅକ୍ସରା ଗର୍ଗ, ସାଇସ୍ୱରୂପ ସ୍ୱାଇଁ, ପ୍ରିୟାଂଶୁ ସାହୁ, ଏକାଂଶ ଦେଶମୁଖ, ବିଶାଲ ପାଣି, ଉଜ୍ଜ୍ୱଳ କୁମାର ଓ ଅନ୍ୱେଷା ପ୍ରଧାନ ବିଭିନ୍ନ ବିଷୟରେ ସ୍କୁଲ ଟପ୍ପର ହୋଇଛନ୍ତି । ଅନୁଗୁଳ ପ୍ଲାଣ୍ଟ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ପି.କେ. ବିଜୁ ନାୟାର ଶୁଭେଚ୍ଛା ଜଣାଇ ଓ.ପି. ଜିନ୍ଦଲ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ। ସେ, ସେମାନଙ୍କର ସଫଳତାକୁ ଗଢ଼ି ତୋଳିବାରେ ଶିକ୍ଷକ ଏବଂ ଅଭିଭାବକଙ୍କ ଭୂମିକାକୁ ପ୍ରଶଂସା କରିଥିଲେ ଏବଂ ବିଶ୍ୱାସ ପ୍ରକାଶ କରିଥିଲେ ଯେ ଛାତ୍ରଛାତ୍ରୀମାନେ ଦୃଢ଼ ମୂଲ୍ୟବୋଧ ଏବଂ ଶୃଙ୍ଖଳା ସହିତ ଜୀବନରେ ଉତ୍କର୍ଷ ହାସଲ କରିବେ। ଏହି ଅଭୂତପୂର୍ବ ଫଳାଫଳ ଓ.ପି ଜିନ୍ଦଲ ସ୍କୁଲର ଉତ୍କର୍ଷତାର ପ୍ରମାଣ ଅଟେ ଏବଂ ଗୁଣାତ୍ମକ ଶିକ୍ଷା, ସାମଗ୍ରିକ ବିକାଶ ଏବଂ ଶିକ୍ଷାକ୍ଷେତ୍ରରେ ଏକ ଉଚ୍ଚମାନଦଣ୍ଡ ସ୍ଥାପନ କରିବାର ପ୍ରତିବଦ୍ଧତାକୁ ସୂଚିତ କରୁଛି । ସ୍କୁଲର ଏହି ସଫଳତା ପାଇଁ ସ୍କୁଲର ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ସାହୁ ଜିନ୍ଦଲ ଫାଉଣ୍ଡେସନ, ସ୍କୁଲ ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

# ଇଗ୍ନୋ ଆଞ୍ଚଳିକ କେନ୍ଦ୍ରରୁ ୨୦ ୟୁନିଟ୍ ରକ୍ତ ସଂଗ୍ରହ



ଭୁବନେଶ୍ୱର, ୧୬/୪(ନିପ୍ର): ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର ଆମ୍ବେଦକର ଜୟନ୍ତୀ ଉପଲକ୍ଷେ ରକ୍ତଦାନ ଶିବିରର ଆୟୋଜନ ଅନୁଷ୍ଠିତ ହୋଇଥିଲା। ଏହା କ୍ୟାପିଟାଲ ହସ୍ପିଟାଲ ବ୍ଲଡ ବ୍ୟାଙ୍କ ସହିତ ମିଳିତ ଭାବରେ ଆୟୋଜିତ ହୋଇଥିଲା। ଏହି ଅବସରରେ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ଏବଂ କ୍ୟାପିଟାଲ ହସ୍ପିଟାଲ ବ୍ଲଡ ବ୍ୟାଙ୍କ, ଭୁବନେଶ୍ୱରକୁ ହସ୍ତାନ୍ତର କରାଯାଇଥିଲା। ଡାକ୍ତର ଏମ କେ ଦାଶ, ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଥମେ ରକ୍ତଦାନ କରିଥିଲେ। ଉପନିର୍ଦ୍ଦେଶକ ଡକ୍ଟର ପି କେ ଜେନା, ଡେପୁଟି ରେଜିଷ୍ଟ୍ରାର ସଞ୍ଜୟ ପଟେଲ, ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଏବଂ ଆଞ୍ଚଳିକ ମୂଲ୍ୟାୟନ କେନ୍ଦ୍ର, ଭୁବନେଶ୍ୱରର ଅନ୍ୟାନ୍ୟ କର୍ମଚାରୀ, ଏକାଡେମିକ୍ ପରାମର୍ଶଦାତା ଡକ୍ଟର ରଘୁନାଥ ମଣ୍ଡଳ ମଧ୍ୟ ଏହି ଅବସରରେ ରକ୍ତଦାନ କରିଥିଲେ। କ୍ୟାପିଟାଲ ହସ୍ପିଟାଲ ରକ୍ତଭଣ୍ଡାରର ଡାକ୍ତର ନିହାରିକା ହୋନହୋଗା, ସାରଦା କାନ୍ତ ଚୌଧୁରୀ ଏବଂ ଅନ୍ୟାନ୍ୟ କର୍ମଚାରୀ ରକ୍ତ ୟୁନିଟ୍ ସଂଗ୍ରହରେ ବୈଷୟିକ ସହାୟତା ପ୍ରଦାନ କରିଥିଲେ। ଭୁବନେଶ୍ୱର ଇଗ୍ନୋ ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ଏମ୍ କେ ଦାଶ ରକ୍ତଦାତାମାନଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ କ୍ୟାପିଟାଲ ହସ୍ପିଟାଲ ରକ୍ତଭଣ୍ଡାରର ବୈଷୟିକ ଦଳକୁ ସମ୍ମାନିତ କରିବା ସହ ଧନ୍ୟବାଦ ଜଣାଇଥିଲେ। ଉପନିର୍ଦ୍ଦେଶକ ଡକ୍ଟର ବିମଳ ଚନ୍ଦ୍ର ନନ୍ଦ, ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ଏସ୍ କେ ପାଣିଗ୍ରାହୀ, ଉପନିର୍ଦ୍ଦେଶକ ଡକ୍ଟର ପି କେ ଜେନା, ସହକାରୀ ନିବନ୍ଧକ ବନମାଳୀ ସାହୁ, ଆଞ୍ଚଳିକ କେନ୍ଦ୍ରର ଅନ୍ୟାନ୍ୟ ଅଧିକାରୀ ଏବଂ ସହକାରୀ ସଂଯୋଜକ ଡକ୍ଟର ବିନୟ ମହାପାତ୍ର, ଆୟୁଷ୍ମାନ ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମକୁ ସକ୍ରିୟ ଭାବରେ ସଂଯୋଜନା କରିଥିଲେ।

**AFFIDAVIT**

By virtue of an affidavit sworn before The Executive Magistrate, Rairakhol affidavit no.493 Dt.16.04.2026, I Janaka Sandha, At-Terbeda, Po-Daincha, Ps-Rairakhol, Dist-Sambalpur, Ps-Rairakhol, Dist-Sambalpur, Odisha-768106 do hereby declare that I have changed my name from Janak Sandha to Janaka Sandha. Henceforth I shall be known as Janaka Sandha for all purposes.

Sd/-Janaka Sandha

**AFFIDAVIT**

By virtue of an affidavit sworn before The Executive Magistrate, Rairakhol affidavit no.505 dated 16.04.2026, I Bhisma Sahoo s/o-Bhramara Sahoo At-Pathuria, Po-Ghosaramal, Ps-Rairakhol, Dist-Sambalpur, Odisha-768106 do hereby declare that I have changed my name from Vishma Sahu to Bhisma Sahoo. Henceforth I shall be known as Bhisma Sahoo for all purposes.

Sd/-Bhisma Sahoo

# ସହରାଞ୍ଚଳ ପାର୍କିଂ ପଲିସି, ଲୋକଙ୍କ ମତାମତକୁ ଅପେକ୍ଷା: ମନ୍ତ୍ରୀ



ଭୁବନେଶ୍ୱର, ୧୬/୪(ନିପ୍ର): ୨୦୧୭-୧୮ ମସିହାରେ ରାଜ୍ୟରେ ୯୧ ଲକ୍ଷ ଗାଡ଼ି ଥିଲା । ୨୦୨୩-୨୪ ସୁଦ୍ଧା ଏହା ଦେଢ଼ କୋଟିରେ ପହଞ୍ଚିଲାଣି । ଗତ ୬ ବର୍ଷରେ ରାଜ୍ୟରେ ଗାଡ଼ି ସଂଖ୍ୟା ୬୫% ବଢ଼ିଗଲାଣି । ଗାଡ଼ି ସଂଖ୍ୟା ଅନିୟନ୍ତ୍ରିତ ଭାବେ ବଢୁଥିବାରୁ ସହରାଞ୍ଚଳରେ ପାର୍କିଂ ସମସ୍ୟା ଗୁରୁତର ହେଲାଣି । ଗାଡ଼ି ପଞ୍ଜିକରଣ ସମୟରେ ପାର୍କିଂ ସାର୍ଟିଫିକେଟ ଦେବାକୁ ହେବ । ପାର୍କିଂ ସୁବିଧା ନ ଥିଲେ ବେସରକାରୀ ଗାଡ଼ି କିଣିବାକୁ ଅନୁମତି ମିଳିବନି । ସରକାର ସବୁ ସହରାଞ୍ଚଳ ପାଇଁ ଜାରି କରିଥିବା ଚିଠା ପାର୍କିଂ ନୀତିରେ ଏଭଳି କଡ଼ା ବ୍ୟବସ୍ଥା ରଖିଛନ୍ତି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ଚିଠା ପାର୍କିଂ ନୀତି ଅଣାଯାଇଛି । ଆସନ୍ତା ୨୮ ତାରିଖ ଭିତରେ ଏହି ଚିଠା ନୀତି ଉପରେ ନିଜ ଅଭିଯୋଗ ବା ପ୍ରସ୍ତାବ ଦେବାକୁ କୁହାଯାଇଛି । ସହରରେ ବଢ଼ି ଚାଲିଥିବା ଗାଡ଼ି ସଂଖ୍ୟାକୁ ନିୟନ୍ତ୍ରଣକୁ ଆଣିବା, ଟ୍ରାଫିକ ଭିଡ଼ କମାଇବା, ପବ୍ଲିକ ଟ୍ରାନ୍ସପୋର୍ଟର ବ୍ୟବହାର ବଢ଼ାଇବା ଓ ବ୍ୟବସ୍ଥିତ ପାର୍କିଂ ଲାଗୁ କରିବାକୁ ସରକାର ଏହି ନୀତି ଆଣିଛନ୍ତି ।ଏ ପ୍ରସଙ୍ଗରେ ମତ ରଖିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ସେ କହିଛନ୍ତି ବେଆଇନ ପାର୍କିଂ ଯୋଗୁ ଲୋକମାନେ ହିଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେଥିପାଇଁ ଆମେ ଲୋକମାନଙ୍କ ମତାମତ ଲୋଡିଛୁ । ରାସ୍ତା କଡରେ କାର୍ ପାର୍କିଂ କରିବା, ଅଣ ଓସରିଆ ଜାଗାରେ କାର୍ ପାର୍କିଂ କରିବା, ଜାଗା ନଥିବା ସ୍ଥାନରେ ପାର୍କିଂ କରିବା ଦ୍ୱାରା ଟ୍ରାଇକ୍ ଜାମ୍ ହେଉଛି, ଲୋକେ ବହୁତ ହଇରାଣ ହେଉଛନ୍ତି । ଦିନକୁ ଦିନ ଗାଡି ସଂଖ୍ୟା ବଢୁଛି । ତେଣୁ ଏବେ ଯିଏ ନୂଆ ଗାଡି ନେବ, ସେ ପାର୍କିଂ ବ୍ୟବସ୍ଥା କରିକି ରେଜିଷ୍ଟ୍ରେସନ କରିବେ । ବେଆଇନ ପାର୍କିଂ ଯୋଗୁ ଯାହା ଫାଇନ ଆଦାୟ ହେବ ସେସବୁ ପାର୍କିଂ କାମରେ ହିଁ ଲାଗିବ ।

## ଡିଏଭି ସ୍କୁଲ ଦଶମ ଶ୍ରେଣୀ ପରୀକ୍ଷାରେ ଶତ ପ୍ରତିଶତ ସଫଳତା

ନିମାପଡ଼ା, ୧୬।୪ (ନିପ୍ର): କେନ୍ଦ୍ରୀ ମାଧ୍ୟମିକ ଶିକ୍ଷା ବୋର୍ଡ଼ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ନିମାପଡ଼ା ଡ଼ିଏଭି ସ୍କୁଲ ଶତ ପ୍ରତିଶତ ସଫଳତା ଲାଭ କରିଛି ବୋଲି ଅଧକ୍ଷ ଡ଼ଃ ଏମ୍ ଏମ୍ ହକ୍‌ଙ୍କ ଠାରୁ ପ୍ରକାଶ । ଛାତ୍ର ତନ୍ମୟ ଦାସ (୯୯%)ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସାଇ ସୌରଭ ପ୍ରଧାନ (୯୮.୬୦%) ଦ୍ୱିତୀୟ, ଛାତ୍ରୀ ଦିବ୍ୟାଙ୍କା ପ୍ରିୟଦର୍ଶିନୀ ରଥ (୯୮.୨୦%) ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ୫ ଜଣ ଛାତ୍ରଛାତ୍ରୀ ୯୫% ନମ୍ବର ରଖିଥିବା ବେଳେ ୧୮ ଜଣ ଛାତ୍ରଛାତ୍ରୀ ୯୦% ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ବିଦ୍ୟାଳୟ ସୂତ୍ରରୁ ପ୍ରକାଶ ।

10001/48/2627

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SAMBALPUR**
**(SHORT TENDER CALL NOTICE)**
**NO. DMC-CHEM-BCL/01/23512026-27 DATE: 13,04.26**

Sealed tenders are invited from registered Firms/Suppliers/ Manufacturers/ authorized distributors for supply of Drugs, Chemical & BCL an urgent basis to the undersigned. The hard copy of details tender terms and condition are available in DHH Sub-Store may be collected (On Working days) by depositing an amount of Rs. 2000/- (Rupees TwoThousand only) in shape of demand draft infavour of CDM & PHO, Sambalpur payable at Sambalpur from any Nationalized/ Scheduled Bank. The tender should reach to the undersigned on or before 28.04.2026 up to 11.00AM (On working days) through Speed Post/Registered Post/ Courier Service only. The tender will be opened on 28.04.2026 at 12.00 Noon in the office chamber of the undersigned. The undersigned reserves the right to reject any or all the tenders without assigning any reason thereof.

*Sd/- Chief District Medical & Public Health Officer, Sambalpur*

OIPR-10001/10049/1/26-27/0001

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ